# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ସୋମବାର, ମେ ୨୬/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, May 26/2025 | Page 12 | ₹ 7.00 | BERHAMPUR

୫୧ଶ ଭାଗ ୧୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 180 | ମୂଲ୍ୟ₹୭/-





**‘ଧଡ଼କ ୨’କୁ ସେନ୍ସରବୋର୍ଡ ଝଟକା**

ଅଭିନେତ୍ରୀ ତୃପ୍ତି ଡିମ୍ରୀଙ୍କ ‘ଧଡ଼କ ୨’ ଫିଲ୍ମକୁ ସେନ୍ସର ବୋର୍ଡ ସାର୍ଟିଫିକେଟ ମିଳିଛି। ଫିଲ୍ମର ୧୬ଟି ଦୃଶ୍ୟକୁ ସେନ୍ସର ବୋର୍ଡ ହଟାଇ ଦେଇଛି। ୦୨

୧୨ **ବ୍ରେଭିସ୍ ପ୍ଲେୟର ଅଫ୍ ଦି ମ୍ୟାଚ**

ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ମୁକାବିଲାରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସର ଡେୱାଲ୍ଡ ବ୍ରେଭିସ୍।




## କେରଳ ଉପକୂଳରେ ବୁଡ଼ିଲା ଲାଇବେରିଆ ଜାହାଜ

### ତେଲ ଲିକ୍ ସମ୍ଭାବନା ନେଇ ନୌସେନା ଆଲର୍ଟରେ

**କୋଚି/ନୂଆଦିଲ୍ଲୀ,୨୫ା୫(ପି.ଟି.)**

ଲାଇବେରିଆର ମାଲ୍‌ବାହୀ ଜାହାଜ ଏମ୍‌ଏସ୍‌ସି ଇଏଲ୍‌ଏସ୍‌ଏ-୩ ରବିବାର କେରଳର କୋଚି ଉପକୂଳରେ ବୁଡ଼ିଯାଇଛି। ଉକ୍ତ ଜାହାଜରେ ୧୩ଟି ବିପଜ୍ଜନକ ସାମଗ୍ରୀ ଓ ୧୨ଟି କାଲ୍‌ସିୟମ କାର୍ବାଇଡ୍ କଣ୍ଟେନର ସମେତ ମୋଟ ୬୪୦ କଣ୍ଟେନର ଥିଲା। ଏଥିସହିତ ସେଥିରେ ୮୪.୪୪ ଟନ୍ ଡିଜେଲ୍ ଏବଂ ୩୬୭.୧ ଟନ୍ ଫର୍ନେସ୍ ଅଏଲ୍ ଲୋଡ୍ ହୋଇଥିଲା। ଜାହାଜରୁ ତୈଳ ଲିକ୍ ସମ୍ଭାବନା ନେଇ ଆତଙ୍କ ସୃଷ୍ଟି ହୋଇଥିବାବେଳେ ନୌସେନା ଏବଂ ତଟସୁରକ୍ଷା ବାହିନୀ ଆଲର୍ଟରେ ରହିଛି। ତେବେ ଜାହାଜର ସମସ୍ତ ୨୪ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି।






## କୁଳଡ଼ିହାରୁ ୫ ସଶସ୍ତ୍ର ଶିକାରୀ ଗିରଫ

**ନୀଳଗିରି, ୨୫ା୫,(ପ୍ରଶାନ୍ତ କୁମାର ବିଶ୍ୱାଳ)**

ଗିରଫଦାରିରୁ ବର୍ତ୍ତିବା ପାଇଁ ଶିକାରୀ ବାରମ୍ବାର ଚୋରି କରୁଥିଲେ ଟ୍ରାପ କ୍ୟାମେରା। ମାତ୍ର ଆକ୍ସନ ମୋଡରେ ଥିବା ବନବିଭାଗ ସେମାନଙ୍କୁ ଧରିବା ପାଇଁ ଖଞ୍ଜିଥିଲେ ଗୁପ୍ତ କ୍ୟାମେରା। ବନବିଭାଗର ଏହି ଚତୁରତାରେ ଫସିଯାଇଛନ୍ତି ୫ ସଶସ୍ତ୍ର ଶିକାରୀ। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଥିବା କୁଳଡିହାରେ ଅଭୟାରଣ୍ୟରୁ ଶନିବାର ରାତିରେ ଧରାପଡିଥିବା ଏହି ଶିକାରୀମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ସିସିଟିଭି ଫୁଟେଜ ଆଧାରରେ କୁଳଡିହା ଅଭୟାରଣ୍ୟ ଚେମଚଟା ବିଟ୍ ଅଧୀନ ଜଙ୍ଗଲରେ ଶିକାରୀମାନେ ଟ୍ରାପ କ୍ୟାମେରା ଚୋରି କରୁଥିବା ବେଳେ ଅନ୍ୟ ଏକ ଗୁପ୍ତ କ୍ୟାମେରାରେ ସେମାନଙ୍କ ମୁହଁ କଏଦ ହୋଇଥିଲା। ଏଥିରୁ ବନବିଭାଗ ସେମାନଙ୍କୁ ଚିହ୍ନଟ କରିଥିଲା। ଶନିବାର ରାତିରେ କୁଳଡିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ ସୁବ୍ରତ ବେହେରାଙ୍କ ନେତୃତ୍ୱରେ ଫରେଷ୍ଟର, ଫରେଷ୍ଟଗାର୍ଡ ଏକ ଟିମ ଅତର୍କିତ ଚଢାଉ ☞ପୃଷ୍ଠା-୪



କେରଳର କୋଚି ଉପକୂଳରେ ରବିବାର ଲାଇବେରିଆର ଏକ ମାଲବାହୀ ଜାହାଜ ବୁଡ଼ିଯାଉଥିବାର ଦୃଶ୍ୟ।

# ଧନ୍ଦାମୂଳକ ଶିକ୍ଷାରେ ବାଧକ ବିଏଫ୍‌ସି କଟକଣା

**ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯୁକ୍ତ୨ ଧନ୍ଦାମୂଳକ(ଭୋକେଶନାଲ) ଶିକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଗଭର୍ନମେଣ୍ଟ ଭୋକେଶନାଲ ହାୟର ସେକେଣ୍ଡାରି ସ୍କୁଲ) ଖୋଲି ଜୀବିକା ସୃଷ୍ଟି ପାଇଁ ନୂଆ ସୁଯୋଗ ଦେଉଛନ୍ତି। ହେଲେ ବାସ୍ତବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ଶିକ୍ଷା ପ୍ରତି ଆଶାଜନକ ଉତ୍ସାହ ଦେଖିବାକୁ ମିଳୁନାହିଁ। ଯେତିକି ସଂଖ୍ୟାରେ ଭୋକେଶନାଲ ପାଠ୍ୟକ୍ରମ ପାଇଁ ସିଟ୍ ରହିଛି, ତାହାର ପ୍ରାୟ ୫୦% ଖାଲି ପଡୁଛି। ଏହି ପାଠ୍ୟକ୍ରମରେ ଚୟନଭିତ୍ତିକ ବିଷୟ ନ ରହିବା ଏବଂ ବିଏଫ୍‌ସି (ବେସିକ୍ ଫାଉଣ୍ଡେଶନ କୋର୍ସ) କଟକଣା ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ ପ୍ରତି ବିମୁଖ କରୁଥିବା କୁହାଯାଉଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପାଇଁ ଏକାଧିକ ପସନ୍ଦର ବିଷୟ ବାଛିବାର ସୁଯୋଗ ରହିଥିବାବେଳେ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହା ନାହିଁ। ଏହି ଅସମାନତା ଦୂର କରାଯାଇପାରିଲେ ଦେଖାଦେଇଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ଶିକ୍ଷାବିତ୍ ମହଲରେ ମତ ପ୍ରକାଶ ପାଉଛି।**

**ଜଗତ୍‌ସିଂହପୁର, ୨୫ା୫ (ପ୍ରମୋଦ କୁମାର ନାୟକ)**

ରାଜ୍ୟରେ ୨୩୩ଟି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେଥିରୁ ୩ଟି ବିଭିନ୍ନ କାରଣରୁ ଖୋଲିପାରିନାହିଁ। ୧୮ଟିରେ ଗୋଟିଏ ଲେଖାଏ ଓ ଅବଶିଷ୍ଟ ୨୧୨ଟିରେ ୨ଟି ଟ୍ରେଡ୍ ବିଷୟ ରହିଛି। ଅର୍ଥାତ୍ କଳା, ବିଜ୍ଞାନ ଓ ବାଣିଜ୍ୟ ମଧ୍ୟରୁ ଯେକୌଣସି ୨ଟି ଷ୍ଟ୍ରିମ୍‌ରେ ପଢ଼ିବା ପାଇଁ ଇଚ୍ଛୁକ ଛାତ୍ରୀଛାତ୍ରମାନେ ପୃଥକ ଟ୍ରେଡ୍ ବିଷୟ ନେଇ ଶିକ୍ଷାଲାଭ କରିପାରିବେ। ପ୍ରତି ଟ୍ରେଡ୍‌ରେ ୨୪ଟି ସିଟ୍ ରହିଛି। ଏହି ହିସାବରେ ରାଜ୍ୟରେ ୧୦,୬୦୮ ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଲାଭ ପାଇଁ ସୁଯୋଗ ଅଛି। କିନ୍ତୁ ୨୦୨୪-୨୫ରେ ପାଖାପାଖି ୫୬% ଅର୍ଥାତ୍ ୫୯୦୮ ଛାତ୍ରୀଛାତ୍ର ଏହି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇଛନ୍ତି। ୨୦୨୩-୨୪ରେ ୫୬୪୭ ଜଣ ନାମ ଲେଖାଇଥିବାବେଳେ ଗତବର୍ଷ କେତେକ ଶିକ୍ଷାନୁଷ୍ଠାନରେ ଆଦୌ ପିଲା ନାମ ଲେଖାଇ ନ ଥିବା ଜଣାପଡ଼ିଛି। ସରକାର ଧନ୍ଦାମୂଳକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ଓ ଟ୍ୟୁଶନ ଫି ବାବଦରେ କମ୍ ଟଙ୍କା ଧାର୍ଯ୍ୟ କରି ପିଲାଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଛନ୍ତି। ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହେବା ପାଇଁ ଟ୍ରେଡ୍ ବିଷୟରେ ଶିକ୍ଷାଦାନ ବ୍ୟବସ୍ଥା କରୁଛନ୍ତି। କିନ୍ତୁ ଛାତ୍ରୀଛାତ୍ରମାନେ ଏହି ଶିକ୍ଷା ପ୍ରତି ମୁହଁ ମୋଡୁଛନ୍ତି। କେତେଜଣ ଶିକ୍ଷକ ନାମ ଗୋପନ ରଖି କହିଛନ୍ତି, ବାସ୍ତବରେ ବିଏଫ୍‌ସିରେ ନିର୍ଦ୍ଦିଷ୍ଟ ବିଷୟ ପଢ଼ିବା ପାଇଁ ବାଧ୍ୟବାଧକତା ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଉଦାହରଣ ସ୍ୱରୂପ କୌଣସି ଛାତ୍ରୀଛାତ୍ର କଳାରେ ନାମ ଲେଖାଇବାକୁ ଚାହିଁଲେ ଏମ୍‌ଆଇଏଲ୍ (ମଡର୍ନ ଇଣ୍ଡିଆନ ଲାଙ୍ଗୁଏଜ୍), ଇଂଲିଶ ସାଧାରଣ ଅନ୍ୟ ଶିକ୍ଷାନୁଷ୍ଠାନ ପରି ବାଧ୍ୟତାମୂଳକ ରହିଛି। କିନ୍ତୁ ବିଏଫ୍‌ସିରେ ଅସମାନତା ରହୁଛି। ଅନ୍ୟ ସାଧାରଣ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନରେ ଥିବା ସମସ୍ତ ବିଷୟ ମଧ୍ୟରୁ ୪ଟିକୁ ବିଏଫ୍‌ସି ହିସାବରେ ଚୟନ



ପାଇଁ ସୁଯୋଗ ଥିବାବେଳେ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଅର୍ଥାତ୍ ୩ଟି ବିଷୟ ଯଥା ଇତିହାସ, ରାଜନୀତି ବିଜ୍ଞାନ ଓ ଅର୍ଥଶାସ୍ତ୍ର ନେବା ପାଇଁ ବାଧ୍ୟବାଧକତା ରହିଛି। ଟ୍ରେଡ୍ ବିଷୟ ହିସାବରେ ସାରା ରାଜ୍ୟରେ ଇନ୍‌ଫର୍ମେଶନ୍ ଟେକ୍‌ନୋଲୋଜି, ଇନ୍‌ଫର୍ମେଶନ୍ ଟେକ୍‌ନୋଲୋଜି ଏନାବଲ୍‌ଡ ସର୍ଭିସେସ୍, ମେଡିକାଲ ଲାବରେଟୋରି ଟେକ୍ନିକ୍ୟୁଜ୍ କ୍ରପ ପ୍ରଡକ୍ସନ୍, ଡାଇରିଂ, ହର୍ଟିକଲ୍‌ଚର, ଇନ୍‌ଲାଣ୍ଡ ଫିଶରିଜ୍, ପୋଲ୍‌ଟ୍ରି ଫାର୍ମିଂ, ସେରିକଲ୍‌ଚର, କମ୍ପ୍ୟୁଟର ଟେକ୍‌ନିକ୍ୟୁଜ୍, ପାରା ମେଡିକାଲ ହେଲ୍‌ଥ କେୟାର, ମାଇକ୍ରୋ ବାୟୋଲୋଜି ଆଣ୍ଡ ସେରୋଲୋଜି ଆଦି ୨୫ଟି ବିଷୟ ରହିଛି। ପ୍ରତି ଶିକ୍ଷାନୁଷ୍ଠାନରେ ଅତିବେଶିରେ ୨ଟି ଟ୍ରେଡ୍ ବିଷୟରେ ମୋଟ ୪୮ ଜଣଙ୍କୁ ଶିକ୍ଷାଲାଭର ସୁଯୋଗ ଅଛି। ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ବିଏଫ୍‌ସି ଭାବେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ କିମ୍ବା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ ବିଷୟ ନେବାକୁ ପଡୁଛି। ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ବିଏଫ୍‌ସି ଭାବେ ଆକାଉଣ୍ଟାନ୍ସି, ବିଜନେସ୍ ଷ୍ଟଡିଜ୍ ଆଣ୍ଡ ମ୍ୟାନେଜମେଣ୍ଟ ଓ ଇକୋନୋମିକ୍ସ ରହିଛି। ମାତ୍ର ଧନ୍ଦାମୂଳକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକରେ ବିଏଫ୍‌ସିରେ ଅଧିକ ବିଷୟ ଚୟନ ଉପରେ କଟକଣା ଥିବାରୁ ଏହାର ଚାହିଦା ରହୁନାହିଁ।

ଏ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର. ଆୟରଙ୍କ ସହ ଯୋଗାଯୋଗ କରିବାରେ ପ୍ରସଙ୍ଗର ଗମ୍ଭୀରତା ଥିବା କହିବା ସହ ବିଏଫ୍‌ସିରେ ଥିବା କଟକଣା ଉଠାଇବା ବାବଦରେ ଉପଯୁକ୍ତ ଫୋରମ୍‌ରେ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। କାଉନ୍‌ସିଲ ଅଫ୍ ହାୟର ସେକେଣ୍ଡାରି ଏଜୁକେଶନ(ସିଏଚ୍‌ଏସ୍‌ଇ) ଡେପୁଟି ସେକ୍ରେଟାରି ଯଶୋବନ୍ତ ସାମଲଙ୍କୁ ପଚାରିବାରୁ ଏହି ପ୍ରସଙ୍ଗର ପ୍ରାସଙ୍ଗିକତା ଥିବାରୁ ବିଏଫ୍‌ସିରେ ଥିବା କଟକଣା ଉଠାଯିବା ଉପରେ ଚିନ୍ତା କରାଯାଉଛି। ନିକଟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସହ ଏକ ଯୁଗ୍ମ କମିଟି ବୈଠକ ହୋଇଥିଲା। ସରକାରଙ୍କଠାରୁ ଅନୁମତି ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ତଥାପି ଚଳିତ ଶିକ୍ଷାବର୍ଷରେ ଏହା ଉପରେ ବିଚାର କରାଯାଉଥିବା ସାମଲ କହିଛନ୍ତି।

## ସାଢ଼େ ୫ଟା ପୂର୍ବରୁ ଅଫିସ୍ ଛାଡ଼ିବା ମନା

### ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ମଚାରୀଙ୍କ ପାଇଁ କଡ଼ା ନିର୍ଦ୍ଦେଶ

**ଭୁବନେଶ୍ୱର,୨୫ା୫ (ସୁଚିସ୍ମିତା ସାହୁ)**

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କର୍ମଚାରୀଙ୍କ ପାଇଁ କଡା ନିର୍ଦ୍ଦେଶ ଜାରି କରାଯାଇଛି। ସକାଳ ୧୦ଟା ସୁଦ୍ଧା ଅଫିସ୍ ଆସିବେ ଓ ଅପରାହ୍ନ ୫ଟା ୩୦ ପରେ ଘରକୁ ଯିବେ। ସମସ୍ତ କର୍ମଚାରୀ ଅତିକମ୍‌ରେ ସାଢ଼େ ୭ ଘଣ୍ଟା କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ପଡିବ। ଗୋଟିଏ ମାସରେ ତିନିଦିନ ବିଳମ୍ବରେ ଅଫିସ୍ ଆସିଲେ ଗୋଟିଏ ଦିନର କାଜୁଆଲ ଛୁଟି ଭାବେ ଗ୍ରହଣ କରାଯିବ। ସେହିପରି କାର୍ଯ୍ୟାଳୟରେ କାର୍ଯ୍ୟ ସମୟ ୪ ଘଣ୍ଟାରୁ କମ୍ ହେଲେ ଗୋଟିଏ ଦିନ କାଜୁଆଲ ଛୁଟି ଓ ୪ ଘଣ୍ଟା କାମ କରିବା ପରେ ଅଫିସ୍‌ରେ ଅନୁପସ୍ଥିତ ରହିଲେ ଅଧା ଦିନ ଛୁଟି ଭାବେ ଧରାଯିବ। ଅନ୍ୟପକ୍ଷରେ କୌଣସି କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେ କିମ୍ବା କିଛି ଜରୁରୀ କାମ ରହିଲେ, ସେମାନେ ଉପରିସ୍ଥ କର୍ମଚାରୀଙ୍କୁ ଲିଖିତ ଆକାରରେ ଜଣାଇ ଅନୁମତି ଅନୁଯାୟୀ ଛୁଟିରେ ରହିପାରିବେ। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ଦ୍ଦେଶର କଡା ଅନୁପାଳନ ସହ ସମସ୍ତ କର୍ମଚାରୀଙ୍କ ବାୟୋମେଟ୍ରିକ ବାଧ୍ୟତାମୂଳକ କରାଯାଇଛି। କର୍ମଚାରୀମାନେ କାର୍ଯ୍ୟାଳୟରେ କେଉଁ ସମୟରେ ପହଞ୍ଚିଲେ ଏବଂ କେତେ ସମୟ ମଧ୍ୟରେ କାର୍ଯ୍ୟାଳୟରୁ ବାହାରିଲେ, ସବୁ ତଥ୍ୟ ବାୟୋମେଟ୍ରିକ ମାଧ୍ୟମରେ ଉପଲବ୍ଧ ରହିବ। ସେହି ଅନୁସାରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, କର୍ମଚାରୀମାନେ ମନଇଛା କାର୍ଯ୍ୟାଳୟକୁ ଆସୁଥିଲେ। ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଅଧିକାଂଶ ସମୟରେ ଫାଇଲ୍ ପଡି ରହୁଥିବା ଅଭିଯୋଗ ହେଉଥିଲା। ଏହା ବିଭାଗ ନଜରକୁ ଆସିବା ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ନୂଆ ନିୟମ ଲାଗୁ ହେବା ପରେ କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବେ ବୋଲି ଆଶା କରାଯାଉଛି।


**ଆଜିର ସମ୍ପାଦକୀୟ**

ଜଙ୍ଗଲ ଚିନ୍ତା


## ଜାତି ଜନଗଣନା, ଅପରେଶନ ସିନ୍ଦୂରକୁ ଏନ୍‌ଡିଏ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ

**ନୂଆଦିଲ୍ଲୀ,୨୫ା୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରବିବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଜାତି ଜନଗଣନା ଏବଂ ଅପରେଶନ ସିନ୍ଦୂରକୁ ସମର୍ଥନ ମିଳିଛି। ଅବହେଳିତ ବର୍ଗଙ୍କୁ ବିକାଶର ମୁଖ୍ୟ ସ୍ରୋତକୁ ଆଣିବା ଦିଗରେ ଜାତି ଜନଗଣନା ଏକ ପଦକ୍ଷେପ। ତେବେ ତାଙ୍କ ସରକାର ଜାତି ରାଜନୀତି ଉପରେ ନୁହେଁ ବରଂ ଅବହେଳିତମାନଙ୍କ ସଶକ୍ତୀକରଣ ଉପରେ ବିଶ୍ୱାସ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅପରେଶନ ସିନ୍ଦୂରର ସଫଳତା ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପ୍ରତି ସମର୍ଥନ। ଭାରତ-ପାକିସ୍ତାନ ସଂଘର୍ଷରେ ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆଦିଲ୍ଲୀର ଅଶୋକା ହୋଟେଲରେ ଅନୁଷ୍ଠିତ ଏହି ବୈଠକରେ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ୨୦ ଜଣ ମୁଖ୍ୟମନ୍ତ୍ରୀ, ୧୮ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ଥିଲେ। ବୈଠକରେ ଉତ୍ତରାଖଣ୍ଡର ଏକକ ନାଗରିକ ସଂହିତା (ୟୁସିସି) ସମେତ ୭ଟି ଶ୍ରେଷ୍ଠ ଶାସନ ବ୍ୟବସ୍ଥାକୁ ବୈଠକରେ ଉପସ୍ଥାପନ କରାଯାଇଥିଲା। ‘ବିକଶିତ ଭାରତ’କୁ ବାସ୍ତବରେ ପରିଣତ କରିବା ଦିଗରେ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ବୈଠକରେ ସୁଶାସନକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଦଳୀୟ ନେତାମାନଙ୍କ ଅନାବଶ୍ୟକ ମନ୍ତବ୍ୟକୁ ନେଇ ପ୍ରଧାନମନ୍ତ୍ରୀ ଚିନ୍ତାବ୍ୟକ୍ତ କରିଛନ୍ତି। ଏଭଳି ବିବେକଶୂନ୍ୟ ମନ୍ତବ୍ୟ ଦେବାରୁ ଦୂରେଇ ରହିବା ପାଇଁ ପ୍ରଧାନମନ୍ତ୍ରୀ ଏନ୍‌ଡିଏ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଅପରେଶନ ସିନ୍ଦୂର ଓ ଜାତି ଜନଗଣନା ଉପରେ ୨ଟି ସଙ୍କଳ୍ପନାମା ଗୃହୀତ ହୋଇଛି। ଅପରେଶନ ସିନ୍ଦୂରର ସଫଳତା ପାଇଁ ପ୍ରତ୍ୟେକ ଆମ ସଶସ୍ତ୍ର ବଳ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବା ସହ ଅଭିନନ୍ଦନ ଜଣାଇଥିବା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଅପରେଶନ ସିନ୍ଦୂର ଉପରେ ସଂକଳ୍ପ ପ୍ରସ୍ତାବ ଆଣିଥିବାବେଳେ ଏହାକୁ ଶିନ୍ଦେ ସମର୍ଥନ ଜଣାଇଥିଲେ। ମାଓବାଦୀଙ୍କ ବିରୋଧରେ ଚାଲିଥିବା ଅଭିଯାନ ସମ୍ପର୍କରେ ଆଲୋଚନା ହୋଇଥିଲା। ମାଓବାଦ ବିରୋଧରେ କେନ୍ଦ୍ରର ରଣକୌଶଳ ସମ୍ପର୍କରେ ଶାହା ନେତାମାନଙ୍କୁ ଅବଗତ କରାଇଥିଲେ। ଜାତି ଜନଗଣନାକୁ ନେଇ ଭାଜପାର ସାମ୍ବିଧାନିକ ପ୍ରତିଶ୍ରୁତିକୁ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଦୋହରାଇଥିଲେ। ଅଧିକାଂଶ ମୁଖ୍ୟମନ୍ତ୍ରୀ ନିଜ ରାଜ୍ୟର ପ୍ରମୁଖ ବିକାଶ ଓ କଲ୍ୟାଣକାରୀ ଯୋଜନା ଉପସ୍ଥାପନ କରିଥିଲେ।

## ତେଜପ୍ରତାପଙ୍କୁ ଦଳରୁ ବହିଷ୍କାର କଲେ ଲାଲୁ

**ପାଟନା,୨୫ା୫(ପି.ଟି.)**

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ରବିବାର ତାଙ୍କ ବଡ଼ପୁଅ ତେଜପ୍ରତାପଙ୍କୁ ଦଳରୁ ବହିଷ୍କାର କରିଥିବାବେଳେ ତାଙ୍କ ସହ ସମସ୍ତ ପାରିବାରିକ ସମ୍ପର୍କ ଛିନ୍ନ କରିଛନ୍ତି। ତେଜପ୍ରତାପ ବିବାହିତ ଏବଂ ତାଙ୍କର ଛାଡ଼ପତ୍ର ଆବେଦନ ପାଟନାର ଏକ ଫାମିଲି କୋର୍ଟରେ ବିଚାରାଧୀନ ଥିବାବେଳେ ସେ ୧୨ ବର୍ଷ ହେଲା ଜଣେ ମହିଳାଙ୍କ ସହ ସମ୍ପର୍କରେ ରହିଥିବା ଶନିବାର ସନ୍ଧ୍ୟାରେ ସୋସିଆଲ ମିଡିଆରେ ଘୋଷଣା କରିଥିଲେ। ତେବେ ଏହାର କିଛି ଘଣ୍ଟା ପରେ ସେ ଉକ୍ତ ପୋଷ୍ଟକୁ ଡିଲିଟ୍ କରିଦେଇ ତାଙ୍କ ଫେସ୍‌ବୁକ୍ ପେଜ୍ ହ୍ୟାକ୍ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଲାଲୁ ସୋସିଆଲ ମିଡିଆରେ ତାଙ୍କର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଘୋଷଣା କରିଥିଲେ ମଧ୍ୟ ପୂର୍ବରୁ କ’ଣ ଘଟିଥିଲା, ତାହା ଉଲ୍ଲେଖ କରିନାହାନ୍ତି। ତେବେ ବଡ଼ପୁଅଙ୍କ କାର୍ଯ୍ୟ, ସର୍ବସାଧାରଣରେ ଆଚରଣ ଏବଂ ଦାୟିତ୍ୱହୀନ ବ୍ୟବହାରକୁ ସେ ସମାଲୋଚନା କରି କହିଛନ୍ତି, ବ୍ୟକ୍ତିଗତ ଜୀବନରେ ନୈତିକ ମୂଲ୍ୟବୋଧକୁ ଉପେକ୍ଷା



ତେଜପ୍ରତାପ ଯାଦବ ସୋସିଆଲ ମିଡିଆରେ ପୋଷ୍ଟ ପରେ ଡିଲିଟ୍ କରିଦେଇଥିବା ଫଟୋ।

### ପାରିବାରିକ ସମ୍ପର୍କ ଛିନ୍ନ କଲେ

ସାମାଜିକ ନ୍ୟାୟ ହାସଲ ପାଇଁ ଆମର ସାମୂହିକ ସଂଘର୍ଷକୁ ଦୁର୍ବଳ କରିଦେଇଛି। ତେଜପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରିବା ସହ ତାଙ୍କର ଦଳ ଏବଂ ପରିବାରରେ କୌଣସି ଭୂମିକା ରହିବ ନାହିଁ ବୋଲି ଲାଲୁ କହିଛନ୍ତି। ସୂଚନାଯୋଗ୍ୟ, ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବାବେଳେ ଲାଲୁଙ୍କ ସାନପୁଅ ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆର୍‌ଜେଡି ନିର୍ବାଚନ ଲଢ଼ିବାକୁ ଯାଉଛି। ତେଜସ୍ୱୀଙ୍କୁ ଘଟଣା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ ମାପିଚୁପି ଉତ୍ତର ରଖିଛନ୍ତି। ଜଣେ ପ୍ରାପ୍ତବୟସ୍କ ଭାବେ ବଡ଼ଭାଇ ତାଙ୍କ ବ୍ୟକ୍ତିଗତ ଜୀବନରେ ନିଜ ପସନ୍ଦର କାର୍ଯ୍ୟ କରିପାରିବେ, କିନ୍ତୁ କେତେକ ଘଟଣାକୁ ଆମେ ସହ୍ୟ କରିପାରୁନାହୁଁ। ୨୦୧୫ ବିଧାନସଭା ନିର୍ବାଚନରେ ତେଜପ୍ରତାପ ରାଜନୀତିରେ ପ୍ରବେଶ କରିବା ସହ ଦ୍ୱିତୀୟ ପାଳି ବିଧାୟକ ସମୟରେ କିଛିଦିନ ପାଇଁ ମନ୍ତ୍ରୀ ହୋଇଥିଲେ।

## ସଂକ୍ଷେପରେ

### ଜୁନ୍ ୧୯ରେ ୪ ରାଜ୍ୟର ୫ ବିଧାନସଭା ଉପନିର୍ବାଚନ

ନୂଆଦିଲ୍ଲୀ, ୨୫।୫

ଆସନ୍ତା ଜୁନ୍ ୧୯ରେ ୪ ରାଜ୍ୟର ୫ଟି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ରବିବାର ନିର୍ବାଚନ ଆୟୋଗ (ଇସି) ଘୋଷଣା କରିଛନ୍ତି। ଗୁଜରାଟର କାଡ଼ି ଏବଂ ବିସାବଦର, କେରଳର ନିଲାମ୍ବର, ପଞ୍ଜାବର ଲୁଧିଆନା ୱେଷ୍ଟ ଏବଂ ପଶ୍ଚିମବଙ୍ଗର କାଲିଗଞ୍ଜ ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଜୁନ୍ ୨୩ରେ ଭୋଟ୍ ଗଣତି ହେବ। ଜୁନ୍ ୨୫ରେ ଏହି ଉପନିର୍ବାଚନଗୁଡ଼ିକର ପ୍ରକ୍ରିୟା ଶେଷ ହେବ। ରବିବାରଠାରୁ ଉକ୍ତ ୫ ଆସନରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ଇସି ସୂଚନା ଦେଇଛନ୍ତି।

### ଦିଲ୍ଲୀରେ ପ୍ରବଳ ବର୍ଷା, ଏୟାରପୋର୍ଟ କାନୋପି ଭୁଶୁଡ଼ିଲା

ନୂଆଦିଲ୍ଲୀ, ୨୫।୫


ଦିଲ୍ଲୀ-ଏନ୍‌ସିଆର୍‌ରେ ରବିବାର ସକାଳେ ପ୍ରବଳ ବର୍ଷା ଏବଂ ଦ୍ରୁତ ବେଗରେ ପବନ ଯୋଗୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ ୧ରେ ଥିବା ଏକ କାନୋପି ଭୁଶୁଡ଼ି ପଡ଼ିଛି। ଏହି ଘଟଣାରେ କେହି ଆହତ ହୋଇନାହାନ୍ତି। ତେବେ କାନୋପି ଭୁଶୁଡ଼ିବା ପରେ ଏୟାରପୋର୍ଟରେ ଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବର୍ଷା ପାଣିର ଅତ୍ୟଧିକ ଚାପ ଯୋଗୁ କାନୋପି ଭୁଶୁଡ଼ି ପଡ଼ିଥିବା ନେଇ ଏୟାରପୋର୍ଟର ଜଣେ ଅଧିକାରୀ କହିଛନ୍ତି। ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରାଯାଇଛି। ଲଗାଣ ବର୍ଷା ଯୋଗୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୭ଟି ଅନ୍ତର୍ଜାତୀୟ ବିମାନ ସମେତ ୪୯ଟି ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି।

## ଆଇଏମ୍‌ଏଫ୍ ଆକଳନ

# ଭାରତ ହେବ ୪ର୍ଥ ବଡ଼ ଅର୍ଥନୀତି

ନୂଆଦିଲ୍ଲୀ, ୨୫।୫

୨୦୨୫ ଏପ୍ରିଲ ୨୨ରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ ପ୍ରକାଶିତ ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍ (ଡବ୍ଲୁଇଓ) ଆକଳନ ଅନୁସାରେ ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ଆଇଏମ୍‌ଏଫ୍ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୫-୨୬ ଆର୍ଥିକବର୍ଷରେ ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି) ୧୧୩,୭୯୫,୬୭୮ ନିୟୁତ ଆମେରିକୀୟ ଡଲାର ରହିବ। ଆମେରିକାର ଜିଡିପି ୩୦,୫୦୭,୨୧୭ ନିୟୁତ ଡଲାର, ଚାଇନା ଜିଡିପି ୧୯,୨୩୧,୭୦୫ ନିୟୁତ ଡଲାର, ଜର୍ମାନୀ ଜିଡିପି ୪,୭୪୪,୮୦୪ ନିୟୁତ ଡଲାର ଓ ଭାରତର ଜିଡିପି ୪,୧୮୭, ୦୧୭ ନିୟୁତ ଡଲାର ରହିବ। ଭାରତ ପଛକୁ ଜାପାନର ଜିଡିପି ୪,୧୮୬,୪୩୧ ନିୟୁତ ଡଲାର ଏବଂ ବ୍ରିଟେନ୍ ଜିଡିପି ୩,୮୩୯,୧୮୦ ନିୟୁତ ଡଲାର ରହିବ ବୋଲି ଉକ୍ତ ରିପୋର୍ଟରେ ଅନୁମାନ କରାଯାଇଛି। ଏହା ପଛକୁ ଫ୍ରାନ୍ସ, ଇଟାଲୀ, କାନାଡା ଓ ବ୍ରାଜିଲ ରହିବା ନେଇ ଆଇଏମ୍‌ଏଫ୍ ଆକଳନ କରିଛି। କିନ୍ତୁ ଶନିବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗର ଦଶମ ଗଭର୍ଣ୍ଣିଂ କାଉନ୍ସିଲ ବୈଠକ ପରେ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବିଭିଆର୍ ସୁବ୍ରମଣ୍ୟମ୍ ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ଭାରତ ୪ ଟ୍ରିଲିୟନ୍ ଡଲାର ଜିଡିପି ହାସଲ ସହ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି।


ନୀତି ଆୟୋଗ ସିଇଓ ବିଭିଆର୍ ସୁବ୍ରମଣ୍ୟମ୍

ଆମେ ବର୍ତ୍ତମାନ ୪ର୍ଥ ବୃହତ୍ ଅର୍ଥନୀତି। ଏହା ତାଙ୍କର ନୁହେଁ, ବରଂ ଆଇଏମ୍‌ଏଫ୍ ଡେଟା। ଆଇଏମ୍‌ଏଫ୍ ୱେବ୍‌ସାଇଟ୍‌କୁ ଦେଖି ଏହି ବିଷୟରେ ନିଶ୍ଚିତ ହେବା ପାଇଁ ସୁବ୍ରମଣ୍ୟମ୍ କହିଥିଲେ। ଏତିକି ନୁହେଁ, ଏହି ଧାରା ଜାରି ରହିଲେ ଆଗାମୀ ୨.୫ରୁ ୩ ବର୍ଷ ଭିତରେ ଭାରତ ଜର୍ମାନୀକୁ ମଧ୍ୟ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ରୂପେ ମାନ୍ୟତା ଲାଭ କରିବ ବୋଲି କହିଥିଲେ। ପ୍ରକୃତପକ୍ଷେ ଭାରତ ଜାପାନକୁ ପଛରେ ପକାଇ ସାରିଥିବା ବିଷୟ ଆଇଏମ୍‌ଏଫ୍ କୌଣସି ସ୍ଥାନରେ ଉଲ୍ଲେଖ କରି ନ ଥିବାରୁ ନୀତି ଆୟୋଗ ସିଇଓଙ୍କ ମନ୍ତବ୍ୟରୁ ଦ୍ୱନ୍ଦ୍ୱ ଉପୁଜିଛି।

ଆଇଏମ୍‌ଏଫ୍ ତଥ୍ୟ ଅନୁସାରେ ଭାରତର ମୁଣ୍ଡ ପିଛା ଆୟ ୨୦୧୩-୧୪ରେ ୧,୪୩୮ ଡଲାର ଥିବାବେଳେ ୨୦୨୫ରେ ଏହା ଦ୍ୱିଗୁଣିତ ହୋଇ ୨,୮୮୦କୁ ବଢ଼ିଛି। ୨୦୨୫-୨୬ରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ୬.୨% ରହିବା ନେଇ ଅନୁମାନ କରାଯାଇଛି। ପୂର୍ବରୁ ଏହା ୬.୫% ରହିବା ନେଇ ଆକଳନ କରାଯାଇଥିବାବେଳେ ବାଣିଜ୍ୟିକ ଉତ୍ତେଜନା ଓ ବୈଶ୍ୱିକ ଅନିଶ୍ଚିତତା ଯୋଗୁ ଏଥିରେ ସାମାନ୍ୟ ହ୍ରାସ କରାଯାଇଛି। ଏହାସତ୍ତ୍ୱେ ଭାରତୀୟ ଅର୍ଥନୀତି ଜାପାନର ନିକଟତର ହୋଇଛି। ଚଳିତ ଆର୍ଥିକବର୍ଷରେ ଭାରତ ଜାପାନକୁ ପଛରେ ପକାଇପାରେ। ତେବେ ସୁବ୍ରମଣ୍ୟମ୍ ନିଜ ବିବୃତିରେ କହିଥିଲେ, ୨୦୨୪ ସୁଦ୍ଧା ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଥିଲା। ତମାମ ଭୂରାଜନୈତିକ ସ୍ଥିତି ଓ ଆର୍ଥିକ ପରିବେଶ ଭାରତ ପାଇଁ ଅନୁକୂଳ ରହିଛି। ତେଣୁ ବର୍ତ୍ତମାନ ଭାରତ ଜାପାନକୁ ଟପିସାରିଛି। କେବଳ ଆମେରିକା, ଚାଇନା ଓ ଜର୍ମାନୀର ଅର୍ଥନୀତି ଭାରତଠାରୁ ବଡ଼ ରହିଛି। ଯୋଜନା ମୁତାବକ ସବୁ ଠିକ୍‌ଠାକ୍ ଚାଲିଲେ ଭାରତ ଖୁବ୍‌ଶୀଘ୍ର ତୃତୀୟ ବଡ଼ ଅର୍ଥନୀତି ହେବ।

> “ଗତ ୧୦-୧୧ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ସଫଳ ନେତୃତ୍ୱ ଯୋଗୁ ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ୨୦୪୭ରେ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ ବେଳେ ଆମେ ପ୍ରଥମ ସ୍ଥାନରେ ପହଞ୍ଚିସାରିଥିବା।
> —ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ

### ବିଶ୍ୱର ୧୦ ବୃହତ୍ ଅର୍ଥନୀତି

୨୦୨୫ ପାଇଁ ଆଇଏମ୍‌ଏଫ୍ ପକ୍ଷରୁ କରାଯାଇଥିବା ଜିଡିପି ଅନୁମାନ (ନିୟୁତ ଡଲାରରେ)

| ଦେଶ | ଆକଳନ |
|---|---|
| ୧. ଅମେରିକା | ୩୦,୫୦୭,୨୧୭ |
| ୨. ଚାଇନା | ୧୯,୨୩୧,୭୦୫ |
| ୩. ଜର୍ମାନୀ | ୪,୭୪୪,୮୦୪ |
| ୪. ଭାରତ | ୪,୧୮୭, ୦୧୭ |
| ୫. ଜାପାନ | ୪,୧୮୬,୪୩୧ |
| ୬. ବ୍ରିଟେନ୍ | ୩,୮୩୯,୧୮୦ |
| ୭. ଫ୍ରାନ୍ସ | ୩,୨୧୧,୨୯୨ |
| ୮. ଇଟାଲୀ | ୨,୪୨୨,୮୫୫ |
| ୯. କାନାଡା | ୨,୨୨୫,୩୪୧ |
| ୧୦. ବ୍ରାଜିଲ | ୨,୧୨୫,୯୫୮ |

### ରୁଷିଆ ଆକ୍ରମଣରେ ୧୩ ୟୁକ୍ରେନୀୟ ନିହତ

କିଭ୍, ୨୫।୫

ରୁଷିଆ ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ୟୁକ୍ରେନ୍‌ର ବିଭିନ୍ନ ସହରରେ ଏୟାର ଷ୍ଟ୍ରାଇକ୍ କରାଯାଇଛି। ରୁଷୀୟ ସେନା ୩୬୭ ମିଶାଇଲ ଏବଂ ଡ୍ରୋନ୍ ଛାଡ଼ିଥିବା ନେଇ ୟୁକ୍ରେନ୍ କହିଛି। ୟୁକ୍ରେନର ରାଜଧାନୀ କିଭ୍ ସମେତ ଖାର୍କିଭ, ମାଇକୋଲାଇବ, ଟେର୍ନୋପର୍ନ, ଖମେଲନିସ୍କି, ଜାଇଟୋମିର ଆଦି ସହରକୁ ଟାର୍ଗେଟ କରି ରୁଷିଆ ଏୟାର ଷ୍ଟ୍ରାଇକ୍ କରିଛି। ୟୁକ୍ରେନୀୟ ବାୟୁସେନା ୨୬୬ଟି ଡ୍ରୋନ୍ ଏବଂ ୪୫ଟି ମିଶାଇଲକୁ ଖସାଇଦେଇଥିଲେ ମଧ୍ୟ ଦେଶରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଜାଇଟୋମିର ସହରରେ ୩ ଶିଶୁଙ୍କୁ ମିଶାଇ ୧୩ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଏକାଧିକ ଲୋକ ଆହତ ହୋଇଛନ୍ତି। ରାଜଧାନୀ କିଭ୍‌ରେ ୧୧ ଜଣ ଆହତ ହୋଇଛନ୍ତି। ଗତ ସପ୍ତାହରେ ଇସ୍ତାନବୁଲରେ ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିବା ଶାନ୍ତି ଆଲୋଚନା ଅନୁଯାୟୀ, ଶୁକ୍ରବାର ୨ ଦେଶ ପରସ୍ପର ମଧ୍ୟରେ ୩୯୦ ବନ୍ଦୀ ଆଦାନପ୍ରଦାନ କରିଥିବାବେଳେ ଶନିବାର ଆଉ ୩୦୭ ଜଣ ଲେଖାଏ ବନ୍ଦୀଙ୍କୁ ମୁକ୍ତ କରଥିଲେ। ଏହାର ଠିକ୍ ପରେ ୟୁକ୍ରେନ୍‌ର ବିଭିନ୍ନ ସହରରେ ରୁଷୀୟ ସେନା ଏୟାର ଷ୍ଟ୍ରାଇକ୍ କରିଛି।



ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମତଦାନର ସପ୍ତାହେ ପୂର୍ବରୁ ଆଗୁଆ ଥିବା ୱାର୍‌ସ ମେୟର ତଥା ଶାସକ ସିଭିକ୍ କୋଲିଶନ୍ ମେଣ୍ଟର ପ୍ରାର୍ଥୀ ରାଫାଲ ରାକୋୱସ୍କିଙ୍କ ସମର୍ଥକମାନେ ପ୍ରଚାର ବେଳେ ତାଙ୍କ ଫଟୋ ଧରି ଶୋଭାଯାତ୍ରା କରୁଛନ୍ତି।

# ଅଣୁଅସ୍ତ୍ରର ଆଧୁନିକୀକରଣ କରୁଛି ପାକିସ୍ତାନ

## ଆମେରିକା ଗୋଇନ୍ଦା ରିପୋର୍ଟ

ୱାଶିଂଟନ, ୨୫।୫

ଭାରତକୁ ‘ଅସ୍ତିତ୍ୱଗତ ବିପଦ’ ବିବେଚନା କରି ପାକିସ୍ତାନ ଏହାର ଅଣୁଅସ୍ତ୍ରର ଆଧୁନିକୀକରଣ କରୁଥିବା ଆମେରିକାର ପ୍ରତିରକ୍ଷା ଗୁଇନ୍ଦା ସଂସ୍ଥା (ଡିଆଇଏ) କହିଛି। ୨୦୨୫ ବର୍ଷ ପାଇଁ ଡିଆଇଏର ବିଶ୍ୱବ୍ୟାପୀ ବିପଦ ଆକଳନ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଭାରତକୁ ଏହାର ଅସ୍ତିତ୍ୱଗତ ବିପଦ ବିବେଚନା କରୁଥିବାବେଳେ ଭାରତ ଚାଇନାକୁ ଏହାର ‘ପ୍ରାଥମିକ ପ୍ରତିଦ୍ୱନ୍ଦ୍ୱୀ’ ଏବଂ ପାକିସ୍ତାନକୁ ଅଧିକତଃ ଏକ ଆନୁଷଙ୍ଗିକ ସୁରକ୍ଷା ସମସ୍ୟା ଭାବେ ଦେଖୁଛି। ଭାରତର ପାରମ୍ପରିକ ସାମରିକ ସାମର୍ଥ୍ୟକୁ ନେଇ ବିବ୍ରତ ଥିବା ପାକିସ୍ତାନ ଏହାର ଯୁଦ୍ଧକ୍ଷେତ୍ର ଅଣୁଅସ୍ତ୍ରର ବିକାଶ ସମେତ ସେନାର ଆଧୁନିକୀକରଣ ଜାରି ରଖିଛି। ଇସ୍‌ଲାମାବାଦ ଅଣୁଅସ୍ତ୍ରର ଉନ୍ନତୀକରଣ କରିବା ସହ ଆଣବିକ ସାମଗ୍ରୀ ଓ କମାଣ୍ଡ ସିଷ୍ଟମର ପରିଚାଳନାକୁ କଡ଼ାକଡ଼ି କରିଛି। ପାକିସ୍ତାନ ନିଶ୍ଚିତ ଭାବେ ବିଦେଶୀ ଯୋଗାଣକାରୀ ଏବଂ ମଧ୍ୟସ୍ଥଙ୍କ ଜରିଆରେ ଗଣବିଧ୍ୱଂସୀ ଅସ୍ତ୍ର (ଡବ୍ଲୁଏମ୍‌ଡି) ପାଇଁ ଉପଯୋଗୀ ସାମଗ୍ରୀ ହାସଲ କରିଥିବା ରିପୋର୍ଟରେ କୁହାଯାଇଛି।

ରିପୋର୍ଟରେ ଆହୁରି ଉଲ୍ଲେଖ ରହିଛି ଯେ, ଚାଇନା ପାକିସ୍ତାନର ମୁଖ୍ୟ ଅର୍ଥନୈତିକ ଓ ସାମରିକ ସହଯୋଗୀ ରହିଆସିଛି। ପ୍ରତିବର୍ଷ ଉଭୟ ଦେଶ ଅନେକ ମିଳିତ ସମରାଭ୍ୟାସ କରୁଛନ୍ତି। ପାକିସ୍ତାନର ଗଣବିଧ୍ୱଂସୀ ଅସ୍ତ୍ର କାର୍ଯ୍ୟକ୍ରମ ପାଇଁ ଚାଇନାରୁ ଉପକରଣ ଓ ପ୍ରଯୁକ୍ତି ଯୋଗାଇ ଦିଆଯାଉଥିବାବେଳେ ବେଳେବେଳେ ସେଗୁଡ଼ିକ ହଂକଂ, ସିଙ୍ଗାପୁର, ତୁର୍କୀ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ଦେଇ ଆସୁଛି। ଅନ୍ୟପକ୍ଷରେ ପାକିସ୍ତାନରେ ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ୭ ଚାଇନା ନାଗରିକ ୨୦୨୪ ଆତଙ୍କବାଦୀ ଆକ୍ରମଣରେ ନିହତ ହେବା ପରେ ଦୁଇଦେଶ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ପଡ଼ୋଶୀ ଦେଶଗୁଡ଼ିକ ସହ ସୀମାପାର ସଂଘର୍ଷର ମୁକାବିଲା, ତେହେରିକ୍-ଇ-ତାଲିବାନ ପାକିସ୍ତାନ ଏବଂ ବେଲୋଚ ଉଗ୍ରପନ୍ଥୀଙ୍କ ଆକ୍ରମଣର ଜବାବ ଦେବା, ଆତଙ୍କବାଦ ନିରୋଧୀ କାର୍ଯ୍ୟ ପରିଚାଳନା ଏବଂ ଅଣୁଅସ୍ତ୍ରର ଆଧୁନିକୀକରଣ ଜାରି ରଖିବାକୁ ପାକିସ୍ତାନ ସେନା ପ୍ରାଥମିକତା ଦେଉଛି। ଏହା ସତ୍ତ୍ୱେ ୨୦୨୪ରେ ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣରେ ୨,୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ କୁହାଯାଇଛି।

# ପ୍ରଯୁକ୍ତି ନିଯୁକ୍ତିରେ ଏଆଇ ବାଧକ

## ସତର୍କ କରାଇଲେ ଗୁଗଲ ଡିପ୍‌ମାଇଣ୍ଡ ସିଇଓ

ଲଣ୍ଡନ, ୨୫।୫

ଧୀରେ ଧୀରେ ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ବଢ଼ିବାରେ ଲାଗିଛି। ଆଗାମୀ ୫ ବର୍ଷ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଶିଳ୍ପରେ ନିଯୁକ୍ତିକୁ ଏଆଇ ବାଧାପ୍ରାପ୍ତ କରିବ ବୋଲି ରବିବାର ବ୍ରିଟିଶ୍-ଆମେରିକୀୟ ଏଆଇ ରିସର୍ଚ୍ଚ ଲାବୋରେଟୋରି ‘ଗୁଗଲ ଡିପ୍‌ମାଇଣ୍ଡ’ର ସିଇଓ ଡେମିସ୍ ହାସାବିସ୍ ସତର୍କ କରାଇଛନ୍ତି। ଲୋକପ୍ରିୟ ଟେକ୍ ପୋଡ୍‌କାଷ୍ଟ ‘ହାର୍ଡ ଫୋର୍କ’ରେ ଯୋଗଦେଇ ଡେମିସ୍ କହିଛନ୍ତି, ଆଗାମୀ ଦିନରେ ଏଆଇ ଯୋଗୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଭିନ୍ନ ନିଯୁକ୍ତି ପ୍ରଭାବିତ ହେବ। ତେଣୁ ଏବେଠାରୁ ହିଁ ଏଆଇ ଚାଳିତ ବିଶ୍ୱ ସହ ଖାପ ଖୁଆଇବା ଆରମ୍ଭ କରିବାକୁ ସମ୍ପ୍ରତି କିଶୋର ଅବସ୍ଥାରେ ଥିବା ଛାତ୍ରୀଛାତ୍ରଙ୍କୁ ସେ ଉପଦେଶ ଦେଇଛନ୍ତି। ଏପରି ନ କଲେ ସେମାନେ ଆଗାମୀ ଦିନରେ ବହୁ ପଛରେ ପଡ଼ିଯିବେ ବୋଲି ଡେମିସ୍ କହିଛନ୍ତି।


ଡେମିସ୍ ହାସାବିସ୍

ସେ ଆହୁରି କହିଛନ୍ତି, ଆଗାମୀ ୫ରୁ ୧୦ ବର୍ଷ ମଧ୍ୟରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି, ଯାହାଫଳରେ କିଛି ନିଯୁକ୍ତି ନିଶ୍ଚିତ ଭାବେ ବାଧାପ୍ରାପ୍ତ ହେବ। ତେବେ ଆଗାମୀ ଦିନରେ ଟେକ୍-ଇଣ୍ଡଷ୍ଟ୍ରିରେ ଅନେକ ନୂତନ, ମୂଲ୍ୟବାନ ଏବଂ ଆକର୍ଷଣୀୟ ନିଯୁକ୍ତି ମଧ୍ୟ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଯଥାଶୀଘ୍ର ବିଭିନ୍ନ ଏଆଇ ଟୁଲ୍ସ ଏବଂ କନ୍‌ସେପ୍ଟ ସହ ପରିଚିତ ହେବାକୁ ସେ ଯୁବପିଢ଼ିଙ୍କୁ ପରାମର୍ଶ କରିଛନ୍ତି। ଡେମିସ୍ କହିଛନ୍ତି, ଏଆଇ ଆମମାନଙ୍କ ସହ ଦୀର୍ଘ ଦିନ ପର୍ଯ୍ୟନ୍ତ ସ୍ଥାୟୀ ଭାବରେ ରହିବ ଏବଂ ଭବିଷ୍ୟତରେ ଏହାକୁ ନେଇ ପ୍ରତିଯୋଗିତା ମଧ୍ୟ ବଢ଼ିବ। ବିଭିନ୍ନ ଏଆଇ ଟୁଲ୍ସଗୁଡ଼ିକ କିପରି କାର୍ଯ୍ୟ କରେ ଏବଂ ସେଗୁଡ଼ିକୁ କେଉଁ ଉପାୟରେ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ର ଜ୍ଞାନ ଆରୋହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ଅପରେଶନ ସିନ୍ଦୂର ପରିବର୍ତ୍ତିତ ଭାରତର ପ୍ରତିଫଳନ

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ନୂଆଦିଲ୍ଲୀ, ୨୫।୫(ପି.ଟି.)

ଅପରେଶନ ସିନ୍ଦୂର କେବଳ ଏକ ସାମରିକ ମିଶନ ନ ଥିଲା, ବରଂ ପରିବର୍ତ୍ତିତ ଭାରତର ଛବି ଥିଲା, ଯାହାକି ବିଶ୍ୱ ମଞ୍ଚରେ ଦେଶର ସଂକଳ୍ପ, ସାହସ ଏବଂ ବର୍ଦ୍ଧିତ ଶକ୍ତିର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ମନ୍ କୀ ବାତ୍ ମାସିକ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ଅପରେଶନ ସିନ୍ଦୂର ଆତଙ୍କବାଦ ବିରୋଧରେ ବୈଶ୍ୱିକ ଲଢ଼େଇର ଏକ ନୂଆ ମୋଡ଼ ଏବଂ ଭାରତର ବର୍ଦ୍ଧିତ ସାମର୍ଥ୍ୟ ଓ ଉଦ୍ଦେଶ୍ୟର ସ୍ୱଷ୍ଟତାର ସଙ୍କେତ। ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ମେ’ ୬-୭ ତାରିଖ ରାତିରେ ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଲଶ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଏବଂ ହିଜ୍‌ବୁଲ ମୁଜାହିଦ୍ଦିନର ମୁଖ୍ୟାଳୟ ସମେତ ଆତଙ୍କବାଦ ଭିତ୍ତିଭୂମିକୁ ଧ୍ୱଂସ କରିଥିଲା। ଆଜି ସାରା ଦେଶ ଆତଙ୍କବାଦ ବିରୋଧରେ କ୍ରୋଧ ଓ ଦୃଢ଼ ସଂକଳ୍ପର ସହ ଏକାଠି ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ସେହିପରି ମାଓବାଦ ବିରୋଧରେ ସାମୂହିକ ଲଢ଼େଇ ଫଳପ୍ରଦ ହୋଇଛି। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଏବେ ଶିକ୍ଷା ଓ ବିକାଶର ଅଗ୍ରଗତି ହୋଇଛି। ପୂର୍ବରୁ ମାଓବାଦୀଙ୍କ କବଳରେ ଥିବା ମହାରାଷ୍ଟ୍ରର ଗଡ଼ଚିରାଲି ଜିଲାର କାଟେଝରି ଏବଂ ଛତିଶଗଡ଼ର ଦାନ୍ତେୱାଡ଼ା ଭଳି ଅପହଞ୍ଚ ଅଞ୍ଚଳରେ ଏବେ ଶିକ୍ଷା, ବସ୍ ସେବା ଭଳି ମୌଳିକ ସୁବିଧା ଉପଲବ୍ଧ ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଗୁଜରାଟର ଗିର୍ ଜଙ୍ଗଲରେ ମାତ୍ର ୫ ବର୍ଷ ମଧ୍ୟରେ ସିଂହ ସଂଖ୍ୟା ୬୭୪ରୁ ୮୯୧କୁ ବଢ଼ିଥିବାରୁ ଏହା ଅତ୍ୟନ୍ତ ଉତ୍ସାହଜନକ ବୋଲି ମୋଦି କହିଛନ୍ତି। ୧୧ ଜିଲାର ୩୫ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ସିଂହ ଗଣନା କରାଯାଇଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ସ୍ଥାନୀୟ ସମ୍ପ୍ରଦାୟର ଭାଗୀଦାରି ତଥା ମହିଳାଙ୍କୁ ଜଙ୍ଗଲ ଅଧିକାରୀଭାବେ ନିୟୋଜିତ କରାଯିବାକୁ ପ୍ରଶଂସା କରିଛନ୍ତି।

## ଫୁରସତ୍

# ହୋଆଟ୍‌ଜିନ୍ ପକ୍ଷୀ ସବୁଠୁ ଦୁର୍ଗନ୍ଧଯୁକ୍ତ

ୱାଶିଂଟନ

ହୋଆଟ୍‌ଜିନ୍ ପକ୍ଷୀ ବିଶ୍ୱର ସବୁଠାରୁ ଦୁର୍ଗନ୍ଧଯୁକ୍ତ ପକ୍ଷୀ ଭାବେ ଜଣାଶୁଣା। ଅନ୍ୟ ପକ୍ଷୀମାନଙ୍କଠାରୁ ଏହାର ଅନେକ ଭିନ୍ନତା ରହିଛି। ପୃଥିବୀର ଏକମାତ୍ର ପକ୍ଷୀ ଭାବେ ହୋଆଟ୍‌ଜିନ୍‌ଠାରେ ଗାଈ ଏବଂ ଅନ୍ୟାନ୍ୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ପରି ସ୍ୱତନ୍ତ୍ର ପାଚନ ତନ୍ତ୍ର ରହିଛି। ଏହି ଅସାଧାରଣ ପାଚନ ପ୍ରଣାଳୀ ଯୋଗୁ ହୋଆଟ୍‌ଜିନ୍ ପକ୍ଷୀକୁ ବିଶ୍ୱର ସବୁଠାରୁ ଦୁର୍ଗନ୍ଧଯୁକ୍ତ ପକ୍ଷୀ ଭାବେ ବିବେଚନା କରାଯାଇଥାଏ। ହୋଆଟ୍‌ଜିନ୍ ପକ୍ଷୀଙ୍କ ଗଳା ପାଖରେ ଏକ ଖାଦ୍ୟ ସଂରକ୍ଷଣ ପାଉଚ୍ ରହିଥାଏ, ଯାହାକୁ କ୍ରପ୍ କୁହାଯାଏ। ଏହି କ୍ରପ୍ ଖୁବ୍ କମ୍ ପରିମାଣର ଖାଦ୍ୟ ସଂରକ୍ଷଣ ପାଇଁ ବ୍ୟବହୃତ ହୋଇଥାଏ। ନିଜର ଅସାଧାରଣ ତଥା ଲମ୍ବା ପାଚନ ପ୍ରକ୍ରିୟା ସମୟରେ ଏହି ପକ୍ଷୀଙ୍କଠାରୁ ମିଥେନ୍ ଗ୍ୟାସ୍ ନିର୍ଗତ ହୋଇଥାଏ, ଯାହାଦ୍ୱାରା ସେମାନଙ୍କ ଶରୀରରୁ ଗୋବର ପରି ଗନ୍ଧ ସୃଷ୍ଟି ହୋଇଥାଏ। ତେଣୁ ଏହି ପକ୍ଷୀମାନଙ୍କୁ ‘ଷ୍ଟିଙ୍କ୍‌ବାର୍ଡ’ର ନାମ ମଧ୍ୟ ଦିଆଯାଇଛି।



ଏହି ପକ୍ଷୀଗୁଡ଼ିକୁ ଆମାଜନ ଜଙ୍ଗଲର ବିଭିନ୍ନ କାଦୁଆ ଅଞ୍ଚଳ ଏବଂ ନଦୀଗୁଡ଼ିକରେ ଦେଖିବାକୁ ମିଳିଥାଏ। ହୋଆଟ୍‌ଜିନ୍ ପକ୍ଷୀମାନେ କେବଳ ଗଛପତ୍ର ଖାଇ ବଞ୍ଚିରହନ୍ତି। ସେହିପରି ଏହି ପକ୍ଷୀଙ୍କ ଛୁଆମାନେ ନଖଯୁକ୍ତ ଡେଣା ସହିତ ଜନ୍ମ ହୋଇଥାନ୍ତି।


ହୋଆଟ୍‌ଜିନ୍ ପକ୍ଷୀଙ୍କ ଗଳାର କ୍ରପ୍ ଏତେ ବଡ଼ ହୋଇଥାଏ ଯେ, ଏହି ପକ୍ଷୀଙ୍କ ଉଡ଼ାଣ ମାଂସପେଶୀ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହି ନ ଥାଏ। ଫଳରେ ଏହି ପ୍ରଜାତିର ବୟସ୍କ ପକ୍ଷୀମାନେ କେବଳ ଅଳ୍ପ ସମୟ ପାଇଁ ଉଡ଼ିପାରିଥାନ୍ତି। ସାଧାରଣତଃ ଏହି ପକ୍ଷୀ ଗୋଟିଏ ଗଛରୁ ଅନ୍ୟ ଗଛକୁ ଉଡ଼ି ପାରିଥାନ୍ତି। ସେହିପରି ଏହି ପକ୍ଷୀ ଗୋଟିଏ ଡାଳରୁ ଅନ୍ୟ ଡାଳକୁ ଡେଇଁ ପାରିଥାନ୍ତି। ସେମାନେ ନିଜ ଡେଣାରେ ଥିବା ନଖ ସାହାଯ୍ୟରେ ଡାଳକୁ ଜାବୁଡ଼ି ଧରି ଅନେକ ସମୟ ଧରି ରହିପାରିଥାନ୍ତି। ଏହି ପକ୍ଷୀଙ୍କ ଶରୀରରୁ ଆସୁଥିବା ଗୋବର ପରି ଗନ୍ଧ ସେମାନଙ୍କୁ ଶିକାରୀମାନଙ୍କଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।

# ‘ଧଡ଼କ ୨’କୁ ସେନ୍ସରବୋର୍ଡ ଝଟକା

ମୁମ୍ବାଇ

ଗତବର୍ଷ ମେ’ ମାସରେ ‘ଧଡ଼କ ୨’ ଫିଲ୍ମର ଘୋଷଣା ହୋଇଥିଲା। ୨୦୨୪ ଶେଷ ଭାଗରେ ଏହି ଫିଲ୍ମ ରିଲିଜ୍ ହେବାକୁ ଥିବାବେଳେ ସେନ୍ସର ବୋର୍ଡରୁ ଗ୍ରୀନ୍ ସିଗ୍‌ନାଲ ମିଳି ନ ଥିବାରୁ ଏହା ସମ୍ଭବ ହୋଇପାରି ନ ଥିଲା। ଲମ୍ବା ସମୟର ପ୍ରତୀକ୍ଷା ପରେ ଅଭିନେତ୍ରୀ ତୃପ୍ତି ଡିମ୍‌ରୀ ଏବଂ ଅଭିନେତା ସିଦ୍ଧାର୍ଥ ଚତୁର୍ବେଦୀଙ୍କ ଏହି ଫିଲ୍ମକୁ ଶନିବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି)ର ସାର୍ଟିଫିକେଟ ମିଳିଛି। ତେବେ ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ମୁତାବକ, ଫିଲ୍ମର ୧୬ଟି ଦୃଶ୍ୟ ଉପରେ ସେନ୍ସର ବୋର୍ଡ ଆପତ୍ତି ଦର୍ଶାଇ ସେଗୁଡ଼ିକୁ ଫିଲ୍ମରୁ ହଟାଇ ଦେଇଛି। ଖାସ୍‌କରି ଫିଲ୍ମର କେତେକ ଜାତିଗତ ଡାଏଲଗ୍‌କୁ ହଟାଯାଇଥିବା ରିପୋର୍ଟରେ କୁହାଯାଇଛି। ଏହାପରେ ଯାଇ ‘ଧଡ଼କ ୨’କୁ ୟୁଏ ୧୬+ ସାର୍ଟିଫିକେଟ ମିଳିଛି। ଫିଲ୍ମର ଅବଧି ୨ ଘଣ୍ଟା ୨୬ ମିନିଟ୍ ରହିଛି।

‘ଧଡ଼କ ୨’ ହେଉଛି ୨୦୧୮ରେ ରିଲିଜ୍ ହୋଇଥିବା ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଇଶାନ ଖଟ୍ଟରଙ୍କ ‘ଧଡ଼କ’ ଫିଲ୍ମର ସିକ୍ୱେଲ। ଏହି ଫିଲ୍ମରେ ତୃପ୍ତି ଏବଂ ସିଦ୍ଧାର୍ଥ ଅଲଗା ଅଲଗା ଜାତିର ହୋଇ ମଧ୍ୟ ପରସ୍ପରକୁ ଭଲ ପାଉଥିବାର ନଜରକୁ ଆସିବେ। ଲୋକଙ୍କ ମଧ୍ୟରେ ଜାତିଗତ ବିଦ୍ୱେଷ ଭାବନା ଭିତରେ ଉଭୟଙ୍କର ବିବାହ କିପରି ହେଉଛି, ସେନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ ବୋଲି ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ କରନ୍ ଜୋହରଙ୍କ ନିର୍ମିତ ଏବଂ ସାଜିଆ ଇକ୍‌ବାଲଙ୍କ ନିର୍ଦ୍ଦେଶିତ ‘ଧଡ଼କ ୨’ ଫିଲ୍ମ କେବେ ରିଲିଜ୍ ହେବ ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।


ତୃପ୍ତି ଡିମ୍‌ରୀ

# ୭ଦିନ ଯାଏ ବର୍ଷା, ପବନ

ଭୁବନେଶ୍ୱର,୨୫।୫
(ଅନୁରାଧା ମହାରଣା)

ରାଜ୍ୟରେ ଏବେ ପ୍ରାକ୍ ମୌସୁମୀ ବର୍ଷା ହେଉଛି। ଏହା ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଜାରି ରହିବ। ଅଧିକାଂଶ ସ୍ଥାନରେ ବର୍ଷା ସହ ପବନ ମଧ୍ୟ ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ରବିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାକୁ ମୌସୁମୀ ଆସିବାକୁ କିଛିଦିନ ଲାଗିବ। ଉତ୍ତରପୂର୍ବାଞ୍ଚଳ ରାଜ୍ୟ ପରେ ଓଡ଼ିଶାକୁ ମୌସୁମୀ ଆସିବ। ଅନ୍ୟପଟେ ୨୭ ତାରିଖ ବେଳକୁ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ହେଲେ ଏହା ବାତ୍ୟା ରୂପ ନେବାର ସମ୍ଭାବନା ନାହିଁ। ବାତ୍ୟା ନେଇ ଅପପ୍ରଚାର କରାଯାଉଥିବାରୁ ଏପରି ଗୁଜବଠାରୁ ସତର୍କ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ତେବେ ସୋମବାର ରାଜ୍ୟର ପ୍ରାୟ ୧୪ ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ଓ ପବନ ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟାପ୍ରତି ୬୦ କିମି ରହିପାରେ। ତେଣୁ ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି। ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କୋରାପୁଟ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଓ ଗଜପତି ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିପରି ବଜ୍ରପାତ ନେଇ ୧୫ଜିଲା କେନ୍ଦ୍ରପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ସୋନପୁର, ବୌଦ୍ଧ, ବଲାଙ୍ଗୀର, ନବରଙ୍ଗପୁର ଓ ମାଲକାନଗିରିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ବଜ୍ରପାତରେ ଜଣେ ମୃତ

କୋଟପାଡ଼,୨୫।୫
(କେ. ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ବ୍ଲକ ଏସ୍‌ବି ନୂଆଗାଁ ପଞ୍ଚାୟତ ଅଞ୍ଚଳରେ ବଜ୍ରପାତରେ ରବିବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁମାହାଣ୍ଡି ଗ୍ରାମର ବଳରାମ ଭୂମିଆ(୪୫)। ସୂଚନା ଅନୁଯାୟୀ, କୋଟପାଡ଼ ଅଞ୍ଚଳରେ ଗତ କିଛିଦିନ ଧରି ଘଡ଼ଘଡ଼ି ସହ ବର୍ଷା ଲାଗି ରହିଥିବା ବେଳେ ଅନେକ ସ୍ଥାନରେ ବଜ୍ରପାତ ହୋଇଥିଲା। ବଳରାମ କୌଣସି କାମରେ ଏସ୍‌ବି ନୂଆଗାଁକୁ ସାଇକେଲ ଯୋଗେ ଯାଉଥିବା ବେଳେ ଡଙ୍ଗରୀଗୁଡ଼ା ନିକଟରେ ବଜ୍ରପାତ ହେବାରୁ ସେ ରାସ୍ତାମଝିରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କୋଟପାଡ଼ ପୋଲିସ ପହଞ୍ଚି ତଦନ୍ତ କରୁଛି।

## ମାଈହାତୀର ଗଳିତ ମୃତଦେହ ଠାବ

କେନ୍ଦୁଝର,୨୫।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଅଧୀନ ତାଳପଦା ସେକ୍ସନ ଓରିଆ ବିଟ୍ ତମାଙ୍ଗ ଗାଁ ନିକଟ ସଂରକ୍ଷିତ ଜଙ୍ଗଲରେ ରବିବାର ଏକ ମାଈହାତୀର ଗଳିତ ମୃତଦେହ ଠାବ ହୋଇଛି। ହାତୀର ବୟସ ୧୮ ରୁ ୨୦ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ତାଳପଦା ଫରେଷ୍ଟ ସେକ୍ସନ ବନ କର୍ମଚାରୀ ଓ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜର ବନ କର୍ମଚାରୀ ଅପରାହ୍ନରେ ମିଳିତ ପାଟ୍ରୋଲିଂ ସମୟରେ ହାତୀର ମୃତଦେହ ପଡ଼ିଥିବା ଦେଖିଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ୮ ଟିକିଆ ହାତୀପଲ ମୃତଦେହକୁ ଘେରି ରହିଥିବା ବେଳେ ବନ ବିଭାଗ କର୍ମଚାରୀ ରାତି ୮ଟା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ପାରିନାହାନ୍ତି। ହାତୀ ମୃତ୍ୟୁର ଠିକ୍ କାରଣ ଜଣାପଡ଼ିନାହିଁ। ତେବେ ସ୍ୱାଭାବିକ ମୃତ୍ୟୁ ହୋଇଥିବା ବନ ବିଭାଗ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡ଼ିବ ବୋଲି ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି।



**ଆଜି ସାବିତ୍ରୀ ପୂଜା:** ରବିବାର ସନ୍ଧ୍ୟାରେ ଭୁବନେଶ୍ୱର କଳ୍ପନାଛକ ନିକଟ ଭେଣ୍ଡିଂ ଜୋନ ଫଳ ଦୋକାନରେ ଲୋକଙ୍କ ଭିଡ଼। **(ଫଟୋ: ମନୋରଞ୍ଜନ ମିଶ୍ର)**

# ଭୁବନେଶ୍ୱରରେ ଅଣ୍ଡରଗ୍ରାଉଣ୍ଡ୍‌ରେ ଗଡ଼ିବ ମେଟ୍ରୋ ଟ୍ରେନ୍

ଭୁବନେଶ୍ୱର,୨୫।୫(ବନ୍ଦନା ସେଠୀ)

କୋଲକାତା ଭଳି ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ ଅଣ୍ଡରଗ୍ରାଉଣ୍ଡ୍‌ରେ ଚଳାଚଳ କରିବ। ପୂର୍ବରୁ ବ୍ରିଜ୍ ଉପରେ ମେଟ୍ରୋ ଟ୍ରେନ ଚାଲିବ ବୋଲି ସୂଚନା ଦିଆଯାଇଥିଲା ଓ ସେହି ଅନୁସାରେ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଏବେ ରାଜ୍ୟ ସରକାର ଉକ୍ତ ନିଷ୍ପତ୍ତିରେ ପରିବର୍ତ୍ତନ କରି ମାଟି ତଳେ ମେଟ୍ରୋ ସେବା ପ୍ରଦାନ କରିବାକୁ ଯୋଜନା କରୁଛନ୍ତି। ଏଥିପାଇଁ ପ୍ରାୟତଃ ପ୍ରସ୍ତୁତି ସମ୍ପର୍କିତ ଆଲୋଚନା ହୋଇସାରିଛି। ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଅପ୍‌ଡେଟ୍ ଦେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟ ରାଜଧାନୀ ଭୁବନେଶ୍ୱରର ଜନସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ସେହି ଅନୁପାତରେ ଜନଗହଳି ସହିତ ଗାଡ଼ିମୋଟର ମଧ୍ୟ ବୃଦ୍ଧି ପାଉଛି। ଭୁବନେଶ୍ୱରରେ ଯେଉଁଭଳି ଭାବେ ଦିନକୁ ଦିନ ଭିଡ଼ ନିୟନ୍ତ୍ରଣ ବାହାରକୁ ଯାଉଛି, ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବଡ଼ ପ୍ଲାନ୍ କରିଛନ୍ତି। ସେଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଅଣ୍ଡରଗ୍ରାଉଣ୍ଡ୍ କରାଯିବାକୁ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପାଇଁ ପୂର୍ବ ସରକାରରେ ମୂଳଦୁଆ ପଡ଼ିଥିଲା। ୨୦୨୪ ଜାନୁଆରୀ ପହିଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତ୍ରିଶୂଳିଆ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ପାଇଁ ମୋଟ ୬୨୫୫କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟଠାରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ୨୬ କିଲୋମିଟର ପର୍ଯ୍ୟନ୍ତ ଏହି ମେଟ୍ରୋ ରେଳ ଚାଲିବ। ପରବର୍ତ୍ତୀ ପର୍ଯ୍ୟାୟରେ ତ୍ରିଶୂଳିଆ ଦେଇ କଟକ ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲ ଓ ଏସ୍‌ସିବି ବଡ଼ ମେଡିକାଲ ପର୍ଯ୍ୟନ୍ତ ଚଳାଚଳ କରିବ। ଏପରିକି ପୁରୀ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ସମ୍ପ୍ରସାରଣ ଲାଗି ମଧ୍ୟ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ମୋଟ ୨୨ଟି ଷ୍ଟେଶନ କାର୍ଯ୍ୟକ୍ଷମ ହେବ। ରାଜମହଲ, ଜୟଦେବ ବିହାର, କ୍ୟାପିଟାଲ ହସ୍ପିଟାଲ, ପଟିଆ ଆଦି ପ୍ରମୁଖ ସ୍ଥାନ ସହ ଅନ୍ୟ ସ୍ଥାନରେ ଷ୍ଟେଶନ ରହିବ। ତେବେ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାମ ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଖୁବ୍‌ଶୀଘ୍ର ଶୂନ ଦୁର୍ଘଟଣା ଦିବସ କାର୍ଯ୍ୟକ୍ରମ ଆରମ୍ଭ ହେବ



ବୈଠକରେ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣ୍ୟମଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର,୨୪।୫
(ଅନୁରାଧା ମହାରଣା)

ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ବିଭିନ୍ନ ସଡ଼କ ସୁରକ୍ଷା ପଦକ୍ଷେପ ବିଷୟରେ ଆଲୋଚନା ଏବଂ ସମୀକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଆଇଟି ମାଡ୍ରାସର ସଡ଼କ ସୁରକ୍ଷା ପରାମର୍ଶଦାତା ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣ୍ୟମଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ହ୍ରାସ ଏବଂ ସୁରକ୍ଷିତ ଗାଡ଼ି ଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ରାଜ୍ୟର ସଡ଼କ ସୁରକ୍ଷା ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଶୂନ ଦୁର୍ଘଟଣା ଦିବସ (ଜେଡ୍‌ଏଡି) କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହାସହିତ ଆଇଆଇଟି ମାଡ୍ରାସ ପକ୍ଷରୁ ପ୍ରସ୍ତାବିତ ଚିନ୍ତନ ଶିବିର କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପ୍ରଫେସର ଭେଙ୍କଟେଶ ବାଲାସୁବ୍ରମଣ୍ୟମ୍ ମାଷ୍ଟର ଟ୍ରେନର, ତଦନ୍ତ ଅଧିକାରୀ, ସ୍ୱାସ୍ଥ୍ୟସେବା ବୃତ୍ତିଗତ, ଶିକ୍ଷକ ପ୍ରମୁଖଙ୍କ ପାଇଁ ମାନସ ମନ୍ଥନ ଅଧିବେଶନ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ଘଟଣା ହ୍ରାସ କରିବା ପାଇଁ ଅଂଶୀଦାରମାନଙ୍କ ଦକ୍ଷତା ଓ ଜ୍ଞାନକୁ ବୃଦ୍ଧି କରିବା। ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ରଣନୀତି ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା, ଯେଉଁଥିରେ ବିଭାଗକୁ ସଡ଼କ ସୁରକ୍ଷା ଦିଗରେ ବ୍ୟାପକ ସାମଗ୍ରୀ ଦାଖଲ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଦୈନିକ ତଥ୍ୟ ସମୀକ୍ଷା ଏବଂ ତଦାରଖ ପାଇଁ ଓଡ଼ିଶା ଲାଗି ଏକ ସରଳ, ଗତିଶୀଳ ଡ୍ୟାସବୋର୍ଡ ପ୍ରସ୍ତୁତି ପାଇଁ ଅନୁରୋଧ କରାଯାଇଥିଲା। ଏହା ସଡ଼କ ସୁରକ୍ଷାର ଉନ୍ନତି ଟ୍ରାକ୍ କରିବା, ଉପୁଜୁଥିବା ସମସ୍ୟାର କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ଏବଂ ତଥ୍ୟଚାଳିତ ନିଷ୍ପତ୍ତି ଗ୍ରହଣକୁ ସୂଚିତ କରିବାରେ ସାହାଯ୍ୟ କରିବ।

# ନବରଙ୍ଗପୁର ଛାତ୍ରୀ ସମୀକ୍ଷା ଯିବେ ଜାପାନ

ନବରଙ୍ଗପୁର,୨୫।୫
(ସଦାଶିବ ପ୍ରହରାଜ)

ନବରଙ୍ଗପୁରର ମେଧାବୀ ଛାତ୍ରୀ ସମୀକ୍ଷାରାଣୀ ମାଳି ଜାପାନ ଯିବେ। ଜାପାନର ସାକୁରାଠାରେ ଅଗଷ୍ଟ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ହାଇସ୍କୁଲ ବିଜ୍ଞାନ କାର୍ଯ୍ୟକ୍ରମରେ ସେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ସମୀକ୍ଷାଙ୍କୁ ଚୟନ କରାଯାଇଛି। ଓସେପା ପକ୍ଷରୁ ଗତ ୨୨ ତାରିଖରେ ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି(ନଂ.୫୭୨୭) ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ସମୀକ୍ଷାଙ୍କ ସହ ଭୁବନେଶ୍ୱରସ୍ଥିତ ବିଜେବି କଲେଜର ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ନୀହାରିକା ସାହୁ ଯିବେ ବୋଲି ଜଣାପଡ଼ିଛି। ସମୀକ୍ଷାଙ୍କ ଏହି କୃତିତ୍ୱ ପାଇଁ ମେଧାବୀ ସମ୍ବର୍ଦ୍ଧନାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କୁ ସମ୍ମାନିତ କରିଛନ୍ତି। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସମୀକ୍ଷାଙ୍କ ଜାରି ରହିଥିବା ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ସଫଳତା ଲାଗି ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସମୀକ୍ଷାଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସାକୁରା ବିଜ୍ଞାନ କାର୍ଯ୍ୟକ୍ରମରେ ଯୋଗଦେବେ




ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟମାନେ ସମୀକ୍ଷାରାଣୀ ମାଳିଙ୍କୁ ସମ୍ମାନିତ କରୁଛନ୍ତି।

ନବରଙ୍ଗପୁର ସହର ଇଚ୍ଛାବତୀଗୁଡ଼ା ସାହିର ବାସନ୍ତୀ ମାଳି ଓ ତ୍ରିପତି ମାଳିଙ୍କ ଝିଅ ସମୀକ୍ଷା। ସେ ନବରଙ୍ଗପୁର ନୋଡାଲ ଆର୍‌ସିଡି ହାଇସ୍କୁଲରେ ପଢୁଥିଲେ। ୨୦୨୪ ମାଟ୍ରିକ୍ ପରୀକ୍ଷାରେ ୬୦୦ରୁ ୫୬୭ ମାର୍କ ରଖି ଜିଲା ଟପ୍ପର ହୋଇଥିଲେ। ସେହିବର୍ଷ ମେଧାବୀ ଛାତ୍ରୀ ଭାବେ ସମୀକ୍ଷା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଭାବେ ୫୦ ହଜାର ଟଙ୍କା ପାଇଥିଲେ। ଏବେ ସମୀକ୍ଷା କାର୍ତ୍ତାମାଳ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନରେ ପଢୁଛନ୍ତି। ବାପା ତ୍ରିପତି ଉକ୍ତ ବିଦ୍ୟାଳୟରେ ରସାୟନ ବିଭାଗ ଅଧ୍ୟାପକ ଅଛନ୍ତି। ଭବିଷ୍ୟତରେ ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହାକୁ ନେଇ ସମୀକ୍ଷାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

ସୂଚନାଯୋଗ୍ୟ, ହାଇସ୍କୁଲ ବିଜ୍ଞାନ କାର୍ଯ୍ୟକ୍ରମ ଜରିଆରେ ଜାପାନର ସର୍ବୋତ୍ତମ ବୈଜ୍ଞାନିକ ପ୍ରଯୁକ୍ତିବିଦ୍ୟା ଦେଖିବା ଓ ଉତ୍କୃଷ୍ଟ ବୈଜ୍ଞାନିକଙ୍କୁ ଭେଟିବାର ସୁଯୋଗ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଉନ୍ନତ ଜ୍ଞାନକୌଶଳ ଓ ବିଜ୍ଞାନ, ସଂସ୍କୃତିର ଆଦାନପ୍ରଦାନ କରାଯାଇଥାଏ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ରେ ଗଞ୍ଜାମର ହର୍ଷବର୍ଦ୍ଧନ

ବ୍ରହ୍ମପୁର,୨୫।୫
(ସୁବାସ ଚନ୍ଦ୍ର ପାଢ଼ୀ)



ହର୍ଷବର୍ଦ୍ଧନ ସାହୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କହିଛନ୍ତି ଯେ, ଭାରତ କ୍ରୀଡ଼ା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିବା ସହିତ ସୁନାମ ଅର୍ଜନ କରିବାକୁ ଯାଉଛି। ଓଡ଼ିଶାର ହର୍ଷବର୍ଦ୍ଧନ ସାହୁଙ୍କ ନାଁ ନେଇ ସେ କହିଲେ ଯେ, ଜଣେ ୯ମ ଶ୍ରେଣୀର ଛାତ୍ର ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଭାଗନେଇ ରେକର୍ଡ କରିଛନ୍ତି। ହର୍ଷବର୍ଦ୍ଧନ ପୂର୍ବ ରେକର୍ଡ ଭାଙ୍ଗି ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଏଥିରୁ ଏହା ପ୍ରମାଣିତ ହୋଇଛି। ହର୍ଷବର୍ଦ୍ଧନଙ୍କ ଘର ଗଞ୍ଜାମ ଜିଲା ବ୍ରହ୍ମପୁର ସହରର ହରିଡାଖଣ୍ଡିସ୍ଥିତ ଶାନ୍ତିନଗର। ସେ କେ.ସି.ଟାଉନ ହାଇସ୍କୁଲରେ ୯ମ ଶ୍ରେଣୀର ଛାତ୍ର ଥିଲେ। ଗତ ୯ରୁ ୧୪ ତାରିଖ ମଧ୍ୟରେ ବିହାରର ରାଜଗିରିରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଅନୁଷ୍ଠିତ ହୋଇଥିଲା। ସେ ଭାରୋତ୍ତୋଳନରେ ଭାଗ ନେଇଥିଲେ। କ୍ଲିନ ଆଣ୍ଡ ଜର୍କରେ ୧୧୫ କେଜି ଉଠାଇ ରେକର୍ଡ କରିଥିଲେ। ପୂର୍ବରୁ ୧୧୪ କେଜି ଥିଲା। ମୋଟ ଉପରେ ସେ ୨୦୩ କେଜି ଉଠାଇ ରେକର୍ଡ କରିଥିଲେ। ଓଡ଼ିଶାର ଜଣେ ପିଲା ଏଭଳି ପ୍ରତିଭା ଦେଖାଇବା ଦେଶ ପାଇଁ ଶୁଭଙ୍କର। ସେ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ସୁନାମ ଆଣିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିବା ପରେ ବହୁତ ଖୁସି ଲାଗୁଛି ବୋଲି ହର୍ଷବର୍ଦ୍ଧନଙ୍କ କୋଚ ଜିତେନ୍ଦ୍ର କୁମାର ସାହୁ, ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଗଞ୍ଜାମ ମାଟିର ଗୌରବ କେ.ରବି କୁମାର କହିଛନ୍ତି। ଏହା ନିଶ୍ଚିତ ଭାବେ ଗଞ୍ଜାମ ପାଇଁ ଗୌରବ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୩୦ ତାରିଖରୁ ଏପ୍ରିଲ ୧ ପର୍ଯ୍ୟନ୍ତ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ହର୍ଷବର୍ଦ୍ଧନ ୩ଟି କାଂସ୍ୟ ପଦକ ପାଇଥିଲେ। ତାଙ୍କ ବାପା ଜଣେ ଦିନମଜୁରିଆ। ସେ ମଧ୍ୟ ଭାରୋତ୍ତୋଳନ କରୁଥିଲେ। ଜେଜେ ପଥର ଡମ୍ବଲ୍ସ ଉଠାଉଥିଲେ ବୋଲି କେ.ରବି କୁମାର କହିଛନ୍ତି।

## ଶିବଗଙ୍ଗାରେ ବୁଡ଼ି ଯୁବକ ମୃତ

ଧୁଷୁରୀ,୨୫।୫(ଦୀପ୍ତିରଞ୍ଜନ ନାୟକ)

ଅଧାରହିଗଲା ବାବା ଆଖଣ୍ଡଳମଣିଙ୍କ ଦର୍ଶନ। ବାବାମଣିଙ୍କ ଦର୍ଶନ ପୂର୍ବରୁ ଚାଲିଗଲା ଜଣେ ଯୁବକଙ୍କ ଜୀବନ। ରବିବାର ସକାଳେ ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଏଭଳି ଏକ ଦୁଃଖଦ ଘଟଣା ଘଟିଯାଇଛି। ମୃତ ଯୁବକ ହେଲେ ଧାମନଗର ଥାନା ଅଧୀନ ସୋହଡ଼ା ଗ୍ରାମର ଦେବବ୍ରତ ମିଶ୍ର(୨୧)।

ସୂଚନା ଅନୁଯାୟୀ, ଦେବବ୍ରତ ୩ ଜଣ ସାଙ୍ଗଙ୍କ ସହ ମିଶି ୨ଟି ବାଇକ୍‌ରେ ଆଖଣ୍ଡଳମଣି ପୀଠ ଆରଡ଼ିକୁ ଆସିଥିଲେ। ସକାଳ ୬ଟା ୩୦ରେ ପୀଠ ନିକଟ ଶିବଗଙ୍ଗା ପୁଷ୍କରିଣୀରେ ସେମାନେ ଗାଧୋଉଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ଦେବବ୍ରତ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ତାଙ୍କୁ ଉଦ୍ଧାରକରି ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆରଡ଼ି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଧୁଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୦୨୫) ରୁଜୁ ହୋଇଛି। ପ୍ରକାଶ ଯେ, ଦେବବ୍ରତ ମା'ବାପାଙ୍କର ଏକମାତ୍ର ସନ୍ତାନ ଥିଲେ। ସେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ବିସିଏ ଛାତ୍ର ଥିଲେ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ହିନ୍ଦୁ ଜାଗରଣ ମଞ୍ଚ, ଓଡ଼ିଶା (ପୂର୍ବ) ପକ୍ଷରୁ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସମର୍ଥନରେ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାପା', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## ବାଲେଶ୍ୱର

- ଜିଲା ମୁନିସମାଜ ପକ୍ଷରୁ ଯୋଗ କର୍ମଶାଳା, ସ୍ଥାନ: ସଦଗୁରୁ ଶିବମୁନି ଯୋଗାଶ୍ରମ, ହଳଦୀପଦା, ସମୟ: ଦିବସ ବ୍ୟାପୀ।
- ମହାପ୍ରଭୁଙ୍କ ୩୨ ବେଶ ଉତ୍ସବ, ସ୍ଥାନ: ନିଶନପୁର, ଭୋଗରାଇ, ସମୟ: ଦିବସବ୍ୟାପୀ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସପ୍ତମ ଦିବସ, ସ୍ଥାନ: ଏଫଏମ୍ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫଏମ୍‌ୟୁରେ ଇଷ୍ଟର୍ନ ଇଣ୍ଡିଆ ଓରିଏଣ୍ଟାଲ କନଫରେନ୍ସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଜଉକଣ୍ଢେଇ ବାହାଘର ଉତ୍ସବର ଚତୁର୍ଥୀ ଓ ବନ୍ଧୁମିଳନ ସନ୍ଧ୍ୟା, ସ୍ଥାନ: ମିଶନ ପଡିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଟେନିକଏଟ୍ ପ୍ରଶିକ୍ଷଣ ଶିବିରର ୩ୟ ଦିବସ, ସ୍ଥାନ: ବାଗୁରାଇ ବିନ୍ଧୁମାଧବ ଉଚ୍ଚ ବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ସାବିତ୍ରୀ ଓ ସତ୍ୟବାନଙ୍କ ପୂଜା, ସ୍ଥାନ: ତୋଟାସାହି ସାବିତ୍ରୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- ସାବିତ୍ରୀ ବ୍ରତ, ସ୍ଥାନ: ସନ୍ତରାଗଡ଼ିଆ, ଆଡ଼ିଆ, ବନ୍ତ, ସମୟ: ସକାଳ ୭ଟା।
- ଯୁକ୍ତ ୨ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା କକ୍ଷ, ଭଦ୍ରକ ବାଇପାସ୍, ସମୟ: ସକାଳ ୮ଟା।
- ଜଗତେଶ୍ୱର ଶିବ ମନ୍ଦିରରେ ସାବିତ୍ରୀ ବ୍ରତ ପୂଜା, ସ୍ଥାନ: ଆନନ୍ଦପୁର ବାଲିପାଟଣା, ଧାମନଗର, ସମୟ: ସକାଳ ୮ଟା।
- ସୁଗୋ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ସୁଗୋ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସାଳନ୍ଦୀ ଜଳସେଚନ ବଙ୍ଗଳା, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।

## ନୟାଗଡ଼

- ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କଣ୍ଟିଲୋ ବାତ୍ୟା ଆଶ୍ରୟସ୍ଥଳ, ସମୟ: ସକାଳ ୭ ଟା।
- ରାମଲୀଳା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ରଘୁନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସାମୂହିକ ସାବିତ୍ରୀ ଅମାବାସ୍ୟା, ସ୍ଥାନ: ବୈଶ୍ୟ ସଂଘ ସମାଜ ଗୃହ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ପବିତ୍ର ରାମକଥା, ସ୍ଥାନ: ମୁନିଗୁଡା ଗୀତ ଭବନ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ପରିସର, ସମୟ : ସକାଳ ୯ ଟା।

## ସମ୍ବଲପୁର

- ଶନିଶ୍ଚର ଦେବଙ୍କ ପୂଜାନୋତ୍ସବ, ସ୍ଥାନ : ବାଲିବନ୍ଧ ଶନି ମନ୍ଦିର, ସମୟ : ସକାଳ ୭ଟା।
- ସାଓଲିନ କୁଙ୍ଗ୍‌ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷୀୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- କୁଚିଣ୍ଡା ଭାଜପା ପକ୍ଷରୁ ଅପରେଶନ ସିନ୍ଦୂରକୁ ନେଇ ତ୍ରିରଙ୍ଗା ଯାତ୍ରା, ସ୍ଥାନ: କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ସକାଳ ୯ଟା।

## ରାଉରକେଲା

- ନନ୍ଦଗାଁ ପକ୍ଷରୁ ନାଟକ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା ୩୦।
- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ସେକ୍ଟର-୧ ଡି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ଅପରାହ୍ନ ୫ଟା
- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା ୩୦।

## ସୁନ୍ଦରଗଡ଼

- ସୁନ୍ଦରଗଡ ଜିଲାରେ ରବି ଧାନ ସଂଗ୍ରହର ଶୁଭାରମ୍ଭ,ସ୍ଥାନ: କୁଣ୍ଡୁକେଲା ମଣ୍ଡି, ସମୟ:ସକାଳ ୯ଟା୩୦।

## ବରଗଡ଼

- ଗ୍ରୀଷ୍ମ ଶିବିର,ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ୍ ଇଂଲିଶ ମିଡ଼ିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।

## ସୁବର୍ଣ୍ଣପୁର

- ସାବିତ୍ରୀ ଅମାବାସ୍ୟା ପାଇଁ ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା, ସ୍ଥାନ: ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ତରଭା ପୌର୍ଣ୍ଣମାସୀ ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲାରଦନା ଗାଁ, ଉମରାପଡା, ସମୟ: ସକାଳ ୯ଟା ୨୦।

# ସିନ୍ଧୁନଦୀ ଚୁକ୍ତିର ସର୍ତ୍ତ ଉଲ୍ଲଂଘନ କରିଛି ପାକିସ୍ତାନ

**ଜାତିସଂଘ,୨୫।୫(ପି.ଟି.)**

ସିନ୍ଧୁନଦୀ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ନେଇ ପାକିସ୍ତାନ ଜାତିସଂଘରେ ରଖିଥିବା ଭୁଲ୍ ତଥ୍ୟ ରଖିଥିବାରୁ ଭାରତ ଏହାର ତୀବ୍ର ସମାଲୋଚନା କରିଛି। ବନ୍ଧୁତ୍ୱ ଓ ସଦିଚ୍ଛା ଆଧାରରେ ୬୫ ବର୍ଷ ପୂର୍ବେ ଭାରତ ପାକସ୍ତାନ ସହ ସିନ୍ଧୁନଦୀ ଜଳ ଚୁକ୍ତି ସ୍ୱାକ୍ଷର କରିଥିଲା। ନଦୀ ଉପରମୁଣ୍ଡର ଦେଶ ଭାବେ ଭାରତ ସବୁବେଳେ ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଆସିଥିବାବେଳେ ଇସ୍‌ଲାମାବାଦ ଭାରତ ବିରୋଧରେ ୩ ଥର ଯୁଦ୍ଧ କରିବା ସହ ଆତଙ୍କବାଦୀ ଆକ୍ରମଣରେ ଅନେକ ହଜାର ଲୋକଙ୍କ ଜୀବନ ନେଇ ଚୁକ୍ତିର ସର୍ତ୍ତକୁ ଉଲ୍ଲଂଘନ କରିଥିବା ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପର୍ଭାଥନେନି ହରିଶ କହିଛନ୍ତି। ଭାରତ ଅସାଧାରଣ ଧୈର୍ଯ୍ୟ ଓ ଉଦାରତା ଦେଖାଇ ଆସିଥିବାବେଳେ ପାକିସ୍ତାନୀ ଗତ ୪ ଦଶନ୍ଧିରେ ଭାରତରେ ଚଳାଇଥିବା ଆତଙ୍କବାଦୀ ଆକ୍ରମଣରେ ୨୦, ୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଛି। ଗତ ମାସରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏହାର ସଦ୍ୟ ଉଦାହରଣ, ଯେଉଁଥିରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା ବୋଲି ହରିଶ କହିଛନ୍ତି।

# ବାହାରିନ୍‌ରେ ପ୍ରବାସୀ ଭାରତୀୟଙ୍କୁ ଭେଟିଲେ ବହୁଦଳୀୟ ପ୍ରତିନିଧି ମଣ୍ଡଳୀ

**ମାନାମା,୨୫।୫**

ସୀମାପାର ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଜଣାଇବାକୁ ବରିଷ୍ଠ ଭାଜପା ନେତା ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଶନିବାର ବାହାରିନ୍‌ରେ ପହଞ୍ଚିଥିବା ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ସେଠାର ପ୍ରବାସୀ ଭାରତୀୟମାନଙ୍କୁ ଭେଟି ପାକିସ୍ତାନର ସୀମାପାର ଆତଙ୍କବାଦ ଓ ଭାରତୀୟ ସେନାର ଅପରେଶନ ସିନ୍ଦୂରର ସଫଳତା ସମ୍ପର୍କରେ ଅବଗତ କରାଇଛନ୍ତି। ପ୍ରତିନିଧି ମଣ୍ଡଳୀରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ, ଫଙ୍ଗନୋନ୍ କୋନ୍ୟକ, ଏନ୍‌ଜେପି ଏମ୍‌ପି ରେଖା ଶର୍ମା, ଏଆଇଏମ୍‌ଆଇଏମ୍ ଏମ୍‌ପି ଅସାଦୁଦ୍ଦିନ୍ ଓୱାଇସି, ସତନାମ ସିଂ ସାନ୍ଧୁ, ଗୁଲାମ ନବୀ ଆଜାଦ ଏବଂ ରାଷ୍ଟ୍ରଦୂତର ହର୍ଷ ଶ୍ରୀଙ୍ଗ୍‌ଲା ରହିଛନ୍ତି। ସେହିପରି ଡିଏମ୍‌କେ ଏମ୍‌ପି କାନିମୋଝି କରୁଣାନିଧିଙ୍କ ନେତୃତ୍ୱରେ ରୁଷିଆ ଯାଇଥିବା ପ୍ରତିନିଧି ମଣ୍ଡଳୀ ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା ସମ୍ପର୍କିତ ଦୃଢ଼ ବାର୍ତ୍ତା ଦେଇଛନ୍ତି। ମସ୍କୋସ୍ଥିତ ଭାରତୀୟ ଦୂତାବାସରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କାନିମୋଝି କହିଥିଲେ, ପାକିସ୍ତାନରୁ ଅନୁପ୍ରବେଶ କରିଥିବା ଆତଙ୍କବାଦୀ ପହଲଗାମ ଆକ୍ରମର କରିଥିଲେ। ଇସ୍‌ଲାମାବାଦ ସୁରକ୍ଷାରେ ରହିଥିବା ଏହି ଆତଙ୍କବାଦୀ ସଂଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଭାରତ ଦାୟିତ୍ୱପୂର୍ଣ୍ଣ ଭାବେ ଏହାର ଜବାବ ଦେବାକୁ ଯାଇ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିବାବେଳେ କୌଣସି ସାଧାରଣ ଲୋକ ପ୍ରଭାବିତ ହୋଇ ନ ଥିଲେ କ ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇ ନ ଥିଲା। ଶିବସେନା ଏମ୍‌ପି ଶ୍ରୀକାନ୍ତ ଶିନ୍ଦେଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସମର୍ଥନ କରୁଥିବା ୟୁଏଇକୁ ଅଭିନନ୍ଦନ ଜଣାଇଛନ୍ତି।


# ଏନ୍‌କାଉଣ୍ଟରରେ ଜେଜେଏମ୍‌ପି ସୁପ୍ରିମୋଙ୍କ ସମେତ ୨ ମାଓବାଦୀ ନିହତ

**ରାଞ୍ଚି,୨୫।୫**

ଲାଟେହାରର ଇଚାବାର ଜଙ୍ଗଲରେ ଶନିବାର ସକାଳେ ପୋଲିସ ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ଝାଡ଼ଖଣ୍ଡ ଜନମୁକ୍ତି ପରିଷଦ (ଜେଜେଏମ୍‌ପି) ସୁପ୍ରିମୋ ପପ୍ପୁ ଲୋହରା ଏବଂ ତାଙ୍କ ସହଯୋଗୀ ପ୍ରଭାତ ଲୋହରା। ଗୁଳି ବିନିମୟ ବେଳେ ଅନ୍ୟ ଜଣେ ମାଓବାଦୀ ନିହତ ହୋଇଥିବା ବିଶ୍ୱାସ କରାଯାଉଥିବାବେଳେ ତାଙ୍କ ମୃତଦେହ ମିଳିନାହିଁ। ମାଓବାଦୀ ସଂଗଠନ ଜେଜେଏମ୍‌ପି ଲାଟେହାର ଓ ଝାଡ଼ଖଣ୍ଡର କେତେକ ଜିଲାରେ ସକ୍ରିୟ ରହିଛି। ଗୁଳି ବିନିମୟ ବେଳେ ଆହତ ହୋଇଥିବା କନ୍‌ଷ୍ଟେବଲ ଅୱଧ ସିଂଙ୍କୁ ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରେ ଭର୍ତ୍ତି କରାଯାଇଛି।




ନୂଆଦିଲ୍ଲୀର ହୋଟେଲ ଅଶୋକାରେ ରବିବାର ଅନୁଷ୍ଠିତ ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ପରିଷଦ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମାନେ। କେନ୍ଦ୍ରମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ଓଳି ଝିଅ ଚଢ଼େ ଦୋଳି,**
**ମା' ଓଳି ଝିଅ ବିକେ କୋଳି।**
**ବାପ ଓଳି ପୁଅ ଖାଏ ଖଡ଼ା,**
**ମା' ଓଳି ପୁଅ ଚଢ଼େ ଘୋଡ଼ା।**

ବାପ ମୁହଁ ପରି ଝିଅ ସୁଖରେ ରହୁଥିବାବେଳେ ମାଆ ମୁହଁ ପରି ଝିଅ ଦୁଃଖରେ ରହୁଥିବାର ଜଣାଯାଇଥାଏ। ସେହିପରି ବାପ ମୁହଁ ପରି ପୁଅ ଅଭାବରେ ରହୁଥିବାବେଳେ ମାଆ ମୁହଁ ପରି ପୁଅ ବହୁ ଧନ ସମ୍ପତ୍ତି ଲାଭ କରି ସୁଖରେ ରହିଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ବ୍ରାହ୍ମଣ, ବଇଦ, ବରଷା, ବଢ଼ି;**
**ଦକ୍ଷିଣା ପାଇଲେ ଯାଆନ୍ତି ଛାଡ଼ି।**

ବ୍ରାହ୍ମଣମାନେ ପୂଜା କର୍ମ ପରେ ଦକ୍ଷିଣା ପାଇଲେ ଯଜମାନଙ୍କ ପାଖରୁ ଖୁସିରେ ଚାଲିଯାଆନ୍ତି। ବଇଦ ରୋଗୀଙ୍କୁ ପଥି ଦେଇ ଦକ୍ଷିଣା ସ୍ୱରୂପ କିଛି ଅର୍ଥ ନେଇଥାନ୍ତି। ସେହିପରି ଦକ୍ଷିଣା ପବନ ପକେଇଲେ ବର୍ଷା ଓ ବଢ଼ି ଛାଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚୌଦ୍ୱାର ଜେଲରୁ କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୨୫।୫(ଆଶୁତୋଷ ଦାସ)**

କଟକ ଜିଲା ଚୌଦ୍ୱାର ସର୍କଲ ଜେଲ ପରିସରସ୍ଥ ଆମ୍ବଗଛରୁ ଶନିବାର ଜଣେ କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ଗ୍ରାମର ବିଷ୍ଣୁ ପ୍ରସାଦ ସ୍ୱାଇଁ (୩୭)। ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ବେହେରାଙ୍କ ଅଭିଯୋଗକ୍ରମେ ଚୌଦ୍ୱାର ଥାନାରେ ଏକ ମାମଲା (ନଂ.୧୦/୨୫)ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଜେଲ ୱାର୍ଡର ଶନିବାର ଅପରାହ୍ନରେ ୱାର୍ଡ ପରିକ୍ରମା କରିବା ସମୟରେ ବିଷ୍ଣୁ ନିଜ ୱାର୍ଡରେ ନ ଥିବା ଓ ଜେଲ ପକ୍ଷରୁ ଦିଆଯାଇଥିବା ଖାଦ୍ୟ ଖାଇ ନ ଥିବା ଦେଖି ସେ ଏ ସମ୍ପର୍କରେ ଜେଲ ଅଧୀକ୍ଷକଙ୍କୁ ଜଣାଇଥିଲେ। ପରେ କର୍ମଚାରୀ ଖୋଜାଖୋଜି କରିବାରୁ ଜେଲ ପରିସରସ୍ଥ ଏକ ପୁରୁଣା ବିଲ୍ଡିଂ ପାଖ ଆମ୍ବଗଛରେ ଗାମୁଛାରେ ଝୁଲୁଥିବା ଅବସ୍ଥାରେ ବିଷ୍ଣୁଙ୍କୁ ଦେଖିବାକୁ ପାଇଥିଲେ। କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ୨୦୨୧ରୁ ବିଷ୍ଣୁ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ହତ୍ୟା କରିବା ଘଟଣାରେ ଚୌଦ୍ୱାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ। ୪ ବର୍ଷ ମଧ୍ୟରେ ସେ ୪ ଥର ପାରୋଲରେ ଘରକୁ ଆସି ତାଙ୍କ ପରିବାର ବର୍ଗଙ୍କ ସହ ସମୟ କଟାଇ ପୁଣି ଜେଲକୁ ଫେରିଥିଲେ। ସେ ତାଙ୍କ ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ପାରୋଲରେ ୧୦ ଦିନ ପାଇଁ ଘରକୁ ଆସି ଗତ ୧୧ ତାରିଖରେ ଜେଲକୁ ଫେରିଥିଲେ। ବିଷ୍ଣୁଙ୍କ ଭଉଣୀଙ୍କ କହିବାନୁଯାୟୀ, ବିଷ୍ଣୁ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ନିଜ ପତ୍ନୀଙ୍କ ସହ ଫୋନରେ ଭଲରେ କଥାବାର୍ତ୍ତା ହୋଇଥିଲେ। ଏଥିସହ ସୋମବାର ସାବିତ୍ରୀ ବ୍ରତ ଦିନ ତାଙ୍କୁ ଜେଲକୁ ଆସି ଭେଟିବାକୁ କହିଥିଲେ। ହେଲେ ତାଙ୍କ ଭାଇଙ୍କ ଏପରି ମୃତଦେହ ମିଳିବାକୁ ନେଇ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ପାରିବାରିକ ବିବାଦକୁ ନେଇ ବିଷ୍ଣୁ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସୁପରିଣ୍ଟେଣ୍ଡେଣ୍ଟ ବେହେରା କହିଥିବାବେଳେ ଜେଲରେ କଏଦୀଙ୍କ ସୁରକ୍ଷା ପ୍ରସଙ୍ଗ ବାବଦରେ କିଛି କହି ନ ଥିଲେ। ଏନେଇ ଜେଲର ବିଭୁଦେନ୍ଦୁ ଭୂୟାଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ପ୍ରଥମ ପୃଷ୍ଠାରୁ...

### କୁଳଡ଼ିହାରୁ ୫ ସଶସ୍ତ୍ର ...

କରି ୫ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ଗୁଳି ଭର୍ତ୍ତି ଗୋଟିଏ ହାତ ତିଆରି ବନ୍ଧୁକ, ବାରୁଦ, ୨ଟି ଧନୁ, ୬ଟି ତୀର, ତାରରେ ନିର୍ମିତ ଫାଶ ଓ ଗୋଟିଏ କୁଟୁରା ଶିଙ୍ଗ ଜବତ ହୋଇଛି। ଗିରଫ ଶିକାରୀଙ୍କ ମଧ୍ୟରେ ୪ଜଣ ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ନରସିଂସିଲା ଗ୍ରାମର ରମେଶ ମୁଣ୍ଡା (୪୫), ଗଣେଶ୍ୱର ମୁଣ୍ଡା(୨୧), ଗୋପି ହୋ ଏବଂ ମଡିଚୁଆ ଗ୍ରାମର ହାଡିଆ ଭଦ୍ର(୨୭) ଓ ଅନ୍ୟ ଜଣେ ମୟୂରଭଞ୍ଜ ଜିଲା ଶରତ ଥାନା ଗୌରଚନ୍ଦ୍ରପୁର ଗ୍ରାମର ସିଲିଆ ଗିଲୁଆ ବୋଲି ଜଣାପଡ଼ିଛି। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ କୁଳଡ଼ିହାକୁ ଶିକାରୀମୁକ୍ତ କରିବା ନେଇ ପ୍ରୟାସ ଚାଲିଥିବା ଏସିଏଫ୍ ବେହେରା ସୂଚନା ଦେଇଛନ୍ତି।



ଗିରଫ ୫ ଶିକାରୀ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ କିନ୍ତୁ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ବ୍ୟବସାୟରେ ପ୍ରତିବନ୍ଧକ, ଯାନବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷାକରିବା ଭଲ। କର୍ମକ୍ଷେତ୍ରସ୍ଥ ବିଶୃଙ୍ଖଳିତ ପରିସ୍ଥିତିରେ ପଡି ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ।

**ବୃଷ** ସାଧାରଣ କଥାରେ ଅତ୍ୟଧିକ ଉତ୍ତେଜନା କିମ୍ବା ଭାବପ୍ରବଣତା ନିଜର ହିଁ କ୍ଷତି ସାଧନ କରିବ। ଆଲୋଚନା ଅବସରରେ ନିଜର ପ୍ରମାଣସିଦ୍ଧ ଯୁକ୍ତି ବଳରେ ସମସ୍ୟା ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଆର୍ଥିକ ସ୍ଥିତିରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** ପାରିବାରିକ କ୍ଷେତ୍ରରେ ଉତ୍ତମ ବୁଝାମଣା ସାଙ୍ଗକୁ ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ। ମକଦ୍ଦମା, ପ୍ରଶାସନ, ରାଜନୀତି ତଥା ଗଠନମୂଳକ କାର୍ଯ୍ୟରେ ଉତ୍ସାହିତ ହେବେ। ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିଲେ ମଧ୍ୟ ସମାଧାନ ହୋଇଯିବ। ଆନୁଷ୍ଠାନିକ କାମରେ ସାମିଲ୍ ହୋଇପାରନ୍ତି।

**କର୍କଟ** ଆଜି ଯେ କୌଣସି କ୍ଷେତ୍ର ହେଉନା କାହିଁକି କାମ ହାସଲରେ ଅସୁବିଧା ହେବନି। କିନ୍ତୁ ପ୍ରତିବନ୍ଧକ କିମ୍ବା ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ପରିସ୍ଥିତକୁ ସାମ୍ନା କରିବାକୁ ଯାଇ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ପାରିବାରିକ କ୍ଷେତ୍ରରେ ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ସିଂହ** ଆତ୍ମୀୟଙ୍କ ସାହାଯ୍ୟରୁ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅସୁବିଧା ହେବନାହିଁ। ପ୍ଲଟିଂ କାରବାର, ପରିବହନ, ପ୍ରଶାସନ, ମାଲିମକଦ୍ଦମା, କ୍ଷେତ୍ର ଉନ୍ନତ ରହିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପଡୋଶୀଙ୍କ ସହ ପୂର୍ବ ଶତ୍ରୁତା ହେତୁ ଅପରାହ୍ନରେ କଳହର ଆଶଙ୍କା ରହିଛି।

**କନ୍ୟା** ଆଜି ସକାଳୁ ସକାଳୁ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତାଜନିତ ମନ ଆନ୍ଦୋଳିତ ରହିବ। ଅତି ନିକଟ ସମ୍ପର୍କୀୟ ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେଇପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବାର ସୂଚନା ରହିଛି। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ତୁଳା** ପ୍ରତ୍ୟେକ କାମ ଡେରିରେ ହେଉଥିବାରୁ ମନ ଭଲ ଲାଗିବ ନାହିଁ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆଲୋଚନା ପରିସରରେ ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ପଡୋଶୀ ମୁଖ୍ୟ ଭୂମିକା ସାଜିପାରନ୍ତି।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବାରୁ ମନ ବିଚଳିତ ହେବ। ପ୍ରଶାସନ, ରାଜନୀତି ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେଇ ଠିକଣା ସମୟରେ ଦୂରେଇ ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବିଶେଷ ବ୍ୟସ୍ତତା ବଢ଼ିଯାଇପାରେ।

**ଧନୁ** ପ୍ରତିକୂଳ ସମୟ ଚାଲିଥିବାରୁ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ନିଜର ଲୋକଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ସାହାଯ୍ୟ କରିବାରେ ପଛେଇ ଯିବେ। ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ବନ୍ଧୁଙ୍କ ମନୋରଞ୍ଜନ କାର୍ଯ୍ୟରେ ଅନୁରୋଧ କ୍ରମେ ଅଂଶଗ୍ରହଣ କରିପାରନ୍ତି।

**ମକର** ଆଜି ସମ୍ପର୍କୀୟଙ୍କ ମାଧ୍ୟମରେ ସକାଳୁ ଶୁଭ ଖବର ପାଇ ମନ ଆହ୍ଲାଦିତ ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଅଯଥା କଳହରୁ ଦୂରେଇ ରୁହନ୍ତୁ ନଚେତ୍ ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସକାଶେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ।

**କୁମ୍ଭ** ଆଜିର ଗ୍ରହସ୍ଥିତି ଆପଣଙ୍କ କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କକୁ ଦୃଢୀଭୂତ କରିବ। ଅନ୍ୟମାନଙ୍କ ସକାଶେ କିଛି ଭଲକାମ କରିବାକୁ ଯାଇ ଅପଦସ୍ଥ ହେବେ। ହଠାତ୍ ଯାତ୍ରା କରିବାକୁ ମନସ୍ଥ କରି ବାଟରୁ ଫେରି ଆସିବେ। ଶିକ୍ଷା, ଗବେଷଣା, ବିଦେଶ ଯାତ୍ରା, ସାହିତ୍ୟ, ସଙ୍ଗୀତ ଓ ଆଲୋଚନା କ୍ଷେତ୍ର ପ୍ରଶସ୍ତ ରହିବ।

**ମୀନ** ଆଜିର ସାମାଜିକ ସମ୍ପର୍କ ମନ୍ଦ ହେବନି, କିନ୍ତୁ ପରିବାରରେ ବିବାଦ ବଢ଼ିପାରେ। ଅଫିସ୍‌ରେ ଅଧସ୍ତନ କର୍ମଚାରୀଙ୍କୁ କଟୁକଥା ପ୍ରୟୋଗ କଲେ ନିଜକୁ ହିଁ ଅପମାନିତ ହେବାକୁ ପଡିବ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟା କରି ବିଫଳ ହେବେ। ଜମିଜମା କିମ୍ବା ପିଲାଙ୍କ ସମ୍ବନ୍ଧୀୟ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିପାରେ।

ଆଜି ମେ' ୨୬ ତାରିଖ, ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ, ଘ.୧୨।୧୨ ମି. ଗତେ, ଅମାବାସ୍ୟା ସୋମବାର। ସାବିତ୍ରୀବ୍ରତ, ଅମାବାସ୍ୟାର ନିଶାପାଳନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାଶିନକ୍ଷତ୍ର-ସକାଳ ଘ.୦୮।୨୩ ମି. ଗତେ, କୃତ୍ତିକା/ମେଷ, ଦିବା ଘ.୦୧।୪୦ ଗତେ, ବୃଷଚନ୍ଦ୍ର, ଦିବା ଘ.୦୮।୪୦ ଗତେ, ଘ.୧୦।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୪୯ ଗତେ, ଘ.୦୮।୨୭ ମଧ୍ୟେ ରାହୁକାଳ।

# ମନ୍ଦିର ରୋଷ ଘରେ ନାବାଳିକାଙ୍କୁ ବଳାତ୍କାର

ଜମନକିରା,୨୫।୫(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ସଦର ମହକୁମାସ୍ଥିତ ବାବା ମୁକ୍ତେଶ୍ୱର ମନ୍ଦିର ରୋଷେଇ ଗୃହରେ ରବିବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଜଣେ ୧୨ବର୍ଷୀୟା ନାବାଳିକା ବଳାତ୍କାରର ଶିକାର ହୋଇଛି। ମନ୍ଦିରର ଜଣେ ସହଯୋଗୀ ପୂଜକ ଶୋଭା ମହାପାତ୍ର ଓରଫ କେଦାର(୩୬)ଙ୍କ ନାମରେ ଆସିଛି ଏହି ଅଭିଯୋଗ। ପୀଡିତା ନାବାଳିକା ବି ଜଣେ ପୂଜକଙ୍କ ଝିଅ ବୋଲି ଜଣାପଡିଛି। ପୀଡ଼ିତାଙ୍କ ମା' ଏ ନେଇ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ବିଏନ୍ଏସ୍ ଦଫା ୬୪(୨)ଏଫ୍‌ରେ ଏକ ମାମଲା(ନଂ.୮୭/୨୫) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ଶୋଭାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀମାଇନା ସମ୍ବଲପୁରରେ କରାଯାଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

ରବିବାର ମନ୍ଦିରର ପୂଜାପାଳି ଥିବା ପୂଜକ ଅନ୍ୟତ୍ର କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅନୁପସ୍ଥିତ ଥିଲେ। ସେ ତାଙ୍କ ବଡ଼ଭାଇଙ୍କୁ ପୂଜାକର୍ମ କରିବାକୁ କହିଥିଲେ। ତାଙ୍କୁ ପୂଜାରେ ସହଯୋଗ କରିବାକୁ ସେ ଅଭିଯୁକ୍ତ ଶୋଭାଙ୍କୁ ଅନୁରୋଧ କରିଥିଲେ। ଏଥିରେ ରାଜି ହୋଇ ଶୋଭା ମନ୍ଦିର ଯାଇଥିଲେ। ପୂଜା ଯଥାରୀତି ସରିବା ପରେ ଶୋଭା ମନ୍ଦିର ପରିସରରେ ଥିଲେ। ଏହି ସମୟରେ ସମ୍ପୃକ୍ତ ନାବାଳିକା ମନ୍ଦିର ରୋଷେଇ ଘରେ ଏକା ଥିଲେ। ଏହାର ସୁଯୋଗ ନେଇ ଶୋଭା ରୋଷେଇ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏଥିରେ ନାବାଳିକାଙ୍କ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଘରକୁ ଫେରି ସେ ସବୁ କଥା ତାଙ୍କ ମା'ଙ୍କୁ କହିଥିଲେ। ଏ ସଂକ୍ରାନ୍ତରେ ମନ୍ଦିର କମିଟି ସଭାପତି ପି.କେ.କନପାନଙ୍କୁ ପଚାରିବାରୁ ମନ୍ଦିର ଓ ମନ୍ଦିର ପରିସରକୁ ଶୁଦ୍ଧ କରାଯିବ ବୋଲି ସେ କହିଛନ୍ତି।

# ପେଟ୍ରୋଲ ପମ୍ପ ଖୋଲାଇବା ଆଳରେ ୧୯.୯୭ ଲକ୍ଷ ଠକେଇ

ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)

## ବିହାରରୁ ମାଷ୍ଟରମାଇଣ୍ଡ ଗିରଫ

ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ଖୋଲାଇଦେବା ଆଳରେ ଜଣେ ବ୍ୟବସାୟୀଙ୍କୁ ୧୯.୯୭ ଲକ୍ଷ ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ବିହାରରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବିହାର ନୱାଦା ଜିଲାର ସତିଶ କୁମାର (୨୪)। ତାଙ୍କଠାରୁ ୧୫ ହଜାର ଟଙ୍କା, ୬ଟି ମୋବାଇଲ ଫୋନ, ଗୋଟିଏ ଲାପଟପ୍, ସିମ୍‌କାର୍ଡ, ଟ୍ରାଞ୍ଜାକ୍ସନ୍ ଶିଟ୍ ଏବଂ ପରିଚୟପତ୍ର ଜବତ ହୋଇଛି। ସତିଶଙ୍କୁ ଗିରଫ ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ରବିବାର ତାଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।



ଅଭିଯୁକ୍ତ ସତିଶ କୁମାର

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡ଼ା ଅଞ୍ଚଳର ବ୍ୟବସାୟୀ ସାରଦା ପ୍ରସନ୍ନ ରାଉତରାୟ ଠକମାନଙ୍କ ଜାଲରେ ପଡ଼ିଥିଲେ। ଅଭିଯୁକ୍ତମାନେ ପେଟ୍ରୋଲ ପମ୍ପ ଡିଲର୍ ଚୟନ ନାଁରେ ଏକ ଫେକ୍ ୱେବ୍‌ସାଇଟ୍ (https://www.petrolpumpdealerchayan.in/petrol-2023/) ଖୋଲିଥିଲେ। ଏପଟେ ସାରଦା ପେଟ୍ରୋଲ ପମ୍ପ ଖୋଲିବାକୁ ଇଚ୍ଛା କରି ଅନ୍‌ଲାଇନ୍‌ରେ ସର୍ଚ୍ଚ କରିବାବେଳେ ଉକ୍ତ ୱେବ୍‌ସାଇଟ୍‌କୁ ଲଗ୍‌ଇନ୍ କରିଦେଇଥିଲେ। ଏହା ଜାଣିପାରି ଅଭିଯୁକ୍ତମାନେ ସାରଦାଙ୍କୁ ଯୋଗାଯୋଗ କରି ଜାଲରେ ଫସାଇଥିଲେ। ଆଇଓସିଏଲ୍‌ର ପେଟ୍ରୋଲ ପମ୍ପ ଖୋଲିବାକୁ ପ୍ରଥମେ ବିଭିନ୍ନ ଦେୟ ଦେବାକୁ ପଡ଼ିବ ବୋଲି ଠକମାନେ କହିଥିଲେ। ଏପରିକି ମେଲ୍ ଜରିଆରେ ଆଇଓସିଏଲ୍‌ର ଆକାଉଣ୍ଟ ନମ୍ବର କହି ନିଜ ଆକାଉଣ୍ଟ ଦେଇଥିଲେ। ଏଥିରେ ବିଶ୍ୱାସ କରି ସାରଦା ଚେକ୍ ଜରିଆରେ ଜାନୁଆରୀରୁ ବିଭିନ୍ନ ସମୟରେ ୧୯ ଲକ୍ଷ ୯୭ ହଜାର ୫୦୦ ଟଙ୍କା ଦେଇଥିଲେ। ହେଲେ ପେଟ୍ରୋଲ ପମ୍ପ ସଂକ୍ରାନ୍ତ କୌଣସି କାର୍ଯ୍ୟ ଆଗକୁ ନ ବଢ଼ିବାରୁ ସାରଦାଙ୍କ ସନ୍ଦେହ ହୋଇଥିଲା। ଆଇଓସିଏଲ୍ ଅଫିସ ଯାଇ ବୁଝିବାରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ସାରଦାଙ୍କ ଅଭିଯୋଗକ୍ରମେ ପୋଲିସ ଗତ ମେ' ୨ରେ ମାମଲା (ନଂ.୭୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତବେଳେ ସତିଶ୍ ମାଷ୍ଟରମାଇଣ୍ଡ ହୋଇଥିବା ଜଣାପଡିଥିଲା। ଠକେଇ ଟଙ୍କାରୁ ତାଙ୍କ ପାଖକୁ ୭ ଲକ୍ଷ ୨୨ ହଜାର ୧୦୦ ଟଙ୍କା ଯାଇଥିବାବେଳେ ବାକି ଟଙ୍କା ସବୁ ଅନ୍ୟ ଆକାଉଣ୍ଟକୁ ଡିପୋଜିଟ୍ ହୋଇଥିବା ପୋଲିସ କହିଛି।

# ଏ-୧ କରାଇଦେବାକୁ କହି ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ

ଛେନାପଦି,୨୫।୫ (ନିରାକାର ପରିଡ଼ା)

## ପ୍ରଧାନଶିକ୍ଷକ ଫେରାର

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଛାତ୍ରୀଙ୍କୁ ଏ-୧ କରାଇଦେବାକୁ କହି ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବିଭିନ୍ନ ଆଡୁ ଘଟଣାକୁ ଚାପିଦେବାକୁ ପରିବାର ଉପରେ ଚାପ ପ୍ରୟୋଗ କରାଯାଉଛି। ମାତ୍ର ଏ ନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ପ୍ରଧାନଶିକ୍ଷକ ଭାଗୀରଥି କବି ଘଟଣା ପରେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକଙ୍କ ସମେତ ୨ଜଣ ଶିକ୍ଷକ ଛୁଟିଦିନରେ କୋଚିଂ ଦେଉଥିଲେ। ମାମୁ ଘରେ ରହି ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଜଣକ ଶନିବାର କୋଚିଂ ପାଇଁ ଯାଇଥିଲେ। ପ୍ରଧାନଶିକ୍ଷକ ଭାଗୀରଥି ଛାତ୍ରୀଙ୍କୁ ପାଣି ଗ୍ଲାସେ ଆଣିବାକୁ କହିଥିଲେ। ଛାତ୍ରୀ ଅଫିସ ରୁମ୍‌କୁ ପାଣି ନେଇଯାଇଥିବା ବେଳେ ପ୍ରଧାନଶିକ୍ଷକ ତାଙ୍କ ମନ କଥା ମାନିଲେ ଏ-୧ରେ ପାସ୍ କରାଇ ଦେବି ବୋଲି କହି ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ କାନ୍ଦି କାନ୍ଦି ଘରକୁ ଆସି ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ସ୍କୁଲ କମିଟିକୁ ଜଣାଇଥିଲେ। ଗାଁର କିଛି ଲୋକ ଘଟଣାକୁ ଚାପିଦେବାକୁ ପରିବାର ଲୋକଙ୍କ ଉପରେ ଚାପ ପକାଇଥିଲେ। ଏଥିପାଇଁ ଶନିବାର ରାତିରେ ଗାଁରେ ବୈଠକ ବସି ସମାଧାନ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ଝିଅଙ୍କ ବାପା ଏଥିରେ ଏକମତ ନ ହୋଇ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ନନ୍ଦିପଦା ପୋଲିସ ଶନିବାର ରାତିରେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଗାଁକୁ ଯାଇ ତଦନ୍ତ କରିଥିଲା। ପ୍ରଧାନଶିକ୍ଷକ ଫେରାର ଥିବା ବେଳେ ରବିବାର ପୋଲିସ ଏକ ମାମଲା(ନଂ.୧୪୬/୨୫)ରୁଜୁ କରି ତଦନ୍ତ ଚଳାଇଛି।

ଭାଗୀରଥି ବିଦ୍ୟାଳୟର ସହକାରୀ ଶିକ୍ଷକ ଥିବାବେଳେ ପ୍ରଧାନଶିକ୍ଷକଙ୍କ ଅବସର ପରେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ପରିସରରେ କୋଚିଂ ସେଣ୍ଟର ଖୋଲି କୋଚିଂ ଦେବା ନିୟମ ବିରୋଧ ହୋଇଥିଲେ ବି କିପରି ସେଠାରେ କୋଚିଂ ସେଣ୍ଟର ଚାଲିଥିଲା, କିଏ ଅନୁମତି ଦେଇଥିଲେ ତାହା ତଦନ୍ତ ସାପେକ୍ଷ।

# ୧.୩୭ କୋଟି ଆତ୍ମସାତ୍: ପିଇଓ ଗିରଫ

ଗୋପାଳପୁର,୨୫।୫(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ କେଲୁଆପୁଲ୍ଲୀ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଥିବା ପାଣ୍ଠିରୁ ଅର୍ଥ ଆତ୍ମସାତ ଘଟଣାରେ ଗୋଳନ୍ଥରା ପୋଲିସ କାର୍ଯ୍ୟରତ ପିଇଓ ସମୀର କୁମାର ମିଶ୍ରଙ୍କୁ ରବିବାର ଅପରାହ୍ନରେ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଘର ଗଙ୍ଗାପୁର ଗ୍ରାମରେ। ଘଟଣା ନେଇ ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପିଇଓ ମିଶ୍ରଙ୍କୁ ଶନିବାର ସନ୍ଧ୍ୟାରେ ବ୍ଲକ ପରିସରରୁ ଉଠାଇ ନେଇ ଥାନାରେ ପଚରାଉଚରା କରିଥିଲା। ରାତିରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଥାନାରେ ପହଞ୍ଚି ପିଇଓ ମିଶ୍ରଙ୍କୁ ପଚରାଉଚରା କରିଥିଲେ। ପିଇଓ ମିଶ୍ର ଗତ ଏକ ବର୍ଷ ମଧ୍ୟରେ ପଞ୍ଚାୟତ ପାଣ୍ଠି କ୍ୟାଶବୁକ୍‌ରୁ ୭୬ ଲକ୍ଷ ୬୩ ହଜାର ୮ ଶହ ୯୯ ଟଙ୍କା, ପଞ୍ଚଦଶ ଅର୍ଥ କମିଶନରୁ ଆସିଥିବା ଅର୍ଥରୁ ୪୦ ଲକ୍ଷ ୮୪ ହଜାର ୫ଶହ ୩୭ ଟଙ୍କା ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନରୁ ଆସିଥିବା ଅର୍ଥରୁ ୧୯ ଲକ୍ଷ ୯୪ ହାଜର ୨ ଶହ ୩୫ ଟଙ୍କା ସେଲ୍‌ଫ ଚେକ୍‌ରେ ସରପଞ୍ଚଙ୍କ ଦସ୍ତଖତ କରାଇ ତୁଲୁସ୍ଥିତ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଟଙ୍କା ଉଠାଇଥିବା ପୋଲିସ ତାଙ୍କୁ ପଚରାଉଚରା ବେଳେ ଜାଣିବାକୁ ପାଇଛି।



ସମୀର କୁମାର ମିଶ୍ର

ସେ ମୋଟ ୧ କୋଟି ୩୭ ଲକ୍ଷ ୪୨ ହଜାର ୬୭୨ ଟଙ୍କା ହଡ଼ପ କରିଛନ୍ତି। ପୂର୍ବରୁ ପୋଲିସ ତାଙ୍କଠାରୁ ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ଏଟିଏମ୍ କାର୍ଡ ଜବତ କରିଥିବା ବେଳେ ରବିବାର କେଲୁଆପୁଲ୍ଲୀ କାର୍ଯ୍ୟାଳୟରୁ ପୋଲିସ ୩ଟି କ୍ୟାଶବୁକ୍, ଦୁଇଟି ବ୍ୟାଙ୍କ ଜମାଖାତା, ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି। ବ୍ରହ୍ମପୁର ଏସ୍‌ପିଙ୍କୁ ଏନେଇ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି, ଆବଶ୍ୟକ ପଡିଲେ ପିଇଓଙ୍କୁ ରିମାଣ୍ଡରେ ଅଣାଯିବ। ଏଥିରେ ଆଉ କାହାର କାହାର ସମ୍ପୃକ୍ତି ରହିଛି କି ନାହିଁ ଏବଂ ମାମଲାର ବିଭିନ୍ନ ଦିଗ ଉପରେ ତଦନ୍ତ କରାଯାଉଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, କେଲୁଆପୁଲ୍ଲୀ ପଞ୍ଚାୟତରେ ୨୦୧୯ରୁ ପିଇଓ ଭାବେ ମିଶ୍ର କାର୍ଯ୍ୟ କରୁଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଅଡିଟ୍ ବେଳେ ଜାଲ ପାସ୍‌ବୁକ ପ୍ରସ୍ତୁତ କରି ସେ ଦେଖାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଦୁଇ ଥର ବଦଳି ହୋଇଥିଲେ ମଧ୍ୟ ସେ ନୂତନ ପିଇଓ ସୁଶାନ୍ତ କୁମାର ପଟ୍ଟନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିଲେ। ଏ ନେଇ ବିଡିଓ ବିଶ୍ୱଜିତ ରାୟ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପରେ ପିଇଓ ମିଶ୍ର ଜାଲ ପାସ୍‌ବୁକ୍ କରି ପିଇଓ ପଟ୍ଟନାୟକଙ୍କୁ ଦେଇଥିଲେ। ପଟ୍ଟନାୟକ ବ୍ୟାଙ୍କକୁ ଯାଇ ବାଲାନ୍ସ ଯାଞ୍ଚ କରିବାବେଳେ ସେଥିରେ ଟଙ୍କା ନ ଥିଲା। ଏ ସମ୍ପର୍କରେ ସେ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ରାୟ ଏହାର ତଦନ୍ତ କରିବା ପରେ ବିଭିନ୍ନ ଉନ୍ନୟନ ପାଣ୍ଠି ଅର୍ଥ ହେରଫେର ଓ ଠକେଇ ହୋଇଥିବା ଜାଣି ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ୨୨୨/୨୫ନମ୍ବରରେ ପୋଲିସ ସରପଞ୍ଚ ଓ ପିଇଓଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଭୁବନେଶ୍ୱରରେ ବିଳମ୍ବିତ ରାତିରେ ଗୁଳିମାଡ଼

ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)

## ଯୁବକ ଆହତ, ଅଭିଯୁକ୍ତ ଫେରାର

ଭୁବନେଶ୍ୱରରେ ପୁଣି ଗୁଳିକାଣ୍ଡ ଘଟିଛି। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପିତାପଲ୍ଲୀ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଗୁଳିମାଡ଼ରେ ପିତାପଲ୍ଲୀର ଗେଣ୍ଟୁ ଓରଫ ପ୍ରତାପ କୁମାର ସ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ପ୍ରତାପଙ୍କ ବାମଗୋଡ଼ର ଜଙ୍ଘରେ ଗୁଳି ବାଜି ଥିବାବେଳେ ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି। ଘଟଣାପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ରବିବାର ଆର୍ମସ ଆକ୍ଟ ସହ ବିଏନ୍ଏସ୍‌ର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତମାନଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଥିବା ଥାନାଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି। ଘଟଣାରେ ଚନ୍ଦକା ଥାନା ଅନ୍ତର୍ଗତ ପାଣିଓରା ଅଞ୍ଚଳର ଲିପକ ପରିଡ଼ା ଓରଫ ଲିପୁ ଓ ଦୀପକ ପରିଡ଼ା ଓରଫ ଦିପୁଙ୍କ ସମ୍ପୃକ୍ତି ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଲିପୁ ଓ ଦିପୁ ଦୁଇଭାଇ ହୋଇଥିବା ବେଳେ ସେମାନେ ପରିବହନ ବ୍ୟବସାୟ କରନ୍ତି। ସେମାନଙ୍କ ଏକ ଟ୍ରକ୍‌କୁ ନେଇ ଡ୍ରାଇଭର ଶନିବାର ସନ୍ଧ୍ୟାରେ ପିତାପଲ୍ଲୀ ଛକ ଦେଇ ଆସୁଥିବା ବେଳେ ଗାଡି ସାଇଡ୍‌ମରାକୁ କେନ୍ଦ୍ର କରି ପ୍ରତାପଙ୍କ ସହ ଡ୍ରାଇଭରଙ୍କ ଗଣ୍ଡଗୋଳ ହୋଇଥିଲା। ପ୍ରତାପ ଉକ୍ତ ଟ୍ରକ୍‌କୁ ଅଟକାଇ ଡ୍ରାଇଭରଙ୍କୁ ମାରଧର୍ କରିଥିଲେ। ତେବେ ଏ ନେଇ ଡ୍ରାଇଭର ଜଣକ ମାଲିକ ଲିପୁ ଓ ଦିପୁଙ୍କୁ ଜଣାଇଥିଲେ। ବିଳମ୍ବିତ ରାତିରେ ଦୁଇଭାଇ କାର୍ ନେଇ ପିତାପଲ୍ଲୀକୁ ଆସିଥିଲେ। ପ୍ରତାପ ଓ ତାଙ୍କ ଭାଇ ପ୍ରଶାନ୍ତ ମଧ୍ୟ ସେଠାକୁ ଆସିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ କଥା କଟାକଟି ଓ ବଚସା ପରେ ହାତାହାତି ହୋଇଥିଲା। ଏହି ସମୟରେ ଲିପୁ ଆଣିଥିବା ଏକ ବନ୍ଧୁକରେ ହଠାତ୍ ଗୁଳିମାଡ଼ କରିଥିଲେ। ଗୁଳିଟି ପ୍ରତାପଙ୍କ ଗୋଡ଼ରେ ବାଜିଥିଲା। ଏହି କାଣ୍ଡ ଘଟାଇ ଘଟଣାସ୍ଥଳରୁ ଲିପୁ ଓ ଦିପୁ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ପ୍ରତାପଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ସୂଚନାଯୋଗ୍ୟ, ମେ' ୯ ରାତିରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକ ନିକଟରେ ଥିବା କସ୍‌ମସ୍ ବାର୍‌ରେ ବାଉନ୍ସରଙ୍କୁ ଗୁଳିମାଡ଼ ହୋଇଥିଲା।

## Business

# ଗ୍ରାହକଙ୍କ ଚାହିଦାରେ ହାଣ୍ଡିକ୍ରାଫ୍ଟ ସାମଗ୍ରୀ

## ୨୬ ଦିନରେ ଦୁବାଇ ସିଟି କାର୍ନିଭାଲ

ଭୁବନେଶ୍ୱର,୨୫।୫ (ଅଭୟ ଦାଶ)

ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ପ୍ରଥମଥର ପାଇଁ ଏକ ଭିନ୍ନଧରଣର ପ୍ରଦର୍ଶନୀ 'ଦୁବାଇ ସିଟି କାର୍ନିଭାଲ' ପଡ଼ିଛି। ଏହି ପ୍ରଦର୍ଶନୀରେ ଭର୍ଜିକି ଭଳି ସାମଗ୍ରୀ ଉପଲବ୍ଧ ଥିବାବେଳେ ହ୍ୟାଣ୍ଡଲୁମ୍ ଜୋନ୍‌ର ହାଣ୍ଡିକ୍ରାଫ୍ଟ ସାମଗ୍ରୀ ଷ୍ଟଲ୍‌ରେ ଗ୍ରାହକଙ୍କ ଭିଡ଼ ଜମୁଛି। ଘର ସଜାଇବାଠାରୁ ଅନ୍ୟାନ୍ୟ କାମ ଓ ଉପହାର ସାଙ୍ଗକୁ ବିଭିନ୍ନ ସ୍ଥାନକୁ ଆକର୍ଷଣୀୟ କରିବାକୁ ଆଶାୟୀ ଥିବା ଗ୍ରାହକମାନେ ସୁଲଭ ମୂଲ୍ୟରେ ଗୁଣାତ୍ମକ ହାଣ୍ଡିକ୍ରାଫ୍ଟ ସାମଗ୍ରୀ କ୍ରୟ କରୁଛନ୍ତି ବୋଲି ପ୍ରଦର୍ଶନୀର ଆୟୋଜକ କ୍ରାଫ୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।



ସେହିଭଳି ଏହି ଜୋନ୍‌ରେ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ତେଲଙ୍ଗାନା, ପଶ୍ଚିମବଙ୍ଗ ଭଳି ରାଜ୍ୟର ପ୍ରମୁଖ ହ୍ୟାଣ୍ଡଲୁମ୍ ଓ ହାଣ୍ଡିକ୍ରାଫ୍ଟ ସାମଗ୍ରୀର ସମ୍ଭାର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଛି। ସେହିପରି ଏହି ପ୍ରଦର୍ଶନୀରେ ମୋଟ ୧୨୦ଟି ଷ୍ଟଲ୍ ରହିଛି, ତା ସାଙ୍ଗକୁ ସେଲ୍‌ଫି ଜୋନ୍ ଏବଂ ଦୁବାଇର ବିଶେଷ ଆକର୍ଷଣ ବୁର୍ଜ ଖଲିଫା, ଆଇଫଲ ଟାୱାର, ଲଣ୍ଡନ ବ୍ରିଜ୍ ଏବଂ ହାର୍ଟ ପଏଣ୍ଟ ଭଳି ଆକର୍ଷଣୀୟ ସ୍ଥାନର ଡିଜାଇନ ମଧ୍ୟ କରାଯାଇଛି। ଅପରପକ୍ଷରେ ସବୁବର୍ଗଙ୍କ ପାଇଁ ଆକର୍ଷଣୀୟ ଖେଳନାଠାରୁ ଆରମ୍ଭକରି ପ୍ରିମିୟମ ଗହଣାରେଞ୍ଜ୍ ଏବଂ ଖେଳକୁଦ ପାଇଁ ବିଭିନ୍ନ ଝୁଲା (ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ ଟ୍ରେନ୍, ଟାୱାର. ନୌକା, ଟୋରା ଟୋରା) ସହ ଫନ୍ ଜୋନ୍ ବି ରହିଛି। ହାଣ୍ଡିକ୍ରାଫ୍ଟ ଏବଂ ହ୍ୟାଣ୍ଡଲୁମ୍ ପୋଷାକର ବ୍ୟାପକ ସମ୍ଭାର ସାଙ୍ଗକୁ ଫୁଡ୍ ଜୋନ୍ ଏବଂ କଞ୍ଜୁମର ଜୋନ୍ ସବୁବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରୁଛି ବୋଲି ଆୟୋଜକ ମତବ୍ୟକ୍ତ କରିଛନ୍ତି। ଏପରିକି ଉଭୟ ଦର୍ଶକ ଓ ଗ୍ରାହକଙ୍କ ପାଇଁ ମାଗଣା ପାର୍କିଂ ସୁବିଧା ପ୍ରଦର୍ଶନୀ ପରିସରରେ ଉପଲବ୍ଧ ଥିଲାବେଳେ ସୁଲଭ ମୂଲ୍ୟ ଓ ଗୁଣାତ୍ମକ ସାମଗ୍ରୀ ପ୍ରଦର୍ଶନୀର ଆକର୍ଷଣ ପାଲଟିଛି।

ଏହି ପ୍ରଦର୍ଶନୀ ପ୍ରାଥମିକ ପର୍ଯ୍ୟାୟରେ ୨୦୨୫ ଜୁନ୍ ୧୮ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରଦର୍ଶନୀରେ ଓଡ଼ିଶା ସମେତ ୧୭ଟି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ଓ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷକରି ଗ୍ରୀଷ୍ମ ଅବକାଶ ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିବାରୁ ପିଲାମାନଙ୍କ ସହ ଅଭିଭାବକ ସମୟ ଅତିବାହିତ ପାଇଁ ଏହି ପ୍ରଦର୍ଶନୀ ବୁଲିବାକୁ ଆସୁଛନ୍ତି।

# ବାଣିଜ୍ୟିକ ଋଣରେ ୧୩% ବୃଦ୍ଧି

ଭୁବନେଶ୍ୱର,୨୫।୫

ଭାରତରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କ୍ଷେତ୍ରର ବାଣିଜ୍ୟିକ ଋଣ ପୋର୍ଟଫୋଲିଓ ବାର୍ଷିକ ୧୩% ହାରରେ ବୃଦ୍ଧି ପାଇଥିବା ବେଳେ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ତାହା ୩୫.୨ ଲକ୍ଷ କୋଟି ଟଙ୍କା ରହିଛି। ପୂର୍ବରୁ ଋଣ ନେଇଥିବା ଗ୍ରାହକଙ୍କୁ ଅଧିକ ଋଣ ପ୍ରଦାନ କରାଯିବାରୁ ଏହି ଧାରା ଆଗକୁ ବଢ଼ିଥିବା ନେଇ ଟ୍ରାନ୍ସୟୁନିୟନ୍ ସିବିଲ୍ ଓ ସିଡ୍‌ବି ଏମ୍ଏସ୍ଏମ୍ଇ ପଲ୍‌ସ ରିପୋର୍ଟରୁ ଜଣାପଡ଼ିଛି। ଏହି ରିପୋର୍ଟରେ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଗ୍ରାହକଙ୍କୁ ସାମିଲ କରାଯାଇଛି। ସାମଗ୍ରିକ ଋଣ ପୋର୍ଟଫୋଲିଓରେ ବୃଦ୍ଧି ଘଟିଥିବା ବେଳେ ତ୍ରୁଟି ପରିମାଣ ୫ ବର୍ଷର ନିମ୍ନସ୍ତର ୧.୮%କୁ ହ୍ରାସ ପାଇଛି। ୫୦ ଲକ୍ଷରୁ ଆରମ୍ଭକରି ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଗ୍ରାହକ ବର୍ଗରେ ତ୍ରୁଟି ହ୍ରାସରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। କିନ୍ତୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଗ୍ରାହକ ବର୍ଗରେ ଏହି ହାରରେ ସାମାନ୍ୟ ଅବନତି ଘଟିଛି। ସେହିଭଳି ଅନୁସନ୍ଧାନ ସଂଖ୍ୟା ଅନୁସାରେ ବାଣିଜ୍ୟିକ ଋଣ ଚାହିଦା ବାର୍ଷିକ ୧୧% ବୃଦ୍ଧି ପାଇଛି।

# ବାଣିଜ୍ୟ ମେଳାରେ ଆଇଏଫ୍‌ବି ଷ୍ଟଲ୍




ଭୁବନେଶ୍ୱର,୨୫।୫(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଇଏଫ୍‌ବି ଷ୍ଟଲ୍ ୨୫ ଓ ୨୬ ଉଦ୍‌ଘାଟିତ ହୋଇଯାଇଛି। ଆଇଏଫ୍‌ବି ଓଡ଼ିଶା ଶାଖା ମୁଖ୍ୟ ଅନୁରୂପ ପଟ୍ଟନାୟକ, ବ୍ରାଞ୍ଚ ମାର୍କେଟିଂ ମ୍ୟାନେଜର ସଞ୍ଜୟ ବରାଳ ଏବଂ ବିପିନ ବିହାରୀ ପଣ୍ଡା ଏହି ଷ୍ଟଲ୍ ଉଦ୍‌ଘାଟନ କରିଛନ୍ତି। ସିଙ୍ଗଲ ଡୋର ଓ ଡବଲ ଡୋର ବିଶିଷ୍ଟ ଭାଇବ୍ରାଣ୍ଟ ଆଇଏଫ୍‌ବି ରେଫ୍ରିଜରେଟର, ଏଆଇଚାଳିତ ୱାଶିଂମେଶିନ, ଡିଶ୍ ୱାଶର ଭଳି ବିଭିନ୍ନ ଘରୋଇ ଉପକରଣ ବିଶାଳ ରେଞ୍ଜରେ ଉପଲବ୍ଧ ହେଉଛି। ନିର୍ଦ୍ଧାରିତ ସର୍ତ୍ତ ସହ ୧୫% କ୍ୟାଶ୍‌ବ୍ୟାକ୍ ଓ ୨୪ ମାସିଆ ନୋ କଷ୍ଟ ଇଏମ୍‌ଆଇ ଆଦି ଅଫର ଘୋଷଣା କରାଯାଇଛି। ସେହିପରି ୱାଶିଂମେଶିନ ଏବଂ ରେଫ୍ରିଜରେଟର ଉପରେ ୪ବର୍ଷ ୱାରେଣ୍ଟି ରହିଛି। କେତେକ ଉତ୍ପାଦରେ ନିଃଶୁଳ୍କ ଇନ୍‌ଷ୍ଟାଲେଶନ ସୁବିଧା ମଧ୍ୟ ରହିଛି। ଆଇଏଫ୍‌ବି ଏକ ବିଶ୍ୱସନୀୟ ବ୍ରାଣ୍ଡ ହୋଇଥିବାବେଳେ ଉତ୍ତମ ଗୁଣବତ୍ତାଯୁକ୍ତ ଉତ୍ପାଦ, ନୂତନ ଜ୍ଞାନକୌଶଳର ପ୍ରୟୋଗ ଆଦି ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ଆଇଏଫ୍‌ବି ପକ୍ଷରୁ ଆଶା କରାଯାଉଛି।

# ରେପ୍‌କୋର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୨୫।୫

ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍(ଆରଏଚ୍ଏଫ୍ଏଲ) ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଆଲୋଚନା ହେବା ସହ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଏବଂ ୪ର୍ଥ ତ୍ରୈମାସିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଉଭୟ ବାର୍ଷିକ ଓ ତ୍ରୈମାସିକ ଫଳାଫଳ ବେଶ୍ ଉଲ୍ଲେଖନୀୟ ରହିଛି। ଏହି ସମୟ ମଧ୍ୟରେ କମ୍ପାନୀ ୧୪,୪୯୨ କୋଟି ଟଙ୍କାର ଲୋନ୍ ବୁକ୍ କରିଥିଲାବେଳେ ବାର୍ଷିକ ଭିତ୍ତିରେ ୭% ଅଭିବୃଦ୍ଧି ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୧୩,୫୧୩ କୋଟି ଟଙ୍କାର ଲୋନ୍ ବୁକ୍ କରିଥିଲାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ୭% ବୃଦ୍ଧି ଘଟି ୧୪,୪୯୨ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷର



ଟି. କରୁଣାକରନ

୪ର୍ଥ ତ୍ରୈମାସିକରେ କମ୍ପାନୀ ୧୦୫୯ କୋଟି ଟଙ୍କାର ଋଣ ବଣ୍ଟନ କରିଛି। ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ କମ୍ପାନୀ ମୋଟ ୯୭୮ କୋଟି ଟଙ୍କାର ଋଣ ବଣ୍ଟ କରିଥିଲାବେଳେ ୨୦୨୪-୨୫ ବର୍ଷର ଏହି ଅବଧି ମଧ୍ୟରେ ୮% ବୃଦ୍ଧି ଘଟି ୧୦୫୯ କୋଟି ଟଙ୍କାରେ ପହଞ୍ଚିଛି। ଏ ସମ୍ପର୍କରେ ଆରଏଚ୍ଏଫ୍ଏଲର ଏମ୍‌ଡି ତଥା ସିଇଓ ଟି. କରୁଣାକରନ କହିଥିଲେ, ଆମେ ଆମର ବାର୍ଷିକ ଏବଂ ୪ର୍ଥ ତ୍ରୈମାସିକ ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ।

# ଅରୁନ୍ଧତୀ ଜୁଏଲର୍ସରେ ମେଗା ମେହେନ୍ଦି ଉତ୍ସବ

ଭୁବନେଶ୍ୱର,୨୫।୫
(ଅନୁରାଧା ମହାରଣା)




ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ରାଜ୍ୟର ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ତରଫରୁ ରାଜ୍ୟବ୍ୟାପୀ ଏହାର ସମସ୍ତ ୯ଟି ଶାଖାରେ ମେହେନ୍ଦି ଉତ୍ସବ ପାଳନ ହେଉଛି। ଅରୁନ୍ଧତୀର ଅଫିସିଆଲ ଲିଙ୍କ୍‌ରେ ଗ୍ରାହକ ନିଜକୁ ପଞ୍ଜୀକୃତ କରାଇ କିମ୍ବା ନିକଟସ୍ଥ ଶାଖାକୁ ଯାଇ ସାବିତ୍ରୀ ସ୍ପେଶିଆଲ ଡିଜାଇନର ମେହେନ୍ଦି ନିଃଶୁଳ୍କ ଲଗାଇ ସୁଯୋଗ ନେଇପାରିବେ। ଏହି ସୁନ୍ଦର ଆୟୋଜନରେ ସାମିଲହେବା ନିମନ୍ତେ ମହିଳା ଗ୍ରାହକଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହେଉଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସତୀ ସାବିତ୍ରୀ ସ୍ପେଶିଆଲ ଅଫରରେ ସୁନା ଓ ରୁପା ଗହଣାର ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି, ଜିରୋ ମେକିଂ ଚାର୍ଜ ସ୍ପେଶିଆଲ ଅଫର ସହ ହୀରା ଗହଣାର ହୀରା ମୂଲ୍ୟରେ ୨୫% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଅନ୍ୟପଟେ ଅରୁନ୍ଧତୀ ବାନ୍ଧକଳା ତରଫରୁ ଏଥର ସାବିତ୍ରୀରେ ସମ୍ବଲପୁରୀ ପ୍ରିମିୟମ ସିଲକ୍ ଶାଢ଼ିର ନୂଆ ସତୀ ସାବିତ୍ରୀ କଲେକ୍ସନରେ ୨୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଚଳିତ ବର୍ଷ ଅରୁନ୍ଧତୀ ବାନ୍ଧକଳାକୁ ଅରୁନ୍ଧତୀ ପରିବାରରେ ଯୋଡ଼ି ଗ୍ରାହକଙ୍କ ସେବା ନିମନ୍ତେ ଅରୁନ୍ଧତୀ ବାନ୍ଧକଳାର ୫ଟି ଶାଖାକୁ ଉତ୍ସର୍ଗୀକୃତ କରିପାରିଛୁ ବୋଲି ଅରୁନ୍ଧତୀ ପକ୍ଷରୁ କୁହଯାଇଛି। ଗହଣା ସହ ଓଡ଼ିଶାର ନିଜସ୍ୱ ହସ୍ତତନ୍ତରେ ବୁଣା ଶାଢ଼ିର ସୁନ୍ଦର ସମନ୍ୱୟ ଅରୁନ୍ଧତୀ ଶାଖାଗୁଡ଼ିକରେ ପ୍ରଦର୍ଶିତ ହେଉଛି ।

# ଗୁଣାତ୍ମକ ଉତ୍ପାଦ ଯୋଗାଣକୁ ଗୁରୁତ୍ୱ

ଭୁବନେଶ୍ୱର,୨୫।୫

ଓଡ଼ିଶା ବଜାରରେ ପ୍ରଥମଥର ପାଇଁ ଜାତୀୟ ଟୁଲ୍‌ସ ବ୍ରାଣ୍ଡ ଏମ୍/ଏସ୍ ଜେନେକଷ୍ଟ ଟୁଲ୍‌ସ ଏଲ୍ଏଲ୍‌ପିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଭୁବନେଶ୍ୱରର ଲକ୍ଷ୍ମୀସାଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଏହି ଅତ୍ୟାଧୁନିକ ସ୍ମାର୍ଟ କର୍ଡଲେସ୍ ପାୱାର ଟୁଲ୍‌ସ ବିଜନେସ୍ ଡିଷ୍ଟ୍ରିବ୍ୟୁଟର ସେଣ୍ଟରକୁ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଲୱାକିର ବିଜନେସ ହେଡ୍ ଅଭ୍ୟୁଦୟ ସେନାପତି, ପାନ୍ ଇଣ୍ଡିଆ ଡିଷ୍ଟ୍ରିବ୍ୟୁଟର ମୁକୁନ୍ଦ ଚତୁର୍ବେଦୀ ଓ କ୍ଲିମାସ ଇଣ୍ଡିଆର ସେଲ୍‌ସ ମ୍ୟାନେଜର ଅଭିଜିତ୍ ଦାଶ ଓ ଆଉଟ୍‌ଲେଟ୍ ଓନର ମିହିର କୁମାର ବିଶ୍ୱାଳ ଏବଂ ମୀର୍ଜା ଜିଆ ବେଗ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ନୂତନ ଏଜେନ୍ସି ଗ୍ରୁପ୍‌ରେ ମିଲୱାକି ଓ କ୍ଲିମାସର ଟୁଲ୍‌ସ ଆଇଟମ, ଅତ୍ୟାଧୁନିକ ପ୍ଲମ୍ବିଙ୍ଗ, ଇଲେକ୍ଟ୍ରିକାଲ, ଷ୍ଟିଲ୍ ଆଣ୍ଡ ମେଟାଲ, ଇଣ୍ଟେରିଅର ଫିନିଶିଂ, ମେକାନିକାଲ ଓ କନ୍‌ଷ୍ଟ୍ରକ୍ସନ ପାଇଁ ଟୁଲ୍‌ସ ଉପଲବ୍ଧ ହେବ। ଅପରପକ୍ଷରେ ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ଠିକ୍ ସମୟରେ ଯୋଗାଇବା ସହ ବିକ୍ରି ପରବର୍ତ୍ତୀ ସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଷ୍ଟୋର କର୍ତ୍ତୃପକ୍ଷ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଜଙ୍ଗଲ ଚିନ୍ତା

ଜଙ୍ଗଲ ପୃଥିବୀର ଅନ୍ୟତମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପରିବେଶ ବ୍ୟବସ୍ଥା। ସବୁ ଭୂମିଗତ ଉଦ୍ଭିଦ, କୀଟପତଙ୍ଗ ଓ ପ୍ରାଣୀଙ୍କ ୮୦ ପ୍ରତିଶତ ବାସସ୍ଥାନ ହେଉଛି ଜଙ୍ଗଲ। ବିଶ୍ୱର ପାଖାପାଖି ଏକ ତୃତୀୟାଂଶ ଲୋକ ସେମାନଙ୍କ ଜୀବିକା ପାଇଁ ସିଧାସଳଖ ଏହା ଉପରେ ନିର୍ଭରଶୀଳ। ହେଲେ ଜଙ୍ଗଲକ୍ଷୟ ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରି ତାହାକୁ ବିଶ୍ଳେଷଣ କରୁଥିବା ସଙ୍ଗଠନ ଗ୍ଲୋବାଲ ଫରେଷ୍ଟ ୱାଚ୍ (ଜିଏଫ୍‌ଡବ୍ଲ୍ୟୁ)ର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୨୦୨୪ରେ ଭାରତ ୧୮,୨୦୦ ହେକ୍ଟରର ପ୍ରାକୃତିକ ଜଙ୍ଗଲ ହରାଇଛି। ୨୦୨୩ରେ ଏହା ୧୭,୭୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଥିଲା। ଭାରତ ହରାଇଥିବା ଏହି ଜଙ୍ଗଲଗୁଡ଼ିକ ଅତି ପୁରୁଣା। ସାଧାରଣତଃ ଏଭଳି ଜଙ୍ଗଲ ହ୍ରାସ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ଜୈବବିବିଧତା ହାନି ଓ ବାୟୁ ଗୁଣବତ୍ତାରେ ଅବନତି ଆଣିଥାଏ। ବିକାଶକୁ ଗୁରୁତ୍ୱ ଦିଆଯାଇ ଜଙ୍ଗଲ ଅଞ୍ଚଳକୁ ସଙ୍କୁଚିତ କରାଯାଉଛି । କିନ୍ତୁ କେଉଁ ଧରଣର ବନାଞ୍ଚଳ କମିବା ସତ୍ତ୍ୱେ ନିରନ୍ତର ବିକାଶ ହୋଇପାରିବ, ତାହା ଉପରେ ବିଧିବଦ୍ଧ ଅଧ୍ୟୟନ କରାଯାଉ ନ ଥିବାରୁ ମଣିଷ ଏବେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନକୁ ସିଧାସଳଖ ଅନୁଭବ କଲାଣି। ଯଦି ଜିଏଫ୍‌ଡବ୍ଲ୍ୟୁର ରିପୋର୍ଟକୁ ଦେଖାଯାଏ ତାହା ହେଲେ ୨୦୦୧ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୨.୩୧ ମିଲିୟନ ହେକ୍ଟର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ନଷ୍ଟ ହୋଇସାରିଲାଣି। ଏହି ଅବଧି ମଧ୍ୟରେ ଦେଶରେ ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ୭.୧ ପ୍ରତିଶତ ହ୍ରାସ ଘଟିଛି, ଯାହା ୧.୨୯ ଗିଗାଟନ ଅଙ୍ଗାରକାମ୍ଳ ନିର୍ଗମନ ସହ ସମାନ ବୋଲି କୁହାଯାଉଛି। ଏହା ନିଶ୍ଚିତ ଭାବେ ଚିନ୍ତାଜନକ ବିଷୟ।

> ବିଶ୍ୱ ପ୍ରେକ୍ଷାପଟକୁ ଦେଖି କୁହାଗଲାଣି ଯଦି ଜଙ୍ଗଲ ଧ୍ୱଂସ କ୍ରମାଗତ ଭାବେ ବଢ଼ିଚାଲେ, ତେବେ ଏବେଠାରୁ ୮୦ ବର୍ଷ ପରେ ଆମ ସବୁଜ ଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କାରଣ ଜଙ୍ଗଲକ୍ଷୟ ଯୋଗୁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆର ଜଙ୍ଗଲାୟତନ ହରାଇବସୁଛି। ଅତଏବ ଭାରତରେ ବର୍ତ୍ତମାନ ସମୟରେ ବନୀକରଣକୁ ଗୁରୁତ୍ୱ ଦିଆଯିବା ସହ ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବା ଲାଗି ପ୍ରତି ସ୍ତରରେ ସଂଯୁକ୍ତ ପ୍ରୟାସ ହେଲେ ଯାଇ ମଣିଷ ସମେତ ପ୍ରାଣୀଜଗତ ତିଷ୍ଠି ପାରିବ।

ଜଙ୍ଗଲ ସଂରକ୍ଷଣ ଲାଗି ଭାରତ ଅନେକ କାର୍ଯ୍ୟକ୍ରମ ଜାରି ରଖିଛି। ଜଳବାୟୁ ପରିବର୍ତ୍ତନ ମୁକାବିଲା ସକାଶେ ଜାତୀୟ କାର୍ଯ୍ୟାନ୍ୱୟନ ଯୋଜନା (ଏନ୍‌ଏପିସିସି), ସବୁଜ ଭାରତ ସକାଶେ ଜାତୀୟ ମିଶନ ଏବଂ କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା କର୍ତ୍ତୃପକ୍ଷ (କାମ୍ପା) ଆଦି କାର୍ଯ୍ୟକ୍ରମ ବନୀକରଣ, ନିରନ୍ତର ଜଙ୍ଗଲ ପରିଚାଳନା ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଛି। ଏସବୁ ପଦକ୍ଷେପ ସତ୍ତ୍ୱେ ପ୍ରାକୃତିକ ଜଙ୍ଗଲକ୍ଷୟକୁ ରୋକିବା ସମ୍ଭବ ହେଉ ନାହିଁ। ଭାରତୀୟ ଜଙ୍ଗଲ ସମ୍ପଦକୁ ରକ୍ଷା କରିବା ଲାଗି ସ୍ଥାନୀୟ ସମ୍ପ୍ରଦାୟକୁ ସାମିଲ କରାଯାଇ ଏ ସମ୍ବନ୍ଧରେ ବାସ୍ତବ ତଥ୍ୟ ସଂଗ୍ରହ ସହ ସ୍ୱଚ୍ଛ ଆକଳନ କରିବାର ଆବଶ୍ୟକତା ରହିଛି। ସରକାର ବିଭିନ୍ନ ପ୍ରକାର ଉନ୍ନୟନମୂଳକ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଲାଗି ଆବଶ୍ୟକ ସ୍ଥଳେ ଗଛ କାଟୁଛନ୍ତି। ସେହିପରି କମ୍ପାନୀଗୁଡ଼ିକ ପାଇଁ ଜଙ୍ଗଲ ନଷ୍ଟ ହେଉଛି। ଅନେକ ସମୟରେ ଦେଖାଯାଉଛି ଗଛ କାଟି କାରଖାନା ବସାଯାଉଥିବା ବେଳେ ବନୀକରଣ କାର୍ଯ୍ୟକୁ ଯେଭଳି କମ୍ପାନୀ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା କଥା ତାହା ଦେଉନାହାନ୍ତି। କମ୍ପାନୀ ସାମାଜିକ ଦାୟିତ୍ୱବୋଧ(ସିଏସ୍ଆର୍) ଅନେକ ସମୟରେ ପ୍ରହସନରେ ରହିଯାଉଛି। ତେଣୁ ସରକାର ଜଙ୍ଗଲ କ୍ଷୟ ଓ ବନୀକରଣ ସମ୍ବନ୍ଧରେ ଠିକ୍ ତଥ୍ୟ ସଂଗ୍ରହ କରି ତାହାର ବିଶ୍ଳେଷଣ କରିବାର ସମୟ ଆସିଲାଣି।

ଏହି ପରିପ୍ରେକ୍ଷୀରେ ସରକାର ଓ କମ୍ପାନୀ ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଚେତନ ହେବାକୁ ପଡ଼ିବ। ନିଜେ ନିଜ ସ୍ତରରେ ଅଧିକ ଚାରା ରୋପଣ କରିପାରିଲେ ନିଜ ପରିବେଷ୍ଟନୀ ସୁରକ୍ଷିତ ରହିପାରିବ। ନିଜେ ବଢ଼ାଇଥିବା ଗଛକୁ ଜଣେ କଦାପି କାଟିବାକୁ ଚେଷ୍ଟା କରିବ ନାହିଁ ବୋଲି କୁହାଯାଇପାରେ। ଯେତିକି ଚାଷ ଜମି ଅଛି ତାହାକୁ ଉପଯୁକ୍ତ ଭାବେ କିଭଳି ବିଭିନ୍ନ ପଦ୍ଧତି ଅନୁସରଣ କରାଯାଇ ବ୍ୟବହାର କରାଯାଇପାରିବ, ତାହା ଉପରେ ପ୍ରାଧାନ୍ୟ ଦିଆଯିବା ଉଚିତ। ନିରନ୍ତର କୃଷି ବିକାଶ ଚିନ୍ତା ସୃଷ୍ଟି ହୋଇପାରିଲେ ଚାଷ କ୍ଷେତ୍ର ବିସ୍ତାର ଲାଗି ଜଙ୍ଗଲ ପଦା କରିବାର ଆବଶ୍ୟକତା ପଡ଼ିବ ନାହିଁ। ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବାକୁ ହେଲେ ସେହିସବୁ ଅଞ୍ଚଳକୁ ଜାତୀୟ ପାର୍କ ବା ସଂରକ୍ଷିତ ବନାଞ୍ଚଳ ଘୋଷଣା କରାଯିବା ଦରକାର। ଉଦାହରଣ ସ୍ୱରୂପ, ବ୍ରାଜିଲ, ଇଣ୍ଡୋନେସିଆ ଓ କଙ୍ଗୋ ଆଦି ଦେଶରେ ଏଭଳି ପଦ୍ଧତି ଅନୁସରଣ କରାଯାଇ ଜଙ୍ଗଲ କ୍ଷୟକୁ ରୋକାଯାଇପାରିଛି। ଏହା କରାଗଲେ ସେହି ଅଞ୍ଚଳରେ ବେଆଇନ ଗଛ କଟାକୁ ଅନେକ ପରିମାଣରେ ରୋକାଯାଇପାରିବ। ବିଶ୍ୱ ପ୍ରେକ୍ଷାପଟକୁ ଦେଖି କୁହାଗଲାଣି ଯଦି ଜଙ୍ଗଲ ଧ୍ୱଂସ କ୍ରମାଗତ ଭାବେ ବଢ଼ିଚାଲେ, ତେବେ ଏବେଠାରୁ ୮୦ ବର୍ଷ ପରେ ଆମ ସବୁଜ ଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କାରଣ ଜଙ୍ଗଲକ୍ଷୟ ଯୋଗୁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆର ଜଙ୍ଗଲାୟତନ ହରାଇବସୁଛି। ଅତଏବ ଭାରତରେ ବର୍ତ୍ତମାନ ସମୟରେ ବନୀକରଣକୁ ଗୁରୁତ୍ୱ ଦିଆଯିବା ସହ ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବା ଲାଗି ପ୍ରତି ସ୍ତରରେ ସଂଯୁକ୍ତ ପ୍ରୟାସ ହେଲେ ଯାଇ ମଣିଷ ସମେତ ପ୍ରାଣୀଜଗତ ତିଷ୍ଠି ପାରିବ।

# ଦେଇଥିଲେ ପାଇ



ପ୍ରକାଶ ତ୍ରିପାଠୀ

ଯଦି ଜଣେ ଚାଷୀ ଗହମ ଅମଳ କରିବାକୁ ଚାହେଁ, ତେବେ ସେ ତା' କ୍ଷେତରେ ଗହମ ବୁଣେ। ଯଦି ଧାନ ଅମଳ କରିବାକୁ ଚାହେଁ, ତେବେ ସେ ଧାନ ବୁଣେ। ଯଦି ସେ ଗହମ ବୁଣି ଧାନ ଅମଳ କରିବାକୁ ଆଶା କରେ, ତେବେ ତାଙ୍କର ଆଶା ସଫଳ ହୋଇପାରେ ନାହିଁ। ପ୍ରକୃତିର ନିୟମ ଆମକୁ କହେ ଯେ, ଆମେ ଯାହା ଅମଳ କରିବାକୁ ଚାହୁଁ ତାହା ଆମକୁ ବୁଣିବାକୁ ପଡ଼ିବ। ଠିକ୍ ସେହିପରି ଜୀବନ ଯାତ୍ରାରେ ମଧ୍ୟ ସମାନ ଘଟଣା ଘଟିଥାଏ। ଆମକୁ ସର୍ବଦା ଆମର କର୍ମର ପରିଣାମ ଭୋଗ କରିବାକୁ ପଡ଼ିଥାଏ। ଯଦି ଆମେ ଭଲ କାର୍ଯ୍ୟ କରୁ, ତେବେ ଆମେ ଭଲ ଫଳ ପାଇବୁ। ଯଦି ଆମେ ଖରାପ କାର୍ଯ୍ୟ କରୁ, ତେବେ ଆମେ ଖରାପ ଜୀବନ ବଞ୍ଚିବୁ। ଖରାପ ଉପାୟ ବ୍ୟବହାର କରି ତୁମେ ନ୍ୟାୟପୂର୍ଣ୍ଣ ଉଦ୍ଦେଶ୍ୟ ହାସଲ କରିପାରିବ ନାହିଁ। ଯଦିବା ହାସଲ କର, ତେବେ ତାହା କ୍ଷଣସ୍ଥାୟୀ ହୋଇଥାଏ। ମଣିଷ ତା'ର ବର୍ତ୍ତମାନର କାର୍ଯ୍ୟ ଦ୍ୱାରା ନିଜର ଭବିଷ୍ୟତ ସ୍ଥିର କରିପାରିବ। ଯଦି ସେ ଦୁରାଚାର, ଦୁର୍ନୀତି ଏବଂ ପାପର ବୀଜ ବୁଣେ, ତେବେ ସେ ଦୁଃଖ ଏବଂ ବିନାଶକୁ ଅମଳ କରେ। ଯଦି ସେ ସଦ୍‌ଗୁଣ ଓ ସଦାଚାର ବୀଜ ବୁଣେ, ତେବେ ସେ ସଫଳତା ଏବଂ ସୁଖର ସୁବର୍ଣ୍ଣ ଫଳ ପାଏ। କାର୍ଯ୍ୟ ସକାରାତ୍ମକ ବା ନକାରାତ୍ମକ ହେଉ, ଉଭୟର ପରିଣାମ ପ୍ରତ୍ୟେକ ମଣିଷ ତାଙ୍କ ଜୀବନକାଳରେ ଅନୁଭବ କରିଥା'ନ୍ତି। ପ୍ରତ୍ୟେକ ଧର୍ମରେ ଏହି ଦୃଢ଼ ବିଶ୍ୱାସକୁ ସମର୍ଥନ କରାଯାଇଛି। ଭଲ କାମ କେବେ ବ୍ୟର୍ଥ ହୁଏ ନାହିଁ। ସେଗୁଡ଼ିକ ସବୁବେଳେ ଅପ୍ରତ୍ୟାଶିତ ଉପାୟରେ ଫେରି ଆସେ। ଯଦି ଆପଣ ଗୋଟିଏ ଅସହାୟ ମଣିଷକୁ ସହାୟତାର ହାତ ବଢ଼ାଇଥିବେ, ତେବେ ଭବିଷ୍ୟତରେ ଆପଣଙ୍କ ଆଡ଼କୁ ସହାୟତାର ଅନେକ ହାତ ଲମ୍ବି ଆସିବ। ଯଦି ଆପଣ ଅନ୍ୟ ଉପରକୁ ଛୋଟ ପଥରଟିଏ ପକାଇଥା'ନ୍ତି, ତେବେ ଆପଣଙ୍କ ଉପରେ ପଡ଼ିବା ପାଇଁ ବଡ଼ ପଥରଟିଏ ନିଶ୍ଚିତ ଥିବ। ନକାରାତ୍ମକ କାର୍ଯ୍ୟର ପରିଣାମ ସମ୍ପର୍କରେ ପୁରାଣ ଓ ଇତିହାସରେ ଅନେକ ଦୃଷ୍ଟାନ୍ତ ରହିଛି। ଆଜିର ସମାଜରେ ଏହାର ଜ୍ୱଳନ୍ତ ପ୍ରମାଣ ଦେଖିବାକୁ ମିଳିଥାଏ। କିନ୍ତୁ ଭଲ କର୍ମର ଭଲ ଫଳ ଅଧିକ ପ୍ରଚାରିତ ହୁଏ ନହିଁ। ତେବେ ଆଜିର ଏହି ଆଲେଖ୍ୟରେ ଆସନ୍ତୁ ଜାଣିବା ସକାରାତ୍ମକ କର୍ମର କିପରି ସକାରାତ୍ମକ ଫଳ ମିଳେ।

ଘଟଣାଟି ୧୮୯୨ ମସିହାର। ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ୁଥିଲେ ଜଣେ ଗରିବ ପିଲା। କଲେଜ ଟ୍ୟୁଶନ ଫି' ଦେବା ତାଙ୍କ ପକ୍ଷରେ ସମ୍ଭବପର ହୋଇ ପାରୁନଥାଏ। ସେତେବେଳେ ଆଜିକାଲି ପରି ପ୍ରତିଭାବାନ୍ ପିଲାଙ୍କୁ ବା ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତିର ବ୍ୟବସ୍ଥା ନଥିଲା। ସେହି ପିଲାଟି ଥିଲେ ଅନାଥ, ଯିଏ କି ପିଲାଟି ଦିନୁ ମା'ବାପାଙ୍କୁ ହରାଇଥିଲେ। କାହାକୁ ବା କହିବେ?



କିଏ ବା ତାଙ୍କୁ ସାହାଯ୍ୟ କରିବ? ଗୋଟିଏପଟେ ପାଠ ପଢ଼ିବା ପାଇଁ ଦୁର୍ବାର ଆଗ୍ରହ ତ ଅନ୍ୟପଟେ ଦାରୁଣ ଅର୍ଥ ସଙ୍କଟ। ଶେଷରେ ଜଣେ ସାଙ୍ଗକୁ ତାଙ୍କ ଅସୁବିଧା କଥା କହିଲେ। ସେ ସାଙ୍ଗ ଗୋଟିଏ ବୁଦ୍ଧି ଦେଲା। ସେ ସମୟରେ ଇଗ୍ନାସି ଜେ ପ୍ୟାଡେରଓସ୍କି ନାମକ ଜଣେ ବିଦେଶୀ ପିଆନୋ ବାଦକ ଆମେରିକାର ବିଭିନ୍ନ ସହରରେ ମ୍ୟୁଜିକ କନ୍‌ସର୍ଟ ମାଧ୍ୟମରେ ବେଶ୍ ଲୋକପ୍ରିୟ ହୋଇ ଉଠିଥିଲେ। ଗରିବ ପିଲାଟି ସାଙ୍ଗ ସହିତ ମିଶି ପ୍ୟାଡେରଓସ୍କିଙ୍କୁ ଆଣି ବିଶ୍ୱବିଦ୍ୟାଳୟରେ ଗୋଟିଏ କନ୍‌ସର୍ଟର ଆୟୋଜନ କରିବା ପାଇଁ ଚିନ୍ତାକଲେ। ଦୁଇ ସାଙ୍ଗ ପ୍ୟାଡେରଓସ୍କିଙ୍କ ମ୍ୟାନେଜରଙ୍କ ସହିତ କଥାବାର୍ତ୍ତା କଲେ। ଶୋ' ପାଇଁ ଦୁଇ ହଜାର ଡଲାରର ପାରିଶ୍ରମିକ ସ୍ଥିର ହେଲା। ସହପାଠୀମାନଙ୍କୁ ଅନୁରୋଧ କରି ଟିକେଟ ବିକିବାକୁ ଯୋଜନା ହେଲା। ଶେଷରେ କନ୍‌ସର୍ଟର ଦିନ ଆସି ପହଞ୍ଚିଲା। ପ୍ୟାଡେରଓସ୍କି ଓ ତାଙ୍କ କନ୍‌ସର୍ଟ ଦଳ କଲେଜରେ ଆସି ପହଞ୍ଚିଗଲେ। କିନ୍ତୁ ପିଲା ଦୁଇଜଣଙ୍କ ମାନସିକ ଚାପ କମୁନଥିଲା। କାରଣ ଅନେକ ଚେଷ୍ଟା କରି ମଧ୍ୟ ସେମାନେ ମାତ୍ର ଷୋଳଶହ ଡଲାରର ଟିକେଟ ବିକ୍ରି କରିପାରିଥିଲେ। ଏ କଥା ଶୁଣି ପ୍ୟାଡେରଓସ୍କିଙ୍କ ମ୍ୟାନେଜରଙ୍କ ରାଗ କହିଲେ ନସରେ। ଦୁଇ ହଜାର ଡଲାର ନାହିଁ ତ ଶୋ' ହେବାର ନାହିଁ।

ଦୁଇ ବନ୍ଧୁ ବହୁତ ସାହସ ଜୁଟେଇ ପ୍ୟାଡେରଓସ୍କିଙ୍କ ପାଖରେ ପହଞ୍ଚିଲେ। ସାଙ୍ଗରେ ଆଣିଥିବା ଷୋଳଶହ ଡଲାର ଏବଂ ବାକି ଚାରିଶହ ଡଲାର ପାଇଁ ଚେକ୍‌ଟିଏ ଧରେଇ ଦେଲେ ଆଉ ମୁଣ୍ଡ ତଳକୁ କରି କହିଲେ-ସାର୍! ବହୁତ କଷ୍ଟରେ ଏତକ ଯୋଗାଡ଼ ହୋଇପାରିଲା। ଆମେ ଦୁହେଁ କଥା ଦେଉଛୁ, ଯଥାଶୀଘ୍ର ଚେକ୍‌ଟି ପାସ୍ କରାଇବା ପାଇଁ ବ୍ୟବସ୍ଥା କରିବୁ। ଆମ ଦୁହିଁଙ୍କର ବିଶ୍ୱବିଦ୍ୟାଳୟର ଟ୍ୟୁଶନ ଫି' ଯୋଗାଡ଼ ପାଇଁ ଏହି ଶୋ'ର ଆୟୋଜନ କରୁଥିଲୁ। ଈଶ୍ୱରଙ୍କୁ ହୁଏତ ଏକଥା ମଞ୍ଜୁର ନଥିଲା! ତେଣୁ ଆପଣ ଚାହିଁଲେ ସବୁ କିଛି ହୋଇପାରିବ। ଯୁବକ ଦ୍ୱୟଙ୍କ କଥା ଶୁଣି ପ୍ୟାଡେରଓସ୍କି କହି ଉଠିଲେ- ଏକଥା କିନ୍ତୁ ମୁଁ ଗ୍ରହଣ କରିପାରିବି ନହିଁ। ଚୁକ୍ତି ମୁତାବକ ଟଙ୍କା ନ ଦେଲେ କନ୍‌ସର୍ଟ ହେବନାହିଁ। ପ୍ୟାଡେରଓସ୍କିଙ୍କ କଥା ଶୁଣି ପିଲାମାନେ ଚୈତନ୍ୟ ହରାଇବା ଉପରେ। ପ୍ୟାଡେରଓସ୍କି ଚେକ୍‌ଟିକୁ ଟିକି ଟିକି କରି ଚିରିଦେଇ ଉପରକୁ ଉଡ଼େଇଦେଲେ ଓ ସମସ୍ତ ଷୋଳଶହ ଡଲାର ସେମାନଙ୍କୁ ଫେରାଇଦେଲେ। ତା'ପରେ ଗୁରୁଗମ୍ଭୀର କଣ୍ଠରେ କହି ଉଠିଲେ, "ଏହି ଷୋଳଶହ ଡଲାରରୁ ତମର କନ୍‌ସର୍ଟ ବାବଦ ଖର୍ଚ୍ଚ କାଟି ରଖି ବାକିତକ ଟ୍ୟୁଶନ ଫି ବାବଦରେ ବ୍ୟବହାର କର। ପିଲାମାନଙ୍କ ଆଖିରେ ଲୁହର ବନ୍ୟା। ହୃଦୟରେ କୃତଜ୍ଞତାର କୋହ। ଠିକ୍ ସମୟରେ କନ୍‌ସର୍ଟ ଆରମ୍ଭ ହେଲା। ତାଳିମାଡ଼ରେ କମ୍ପି ଉଠିଲା ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ବିରାଟ ପ୍ରେକ୍ଷାଳୟ।

ସମୟ କାହାକୁ ଅପେକ୍ଷା କରେ ନାହିଁ। ପିଆନୋ ବାଦକ ପ୍ୟାଡେରଓସ୍କି ହେଲେ ପୋଲାଣ୍ଡ ଦେଶର ପ୍ରଧାନମନ୍ତ୍ରୀ। ଏ ରାଜମୁକୁଟ କିନ୍ତୁ ଭରି ଯାଇଥାଏ କଣ୍ଟକରେ। ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଯାଇଥାଏ। ଛୋଟ ଦେଶ ପୋଲାଣ୍ଡକୁ ଚାରିଆଡୁ ବିପଦ। ଭୟଙ୍କର ଖାଦ୍ୟାଭାବରେ ଦେଶର ଦେଢ଼ ନିୟୁତରୁ ଅଧିକ ଲୋକ କଙ୍କାଳସାର ହୋଇ ପଡ଼ିଲେଣି। ଚାରିଆଡ଼େ ମାଳ ମାଳ ମୃତଦେହ। ଦୁର୍ଭିକ୍ଷ ତା'ର ବାହୁ ବିସ୍ତାର କରି ଚାଲିଛି। ପ୍ୟାଡେରଓସ୍କିଙ୍କ ମୁଣ୍ଡ କାମ କରୁନଥାଏ। ଆଶା ନିରାଶା ଭିତରେ ଆମେରିକାର ଗୋଟିଏ ଦାତବ୍ୟ ସଂସ୍ଥା 'ଆମେରିକୀୟ ରିଲିଫ୍ ଆସୋସିଏଶନ'କୁ ଚିଠିଟିଏ ଲେଖି ଅପେକ୍ଷାରେ ରହିଲେ ପ୍ୟାଡେରଓସ୍କି।

ସେତେବେଳେ ଉପରୋକ୍ତ ସଂସ୍ଥାର ମୁଖ୍ୟ ଥିଲେ ହର୍ବର୍ଟ ହୁଭର୍, ଯିଏ ପରବର୍ତ୍ତୀ କାଳରେ ଆମେରିକାର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ। ଚିଠିଟି ହୁଭର୍‌ଙ୍କ ପାଖକୁ ଆସିଲା। ସେ ସଙ୍ଗେ ସଙ୍ଗେ ପୋଲାଣ୍ଡର ନିରନ୍ନ ଲୋକଙ୍କ ପାଇଁ ହଜାର ହଜାର ଟନର ଜରୁରୀ ଖାଦ୍ୟପେୟ ପଠାଇବାର ବ୍ୟବସ୍ଥା କରିଦେଲେ। ପୋଲାଣ୍ଡର ବୁଭୁକ୍ଷୁମାନଙ୍କ ପେଟକୁ ଦାନା ଗଣ୍ଡିଏ ମିଳିଗଲା। ବହୁତ ବଡ଼ ବିପତ୍ତି ଟଳିଗଲା ମୁଣ୍ଡ ଉପରୁ। ପ୍ୟାଡେରଓସ୍କି ହୁଭର୍‌ଙ୍କ ଏମିତି ମାନବୀୟ ସହାୟତା ପାଇଁ ତାଙ୍କୁ ବ୍ୟକ୍ତିଗତ ଭାବରେ ଧନ୍ୟବାଦ ଦେବା ପାଇଁ ଆମେରିକାରେ ପହଞ୍ଚିଲେ। ପ୍ୟାଡେରଓସ୍କିଙ୍କୁ ସମ୍ମାନର ସହିତ ପାଛୋଟି ନେଲେ ହୁଭର୍, ଯେତେହେଲେ ସେ ଜଣେ ପ୍ରଧାନମନ୍ତ୍ରୀ! ହୁଭର୍‌ଙ୍କ କାର୍ଯ୍ୟାଳୟରେ ଯେତେବେଳେ ପ୍ୟାଡେରଓସ୍କି ହୁଭର୍‌ଙ୍କୁ ତାଙ୍କର ସମୟୋଚିତ ମାନବୀୟ ସାହାଯ୍ୟ ପାଇଁ ଧନ୍ୟବାଦ ଦେବାକୁ ନିଜର ବକ୍ତବ୍ୟ ଆରମ୍ଭ କଲେ, ହୁଭର୍ ତାଙ୍କୁ ଅଧାରେ ଅଟକାଇ ଦେଲେ। କହିଲେ- "ମହାମହିମ ପ୍ରଧାନମନ୍ତ୍ରୀ! ସେ ଅନେକ ବର୍ଷ ତଳର କଥା। ଆପଣଙ୍କର ହୁଏତ ମନେ ନ ଥିବ। ମୁଁ କିନ୍ତୁ ଆଦୌ ଭୁଲି ନାହିଁ। ଆପଣ ଆମେରିକାର ଯେଉଁ ଦୁଇଜଣ ଗରିବ ପିଲାଙ୍କୁ ସେମାନଙ୍କ କଲେଜର ଟ୍ୟୁଶନ ଫି' ଦାଖଲ ପାଇଁ ସାହାଯ୍ୟ କରି ସେମାନଙ୍କର ମୁହଁରେ ହସ ଫୁଟାଇଥିଲେ, ମୁଁ ତା' ଭିତରୁ ଜଣେ। ସେ ଦିନର ଆପଣଙ୍କ ଭଲ କର୍ମର ଫଳ ଆପଣଙ୍କୁ ଈଶ୍ୱର ସୁଧମୂଳ ସହ ଫେରାଇଛନ୍ତି।" ପ୍ୟାଡେରଓସ୍କି ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲେ। ଭାବରେ ଗଦଗଦ ହୋଇ ହୁଭର୍‌ଙ୍କୁ କୁଣ୍ଢାଇ ପକାଇଲେ। ପ୍ୟାଡେରଓସ୍କିଙ୍କ ହୃଦୟରୁ ହୁଭର୍‌ଙ୍କ ପ୍ରତି ଝରି ଆସୁଥିବା କୃତଜ୍ଞତାର ସ୍ୱର ତାଙ୍କର କନ୍‌ସର୍ଟର ମଧୁର ତାନଠାରୁ କୌଣସିମତେ ନ୍ୟୂନ ନ ଥିଲା।

ମୋ: ୯୪୩୭୨୩୨୪୬୩

# ଏ କ'ଣ ଦୁର୍ଘଟଣା



ବୈଷ୍ଣବ ମେହେର

ବଜ୍ରପାତ ନେଲା ଛଅ ଜୀବନ, ବାଇକ ଦୁର୍ଘଟଣାରେ କାକା ପୁତୁରା ମୃତ, ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ମୃତ, ଏସବୁ ହେଉଛି ଗତ ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନରେ ଆମ ରାଜ୍ୟର ଭିନ୍ନଭିନ୍ନ ଅଞ୍ଚଳରେ ଘଟିଥିବା କିଛି ଘଟଣା ଯାହା ଦୁର୍ଘଟଣା ଭାବରେ ଗୁରୁବାରର ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା। ଏସବୁ ଘଟଣା ବା ଦୁର୍ଘଟଣା ଆଜିକାଲି ଅତ୍ୟନ୍ତ ସାଧାରଣ। ତେବେ ପ୍ରଶ୍ନ ଉଠୁଛି ଏସବୁ ଘଟଣା କ'ଣ ଶତ ପ୍ରତିଶତ ଦୁର୍ଘଟଣା କି ?

ଦୁର୍ଘଟଣାର ସାଧାରଣ ସଂଜ୍ଞା ହେଉଛି "ସମସ୍ତ ସାବଧାନତା ସତ୍ତ୍ୱେ ଯେଉଁସବୁ ଘଟଣା ଘଟି ଆମର କ୍ଷତି ସାଧନ କରିବା ସହ ଆମକୁ ଦୁଃଖ ଦିଏ, ତାହାକୁ ଆମେ ଦୁର୍ଘଟଣା କହିବା''। ସଂଜ୍ଞାଟି ସ୍ପଷ୍ଟ କରେ ଯେ ସମ୍ପୂର୍ଣ୍ଣ ସତର୍କ ଥାଇ ଯଦି ଏପରି କିଛି ଘଟଣା ଘଟେ ଓ ଆମର କ୍ଷତି ହୁଏ ତେବେ ତାକୁ ଦୁର୍ଘଟଣା କୁହାଯିବ। କିନ୍ତୁ ଅନ୍ୟମନସ୍କ ବା ଅସାବଧାନତା ଥାଇ ଓ ନିୟମ ନ ମାନିବା ଦ୍ୱାରା ଯେଉଁ ଘଟଣା ଘଟି ଆମର କ୍ଷତି ସାଧିତ ହୁଏ ତେବେ ତାହା ତ ଦୁର୍ଘଟଣାର ପଦବାଚ୍ୟ ହେବ ନାହିଁ। ଯେମିତି ଦିନେ ପିଣ୍ଟୁ ସାଇକେଲରେ ଚିଣ୍ଟୁକୁ ବସାଇ ଖୁସିଗପ କରି ଦୁହେଁ ଯାଉଥିଲେ। ରାସ୍ତା ଆଡ଼କୁ ତାଙ୍କର ନଜର ନ ଥିଲା। ହଠାତ୍ ସେମାନଙ୍କ ଆଗକୁ କୁକୁରଟିଏ ଆସିଗଲା। ପିଣ୍ଟୁ ସାଇକେଲ ଅଟକାଇ ନ ପାରିବାରୁ ସେମାନେ ତଳେ କଚାଡ଼ି ହୋଇ ଖଣ୍ଡିଆଖାବରା ହେଲେ। ଏହି ଘଟଣାକୁ ଦୁର୍ଘଟଣା ବୋଲି ଏଥିପାଇଁ କୁହାଯିବ ନାହିଁ ଯେ ଏଠି ଅସାବଧାନତା ତଥା ଖାମଖିଆଲି ମନୋବୃତ୍ତି ପାଇଁ ହିଁ ଘଟଣାଟି ଘଟିଲା।

ଏବେ ଆସିବା ପ୍ରବନ୍ଧ ଆରମ୍ଭରେ ଆଲୋଚିତ ସେସବୁ ଦୁର୍ଘଟଣା ପ୍ରସଙ୍ଗକୁ। ସେଦିନ ବଜ୍ରପାତରେ ମୃତ ଛଅ ଜଣଙ୍କ ମଧ୍ୟରୁ ପ୍ରଥମ ଘଟଣାରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ନୂଆଗାଁ ପଞ୍ଚାୟତ ଗାଲିଗାବ ଗ୍ରାମର ମାଳାନା ପାଙ୍ଗିଙ୍କ ଗାଁ ନିକଟ ଜଙ୍ଗଲରେ ଗୋରୁ ଚରାଉଥିବା ବେଳେ ଓ ଉକ୍ତ ବ୍ଲକର ଅମ୍ବାବାଲି ପଞ୍ଚାୟତର କନ୍ଧପୁଟାବନ୍ଧ ଗ୍ରାମର ଗେମେଲ କ୍ରିଷ୍ଣା, ତାଙ୍କ ଝିଅ ଓ ଜଣେ ସମ୍ପର୍କୀୟ ତୁମ୍ବାଇ ନିକଟସ୍ଥ ଜମିରେ କାମ କରୁଥିବା ବେଳେ ବଜ୍ରପାତ ଘଟି ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଏକ ଘଟଣାରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଅଣ୍ଡାମ ଗ୍ରାମର ଦଶମ ଶ୍ରେଣୀ ଛାତ୍ର ସନ୍ନ୍ୟାସୀ ହିମିରିକା ଆମ୍ବତୋଟାରେ ଆମ୍ବ ଗୋଟାଉଥିବା ବେଳେ ବଜ୍ରପାତ ଘଟି ମୃତ୍ୟୁ ହୋଇଛି। ସେହିଭଳି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଲାଠିଆଗୁ ଜାମଗୁ ଗ୍ରାମର ପାଲଙ୍ଗି ମାଝୀ ମଧ୍ୟ ଝଡ଼ ସମୟରେ ନିକଟସ୍ଥ ଆମ୍ବତୋଟାକୁ ଆମ୍ବ ଗୋଟାଇବାକୁ ଯାଇ ବଜ୍ରପାତର ଶିକାର ହୋଇଥିଲେ। ସେହି ବୁଧବାର ସନ୍ଧ୍ୟାରେ ନୂଆପଡ଼ା ଜିଲା କୋଟେନଛୁଆଁ ପଞ୍ଚାୟତ ତିଲେଇଝର ଗାଁ ମୁଣ୍ଡରେ ବାଇକ ଭାରସାମ୍ୟ ହରାଇ ଏକ ଗଛରେ ପିଟିହେବାରୁ ସେହି ଗାଁର କାକା ପୁତୁରାଙ୍କ



ଅକାଳ ବିୟୋଗ ଘଟିଥିଲା। ତୃତୀୟ ଘଟଣାରେ କଳାହାଣ୍ଡିର ଭବାନୀପାଟଣା ସହରସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଥିବା ମୁକୁଳା ଡ୍ରେନ୍‌ରେ ପଡ଼ି କୋକସରା ବ୍ଲକ ମହିମା ଗାଁର ଖଗେଶ୍ୱର ନାଏକଙ୍କ ଜୀବନ ଯାଇଛି। ଏ ସମସ୍ତ ଘଟଣାକୁ ଯଦି ଆମେ ନିରେଖି ଦେଖିବା ତେବେ ବଜ୍ରପାତକୁ ନେଇ ବ୍ୟାପକ ସତର୍କତା ସତ୍ତ୍ୱେ ସାମାନ୍ୟ ସାବଧାନତା ଯଦି ଅବଲମ୍ବନ କରାଯାଇଥାନ୍ତା ତେବେ ବଜ୍ରପାତ ପୂର୍ବରୁ ସମସ୍ତେ ନିଜକୁ ସୁରକ୍ଷିତ ରଖିପାରିଥାନ୍ତେ। ଠିକ୍ ସେମିତି ବାଇକ ଭାରସାମ୍ୟ ହରାଇବାର ଅର୍ଥ ନିଜ କ୍ଷମତାରୁ ଅଧିକ ବେଗ କିମ୍ବା ଚାଳକଙ୍କ ଅନ୍ୟମନସ୍କତା ହୋଇ ଥାଇପାରେ। ସେହିପରି ମୁକୁଳା ଡ୍ରେନ୍ ହେଉଛି ଆମ ବ୍ୟବସ୍ଥାର ଦୁର୍ବଳତା। ଏସବୁର ସମାଧାନର ରାସ୍ତା ଆମ ହାତରେ ଥାଇ ମଧ୍ୟ ଜାଣିଶୁଣି ଏଭଳି ଘଟିବାକୁ ନିମନ୍ତ୍ରଣ କରାଯାଉଛି ବୋଲି କହିବାକୁ ହେବ। ପ୍ରାୟ ନିଜର ବେପରୁଆ ମନୋଭାବ ପାଇଁ ଘଟୁଥିବା ଏସବୁ ଘଟଣା ଦୁର୍ଘଟଣା ପଦବାଚ୍ୟ କି ନୁହେଁ ତା'ର ବିଚାର ନିଜେ କରିବା ଦରକାର।

ପ୍ରତିଦିନ ଏଭଳି ଅନେକ ଘଟଣା ଅନେକ ପରିବାରର ଖୁସିକୁ ଲୁହରେ ଧୋଇ ଦେଉଥିବା ବେଳେ ଏହାର କାରଣ ଓ ନିରାକରଣକୁ ନେଇ ସଚେତନ ନ ହେବା ଦୁଃଖର ବିଷୟ। ଏଭଳି ଘଟଣାକୁ ଏଡ଼ାଇ ଦେବାର ପୂର୍ଣ୍ଣ ସୁଯୋଗ ମଣିଷ ହାତରେ ଥିବା ସତ୍ତ୍ୱେ ବେପରୁଆ ଆଚରଣ ପାଇଁ ଯଦି ଏସବୁ ଘଟି ଧନଜୀବନ ହାନି ହୁଏ ତେବେ ଏହା ନିଶ୍ଚିତ ଦୁର୍ଭାଗ୍ୟଜନକ। ଯାହା କରିବା କଥା ତାକୁ ନ କରିବା ଓ ଯାହା ନ କରିବା କଥା ତାକୁ କରିବା ଆମମାନଙ୍କ ମଧ୍ୟରୁ ଅନେକଙ୍କ ସଉକ ହୋଇଯାଇଛି। ଆମ ଦେଶରେ ବାରଣ କରାଯାଇଥିବା କାର୍ଯ୍ୟକୁ କରିବାକୁ ଅନେକେ ଆଗ୍ରହ ପ୍ରକାଶ କରୁଥିବା ବେଳେ ପୋଲିସ ମଧ୍ୟ ଅନେକ କ୍ଷେତ୍ରରେ ଏହା ଉପରେ ରୋକ ଲଗାଏ ନାହିଁ। ବାହାଘର ଶୋଭାଯାତ୍ରା ଅଧ ରାତି ଯାଏ ମୁଖ୍ୟ ରାସ୍ତାକୁ ଅବରୋଧ କରି ଅସହ୍ୟ ଡିଜେ ସାଉଣ୍ଡର ତାଳେତାଳେ ମାତାଲ ନୃତ୍ୟ ସହ କାନଫଟା ବାଣ ଫୁଟାଇ ଯିବାରେ କାହାରି କୌଣସି ଆପତ୍ତି ନ ଥାଏ। ବିଡ଼ମ୍ବନାର ବିଷୟ ଯେ ଏସବୁ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନର ତିଳେ ମାତ୍ର ଭୟ ନ ରହିବା। ଏଭଳି ବେପରୁଆ ଆଚରଣ ଭିତରେ ଯଦି କିଛି ଅଘଟଣ ଘଟିଯାଏ ତେବେ ତାକୁ ମନୁଷ୍ୟକୃତ ନ କହି ଦୁର୍ଘଟଣା ବୋଲି କହିବା କେତେ ଦୂର ଯୁକ୍ତିଯୁକ୍ତ, ସେହି ପ୍ରଶ୍ନ ଏବେ ନିଜେ ନିଜକୁ ପଚାରିବା।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ଏଇ ଭାରତରେ

ଚିପ୍ସ ଖାଇବାକୁ ପ୍ରାୟ ସବୁ ପିଲା ଭଲପାନ୍ତି। ପିଲାଙ୍କର ଏହି ଦୁର୍ବଳତାକୁ ନେଇ ଅନେକ ସମୟରେ ବିକ୍ରେତାମାନେ ଫାଇଦା ନେବାକୁ ଚେଷ୍ଟା କରନ୍ତି। ବେଳେ ବେଳେ ସେମାନଙ୍କର ଏହି ମନୋଭାବ ପିଲାଙ୍କ ଜୀବନ ମଧ୍ୟ ନେଇଯାଏ। ବିଶ୍ୱାସ ହେଉ ନ ଥିଲେ ବି ଏମିତି ଏକ ଘଟଣା ଘଟିଛି ପଶ୍ଚିମବଙ୍ଗର ମେଦିନାପୁର ଜିଲାର ଗୋସାଇଁବାଡି ଅଞ୍ଚଳରେ। ଚିପ୍ସ ପ୍ୟାକେଟ୍ ପାଇଁ ଏଠାରେ ଜଣେ ବାଳକର ଜୀବନ ଯାଇଛି। ଚାରିଦିନ ତଳେ ଏହି ଅଞ୍ଚଳର ୧୩ ବର୍ଷୀୟ ବାଳକ କୃଷ୍ଣେନ୍ଦୁ ଦାସ ରାସ୍ତାରେ ଆସିବାବେଳେ ଦୁଇଟି ଚିପ୍ସ ପ୍ୟାକେଟ୍ ପଡିଥିବା ଦେଖି ଉଠାଇ ନେଇ ଆସିଥିଲେ। କିନ୍ତୁ ସେଠାକାର ସ୍ଥାନୀୟ ଦୋକାନୀ ଶୁଭଙ୍କର ଦୀକ୍ଷିତ ତାଙ୍କୁ ଧରି ଚିପ୍ସ ଚୋରି କରିଥିବା କହି ଗାଳି ଦେଇଥିଲେ। ଏହି କଥାକୁ ନେଇ କୃଷ୍ଣେନ୍ଦୁଙ୍କ ପରିବାର ଲୋକଙ୍କ ନିକଟରେ ଅଭିଯୋଗ ବି କରିଥିଲେ। ଫଳରେ ତାଙ୍କ ମା' ତାଙ୍କୁ ସମସ୍ତଙ୍କ ଆଗରେ ମାଡ଼ ବି ମାରିଥିଲେ। ଏସବୁ ପରେ ଦୋକାନୀ ଜଣକ କାନ ଧରି ରାସ୍ତା ଉପରେ ସମସ୍ତଙ୍କ ଆଗରେ ଭୁଲ୍ ମାଗିବା ପାଇଁ ବାଧ କରିଥିଲେ। ଚୋରି କରି ନ ଥିବାରୁ ଅପମାନ ସହି ପାରି ନ ଥିଲେ କୃଷ୍ଣେନ୍ଦୁ। ଘରକୁ ଆସି ବିଷ ପିଇଦେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି ଓ ସେ ଚିପ୍ସ ଚୋରି କରି ନ ଥିବା ମୃତ୍ୟୁ ପୂର୍ବରୁ କହିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ମେ ୧୯୭୬

- ରାଜ୍ୟର ଗ୍ରାମାଞ୍ଚଳରେ ଦରିଦ୍ର ଜନସାଧାରଣଙ୍କର ସୁବିଧା ଲାଗି ଚାହିଦା ମେଣ୍ଟାଇବାକୁ କିରୋସିନି କୋଟା ୮.୬୬୬ କିଲୋଲିଟରକୁ ବୃଦ୍ଧି କରାଯାଇଛି।
- ଭାରତ ଓ ରୋମାନିଆ ମଧ୍ୟରେ ଅର୍ଥନୈତିକ ଓ ବୈଷୟିକ ସହଯୋଗିତା ସଂକ୍ରାନ୍ତରେ ଦୁଇଟି ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | 3 | 1 | |
| 9 | | | | | 4 | | | 8 |
| 3 | | | | 5 | | | 2 | |
| 6 | | | | 1 | 7 | | | |
| | | 8 | | 6 | | | 4 | |
| | | | | | | 9 | | 1 |
| 7 | | | 2 | | | | | |
| | 2 | | 8 | | | | | 5 |
| | | | | 4 | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 8 | 5 | 3 | 6 | 9 | 2 |
| 2 | 6 | 3 | 4 | 1 | 9 | 5 | 7 | 8 |
| 9 | 8 | 5 | 2 | 7 | 6 | 3 | 1 | 4 |
| 1 | 3 | 2 | 5 | 8 | 7 | 4 | 6 | 9 |
| 6 | 5 | 9 | 3 | 4 | 2 | 1 | 8 | 7 |
| 7 | 4 | 8 | 6 | 9 | 1 | 2 | 5 | 3 |
| 8 | 7 | 4 | 1 | 3 | 5 | 9 | 2 | 6 |
| 3 | 2 | 1 | 9 | 6 | 8 | 7 | 4 | 5 |
| 5 | 9 | 6 | 7 | 2 | 4 | 8 | 3 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମର ସ୍ୱାଧୀନତା ନାହିଁ

ମହାଶୟ,

ଭାରତ ହେଉଛି ପୃଥିବୀର ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏହି ରାଷ୍ଟ୍ରରେ ବାକ୍ ସ୍ୱାଧୀନତା ଓ ଗଣମାଧ୍ୟମ ସ୍ୱାଧୀନତାର ସୁରକ୍ଷା ଉପରେ ସର୍ବଦା ଆଲୋଚନା ହୋଇଥାଏ। ବିଗତ ଦିନରେ ଦେଶର ଏକ ପ୍ରତିଷ୍ଠିତ ଟିଭି ଚାନେଲର ଭାଷ୍ୟକାର ଅର୍ଣ୍ଣବ ଗୋସ୍ୱାମୀ ନିଜ ସ୍ୱାଧୀନ ମତ ବ୍ୟକ୍ତ କରିବାରୁ ସରକାରଙ୍କର ରୋଷର ଶିକାର ହୋଇଥିଲେ। ଓଡ଼ିଶାରେ ବିଗତ ସରକାର ଅମଳରେ ଗଣମାଧ୍ୟମର ସ୍ୱାଧୀନତା କ୍ଷୁଣ୍ଣ ହେବାର ପ୍ରୟାସ ହୋଇଥିଲା। ସେହିପର ଏକ ଚାନେଲକୁ ନିଜ ସ୍ୱାଧୀନ ମନ୍ତବ୍ୟ ଦେଇଥିବାରୁ ବହୁତ ହଇରାଣ ହରକତ ହେବାକୁ ପଡ଼ିଥିଲା। ଏଥିରୁ ପ୍ରମାଣିତ ହୁଏ ଯେ, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହେଲେ ମଧ୍ୟ ଏଠାରେ ଗଣମାଧ୍ୟମର ସ୍ୱାଧୀନତା ଶଙ୍କାଗ୍ରସ୍ତ। ଯେଉଁ ରାଜନୈତିକ ଦଳ କ୍ଷମତାକୁ ଆସି ସରକାର ଦାୟିତ୍ୱ ଗ୍ରହଣ କଲେ 'ଯୁଆଡ଼େ ବର୍ଷା ସିଆଡ଼େ ଛତା' ନ୍ୟାୟରେ ସେମାନଙ୍କୁ ସୁହାଇଲା ଭଳି ଖବର ପରିବେଷଣ କରିବା। ପ୍ରକାରାନ୍ତରେ କହିଲେ ଭାରତବର୍ଷରେ ଜନଗଣଙ୍କର ବାକ୍ ସ୍ୱାଧୀନତ ହେଉ କି ଗଣମାଧ୍ୟମର ମୁକ୍ତ ମତାମତ ବ୍ୟକ୍ତ କରିବାର ହେଉ ସରକାରଙ୍କ ପ୍ରଚ୍ଛନ୍ନ ନିୟନ୍ତ୍ରଣରେ ଏ ସବୁ ରହିଛି। ଅନ୍ୟଥା ସରକାରୀ ସାହାଯ୍ୟ, ପୃଷ୍ଠପୋଷକତାରୁ ବାସନ୍ଦ। ଏ ହେଉଛି ରାଜ୍ୟର ଗଣମାଧ୍ୟମର ବିକଳ ଚିତ୍ର।

-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

## ଚିରନ୍ତନୀ

ଏ ଧରାର ସୁଖ ଦୁଃଖ
ସ୍ନିଗ୍ଧ ରୁକ୍ଷ ସୁନ୍ଦର କୁତ୍ସିତ
ଅତି ଆଦରର ମୋର,
ଏ ଜୀବନେ ଅତି ପରିଚିତ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ସମ୍ମାନିତ ହେଲେ ଏନ୍‌ସିସି କ୍ୟାଡେଟ



ମାନପତ୍ର ସହ ସୌମ୍ୟା।

**ଆସିକା,୨୫।୫ (ସୁରେନ୍ଦ୍ର ନାଥ ସାହୁ)**

ଆସିକା ସରକାରୀ ନିରଞ୍ଜନ ମହିଳା ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ସୌମ୍ୟାରାଣୀ ପୋଲାଇଙ୍କୁ ଚଳିତ ବର୍ଷର ରାଜୀବ ଗାନ୍ଧୀ ଯୁବ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଛି। ରାଜୀବ ଗାନ୍ଧୀଙ୍କ ୩୪ ତମ ଶ୍ରାଦ୍ଧ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସୌମ୍ୟାଙ୍କୁ ପୁଷ୍ପଗୁଚ୍ଛ, ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଜଣେ ଏନସିସି କ୍ୟାଡେଟ ଭାବେ ପ୍ରତିଭା ବିକାଶ, ନେତୃତ୍ୱ ଲାଗି ଦକ୍ଷତା ଓ ବିଭିନ୍ନ ଜନହିତକର କାର୍ଯ୍ୟରେ ଉଲ୍ଲେଖନୀୟ ସେବା ଲାଗି ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୌମ୍ୟା ଏହି ସଫଳତା ନିମନ୍ତେ କଲେଜ ଅଧ୍ୟକ୍ଷ ଡ. ସରୋଜ କୁମାର ଜେନା, ଏନସିସି ଲେଫ୍ଟନାଣ୍ଟ ଡ. ସୁପ୍ରିୟା ଦାସ ଏବଂ ଗୁରୁଜନଙ୍କ ଆଶିର୍ବାଦରୁ ହାସଲ କରିଥିବା ପ୍ରକାଶ କରିଛନ୍ତି।

## ପୋଲସରାରୁ ଚୋରି ଟ୍ରାକ୍ଟର ପିପିଲିରୁ ଜବତ

ପୁରୁଷୋତ୍ତମପୁର,୨୫।୫(ସିମାଞ୍ଚଳ ମିଶ୍ର)

ପୋଲସରା ଥାନା ଅନ୍ତର୍ଗତ ମଥୁରା ଗ୍ରାମରୁ ଚୋରି ହୋଇଥିବା ଏକ ଟ୍ରାକ୍ଟରକୁ ପୋଲିସ ୩ ଦିନ ମଧ୍ୟରେ ପୁରୀ ଜିଲା ପିପିଲିଠାରୁ ଜବତ କରିଛି। ଏ ନେଇ ପୁରୁଷୋତ୍ତମପୁରଠାରେ ଏସଡିପିଓ ଡ. ଦୀପକ କୁମାର ମିଶ୍ର ସୂଚନା ଦେଇ କହିଛନ୍ତି, ପୋଲସରା ଥାନା ମଥୁରା ଅଧର ସାହିର କାହ୍ନୁଚରଣ ସ୍ୱାଇଁ ତାଙ୍କ ଟ୍ରାକ୍ଟରଟି ଘର ନିକଟରେ ରଖିଥିବା ବେଳେ ଗତ ୨୨ ତାରିଖ ରାତିରେ କେହି ଚୋରାଇ ନେଇଥିଲେ। ଏଥିନେଇ ପୋଲସରା ଥାନାରେ ଏକ ଅଭିଯୋଗ ହୋଇଥିଲା। ଥାନା ଆଇଆଇସି କୌଶିକ ମାଝୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କାଡ୍ ଗଠନ କରି ଜିଲା ଓ ଜିଲା ବାହାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବା ବେଳେ ପିପିଲିଠାରେ ରାସ୍ତାକଡ଼ରୁ ଉକ୍ତ ଟ୍ରକକୁ ଜବତ କରାଯାଇଥିଲା। ଗାଡ଼ିକୁ ସେଠାରୁ ଆଣି ରବିବାର କାହ୍ନୁଙ୍କୁ ହସ୍ତାନ୍ତର କରାଯାଇଛି। ନଂ ୩୬୨/୨୫ରେ ମାମଲା ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ଚଢ଼ାଉ ଚାଲିଥିବା ଏସଡିପିଓ ମିଶ୍ର କହିଛନ୍ତି।

## ଅଜଣା ଜନ୍ତୁ ଆକ୍ରମଣରେ ୩ ଛେଳି ମୃତ

ପାତ୍ରପୁର, ୨୫।୫(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ମହାଲିମ୍ବ ଗ୍ରାମରେ ଅଜଣା ଜନ୍ତୁ ଆକ୍ରମଣରେ ଗତ ଦୁଇ ଦିନରେ ୩ଟି ଛେଳିର ମୃତ୍ୟୁ ଘଟିଛି। ରବିବାର ଗ୍ରାମର କୃଷ୍ଣଚନ୍ଦ୍ର କାର୍ଜିଙ୍କ ଗୋଟିଏ ଛେଳି ଜଙ୍ଗଲରେ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଛେଳିର ବେକରେ ଆକ୍ରମଣର ଚିହ୍ନ ଥିବା ଜାଣି ଅଜଣା ଜନ୍ତୁ ଆକ୍ରମଣ କରୁଥିବା କୃଷ୍ଣଚନ୍ଦ୍ର ଆଶଙ୍କା କରୁଛନ୍ତି । ଦୁଇ ଦିନ ତଳେ ଗ୍ରାମର ମୁକୁନ୍ଦ କାର୍ଜି ଓ ପୂର୍ଣ୍ଣବାସୀ କାର୍ଜିଙ୍କ ୨ଟି ଛେଳି ମିଳୁ ନ ଥିବା ବେଳେ ରବିବାର ଜଙ୍ଗଲରେ ଛେଳି ୨ଟିର କେବଳ ଗୋଡ଼ ପଡ଼ିଥିବା ଦେଖିବାକୁ ମିଳିଛି ।

## ଗୋ ଚାଲାଣ ନେଇ ମାମଲା ରୁଜୁ

**ଆସିକା,୨୫।୫(ସୁରେନ୍ଦ୍ର ନାଥ ସାହୁ)**

କୋଚିନଡା ଥାନା ଅନ୍ତର୍ଗତ ଭେଟନଈ ନିକଟରୁ ଶନିବାର ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ବେଆଇନ ଗୋ ଚାଲାଣ ଅଟକାଯାଇଥିଲା। ଗୋରୁ ଓ ୪ ଅଭିଯୁକ୍ତଙ୍କୁ ଧରି ପୋଲିସରେ ଜିମା ଦିଆଯାଇଥିଲା। ଏ ସମ୍ପର୍କରେ କୋଚିନଡା ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ନଂ.୧୭୮/୨୫ରେ ମାମଲା ରୁଜୁ କରିଛି । ଆସିକା ଥାନା ଅସୁରାଇପଲ୍ଲୀ ଗ୍ରାମର ୪ଜଣଙ୍କୁ ପୋଲିସ ଥାନାରୁ ଜାମିନରେ ଛାଡିଛି। ଉଦ୍ଧାର ଗୋରୁଙ୍କୁ ବୁଗୁଡା ନିକଟସ୍ଥ କଞ୍ଚୁରୁ ଗୋଶାଳାରେ ଛାଡି ଦିଆଯାଇଛି। ମାମଲାର ତଦନ୍ତ ଚାଲିଥିବା ସବଇନ୍ସପେକ୍ଟର ସତ୍ୟବ୍ରତ ସାହୁ ସୂଚନା ଦେଇଛନ୍ତି।

# ଆନ୍ଧ୍ର ମାଗଣା ବାଲି ଗଜପତିରେ ମହଙ୍ଗା

### ସବୁ ଜାଣି ନୀରବ ପ୍ରଶାସନ, କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା

ପାରଳାଖେମୁଣ୍ଡି,୨୫।୫(ଗିରିଧାରୀ ପରିଚ୍ଛା)


ଆନ୍ଧ୍ର ପ୍ରଦେଶ ସୀମାନ୍ତ ଅଞ୍ଚଳର ବିଭିନ୍ନ ନଦୀ ନାଳରୁ ବେଧଡ଼କ ଭାବେ ବାଲି ଚୋରାଚାଲାଣ କରି ପାରଳାଖେମୁଣ୍ଡି ସହର ସମେତ ବିଭିନ୍ନ ସ୍ଥାନରେ ରାଜସ୍ୱ ଫାଙ୍କି ବିକ୍ରି କରୁଛନ୍ତି ବାଲି ମାଫିଆ। ଖବରରୁ ଜଣାପଡ଼ିଛି ଆନ୍ଧ୍ର ପ୍ରଦେଶ ସରକାର ସେଠାକାର ଲୋକଙ୍କୁ ନିଜର ଗୃହ କାର୍ଯ୍ୟ ପାଇଁ ନଦୀରୁ ବାଲି ଉଠାଣ ପାଇଁ ମାଗଣା ବ୍ୟବସ୍ଥା କରିଛନ୍ତି। ଏହି ନିୟମରୁ ଫାଇଦା ଉଠାଇ କେତେ ଜଣ ବାଲି ମାଫିଆ ସେହି ବାଲିକୁ ଆନ୍ଧ୍ରରୁ ମାଗଣାରେ ଆଣି ଓଡ଼ିଶାର ଗଜପତି ଜିଲାରେ ବିକ୍ରି କରି ବ୍ୟବସାୟ ଚଳାଇଛନ୍ତି। ଏଥିରୁ ସେମାନେ ବେଶ୍ ଲାଭବାନ ହୋଇପାରୁଛନ୍ତି। ଏହି ଘଟଣା ନେଇ ଗଜପତି ଜିଲା ଖଣି ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଜିଲା ପ୍ରଶାସନ ଏଥିପ୍ରତି କଠୋର ନ ହୋଇ ବାଲି ଚୋରାଚାଲାଣ ଧରାପଡ଼ିଲେ କେବଳ ଜରିମାନା ଆଦାୟ କରି ଛାଡ଼ି ଦେଉଥିବା ଅଭିଯୋଗ ହେଉଛି।



ଚୋରାଚାଲାଣ ହେଉଥିବା ଆନ୍ଧ୍ର ବାଲି।

ସୂଚନାଯୋଗ୍ୟ, ଆନ୍ଧ୍ର ପ୍ରଦେଶର ବିଭିନ୍ନ ନଦୀରୁ ବାଲି ଓଡ଼ିଶାକୁ ଚାଲାଣ ହେଉଥିବାରୁ ଓଡ଼ିଶାର ବୁଦୁରା, ପୁରୁଟିଗୁଡ଼ା ଆଦି ସ୍ଥାନରୁ ବାଲିଉଠାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। କିତିଙ୍ଗିଠାରେ ଟେଣ୍ଡର ସରିଥିଲେ ମଧ୍ୟ ଏଠାରୁ ବାଲି ଉଠାଣ ନ ହେବା ଏବଂ ବିଳମ୍ବରେ ଟେଣ୍ଡର ନେଇଥିବା ସଂସ୍ଥାଗୁଡ଼ିକ ସେମାନଙ୍କ କାର୍ଯ୍ୟ ଆରମ୍ଭ ନ କରି ଏବେ ପାଇଥିବା ଲାଇସେନ୍ସକୁ ସରେଣ୍ଡର କରିବା ନେଇ ଚିନ୍ତା କରୁଥିବା ଜଣାପଡ଼ିଛି। ଜିଲାର ଅନେକ ସ୍ଥାନରେ ବଡ଼ବଡ଼ ସରକାରୀ କୋଠା ନିର୍ମାଣ ହେଉଛି। ଏଥିପାଇଁ ବାଲି କେଉଁଠୁ ଆସି ପହଞ୍ଚୁଛି କେହି ଚିନ୍ତା କରୁନାହାନ୍ତି। ପାରଳାଖେମୁଣ୍ଡି ପୋଲିସ ପାଟ୍ରୋଲିଂ ବେଳେ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଧରି ଆଞ୍ଚଳିକ ପରିବହନ ବିଭାଗ ଏବଂ ଜିଲା ଖଣି ବିଭାଗକୁ ହସ୍ତାନ୍ତର କରୁଥିଲେ ମଧ୍ୟ ଚୋରା ବାଲି ଚାଲାଣକୁ ରୋକା ଯାଇପାରୁନାହିଁ।

# ପୋଟଲାମପୁର ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ



ଭାଜପାର ମିଶ୍ରଣ ପର୍ବରେ ଉପସ୍ଥିତ କର୍ମୀ ଓ ନେତା।

**ଛତ୍ରପୁର,୨୫।୫**
**(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)**

ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୋଟଲାମପୁର ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ପ୍ରମୋଦ ସାହୁ, ବାବୁଲା ନାହାକ, ଭଗବାନ ପ୍ରଧାନ, କବିରାଜ ଖୁଣ୍ଟିଆ, ରୀନା ଶାସମଲ, ଗାୟତ୍ରୀ ନାୟକ, ବିରେନ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ୱାର୍ଡସଭ୍ୟ, ଏବଂ ପଞ୍ଚାୟତର ବହୁ ଜନସାଧାରଣ ବିଭିନ୍ନ ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବକା ସାଥ ସବକା ବିକାଶରେ ବିଶ୍ୱାସ କରି ସେମାନେ ଦଳରେ ସାମିଲ ହୋଇଥିବା କହିଛନ୍ତି। ବିଧାୟକ ନାୟକ ଏବଂ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରିଥିଲେ। ଆସ ସମସ୍ତେ ଏକାଠି ହୋଇ ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିକାଶ କରିବା ବୋଲି ବିଧାୟକ ନାୟକ କହିଥିଲେ। ଭିକାରୀପଲ୍ଲୀ ମଣ୍ଡଳ ସଭାପତି ପଦ୍ମ ଚରଣ ପରିଡାଙ୍କ ସଭାପତିତ୍ୱ ଓ ରାଜ୍ୟ ପରିଷଦ ସଭ୍ୟ ପଦ୍ମ ଚରଣ ସାହୁ ସଂଯୋଜନାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଯୁବ ନେତା ବନୋଜ ନାହାକ, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ଅନୁସୂଚିତ ଜାତିର ସଭାପତି କୀର୍ତ୍ତନ ଦାସ, ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ବସନ୍ତ କୁମାର ବେହେରା, ଓବିସି ମୋର୍ଚ୍ଚା କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ ପାଢ଼ୀ, ଆଇନଜୀବୀ ପି. ଧର୍ମା ରେଡ୍ଡୀ, ପୂର୍ବତନ ସମିତିସଭ୍ୟ ଏନ.ଦୁର୍ଯ୍ୟୋଧନ ରେଡି, କଣମଣା ମଣ୍ଡଳ ସଭାପତି ଏନ. ଦୀନବନ୍ଧୁଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବାଲିଗୁଡ଼ାରେ ନାରଦ ଜୟନ୍ତୀ ପାଳିତ

ବାଲିଗୁଡା,୨୫।୫(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଶିକ୍ଷା ନିକେତନ ପରିସର ମଧ୍ୟରେ ଦେବର୍ଷି ନାରଦଙ୍କ ଜୟନ୍ତୀ ମହୋତ୍ସବ ରବିବାର ପାଳିତ ହୋଇଯାଇଛି। ଖବରଦାତା ପ୍ରମୋଦ କୁମାର ଦଣ୍ଡସେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ସାହୁ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବ୍ୟବସ୍ଥା ପ୍ରମୁଖ କାଳିନ୍ଦୀ ଚରଣ ପଣ୍ଡା, ଶିକ୍ଷା ନିକେତନର ପ୍ରତିଷ୍ଠାତା ରାଜ କିଶୋର ପାଢ଼ୀ, ଅବସର ପ୍ରାପ୍ତ ଶିକ୍ଷକ ତଥା ଏକଲ ବିଦ୍ୟାଳୟର ଉପଦେଷ୍ଟା କୈଳାସ ଚନ୍ଦ୍ର ବେହେରା, ଶିକ୍ଷକ ତୀର୍ଥବାସୀ ଘଡ଼େଇ ପ୍ରମୁଖ ଯୋଗଦେଇଥିଲେ। ଦେବର୍ଷି ନାରଦ ତ୍ରିଭୁବନ ପରିଭ୍ରମଣ କରି ସବୁ ଖବର ପରିବେଷଣ କରୁଥିଲେ। ସେ ହେଉଛନ୍ତି ଆଦ୍ୟ ଓ ସତ୍ୟନିଷ୍ଠ ସାମ୍ବାଦିକ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତ ଖବରଦାତା କାର୍ଯ୍ୟ କରିବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ତୀର୍ଥବାସୀ ଘଡ଼େଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧବାର୍ଷିକୀ



ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ପାରଳାଖେମୁଣ୍ଡି,୨୫।୫(ଗିରିଧାରୀ ପରିଚ୍ଛା)

ସତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା, ଅନ୍ୟତମ କର୍ଣ୍ଣଧାର, ଭାଷାଭିତ୍ତିକ ରାଜ୍ୟ ନିର୍ମାଣର ବଳିଷ୍ଠ ବିଶ୍ୱାସୀ ଏବଂ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୫୭ତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ଫାଲଗୁନି ମାଝୀ, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅତିଥି ରୂପେ ଉପସ୍ଥିତ ଥିଲେ। ଭାଷା ଭିତ୍ତିରେ ଓଡିଶା ପ୍ରଦେଶ ଗଠନ କରିବାରେ ମହାରାଜା ଅନ୍ୟତମ। ମହାରାଜା ଅଞ୍ଚଳର ବିକାଶ ସମ୍ପର୍କରେ ନେଇ କରିବା ତାଙ୍କର ମୂଳମନ୍ତ୍ର ଥିଲା। ଓଡ଼ିଆ ଜାତିକୁ ସର୍ବାଗ୍ରେ ପହଞ୍ଚାଇବା ଏବଂ ଲୋକଙ୍କ ମଧ୍ୟରେ ଜନଜାଗରଣ ସୃଷ୍ଟି କରିବା କ୍ଷେତ୍ରରେ ମହାରାଜାଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପାରଳାଖେମୁଣ୍ଡି ସହରର ବରିଷ୍ଠ ନାଗରିକ,ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବଜାର ଛକସ୍ଥିତ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତି ଓ ମହାରାଜାଙ୍କ ସ୍ମୃତି ସୌଧରେ ପୁଷ୍ପମାଲ୍ୟ ଅର୍ପଣ କରି ସମସ୍ତେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ସମାବେଶ



ସମାବେଶରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଛତ୍ରପୁର,୨୫।୫(ଦିଲୀପ ସାମଲ)**

ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ବରିଷ୍ଠ ନାଗରିକ ମଞ୍ଚର ଗ୍ରୀଷ୍ମ ସମାବେଶ ସ୍ଥାନୀୟ ପାଣି ପଞ୍ଚାୟତ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନରହରି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ସମ୍ପାଦକ ଗଗନ ବିହାରୀ ସାହୁ ମଞ୍ଚ କାର୍ଯ୍ୟକ୍ରମର ବିବରଣୀ ଓ କୋଷାଧକ୍ଷ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଆର୍ଥିକ ବିବରଣୀ ରଖିଥିଲେ। ଉପଦେଷ୍ଟା କୋରା ମହାରଣା ବରିଷ୍ଠ ନାଗରିକମାନେ ଚାପଗ୍ରସ୍ତ ନ ହୋଇ ନିଜ ପୁଅ ଝିଅଙ୍କ ସହମତରେ ଅବଶିଷ୍ଟ ଜୀବନ ଅତିବାହିତ କରିବାକୁ ପରାମର୍ଶ ଦେଇଥିଲେ। ସମାବେଶରେ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମ ଅତିଥି ରୂପେ ଯୋଗଦେଇ ବରିଷ୍ଠ ନଗରିକ ମଞ୍ଚର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ପ୍ରଶଂସା କରବା ସହ ମଞ୍ଚର ଅଭାବ ଅସୁବିଧା ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବିଶେଷ କରି ମଞ୍ଚର ଏକ ବୈଠକ ଗୃହ ନିର୍ମାଣ ପାଇଁ ସହଯୋଗ କରିବେ ବୋଲି କହିଥିଲେ। ସମିତି ସଭ୍ୟା ପ୍ରତିନିଧି ଅମରେଶ୍ୱର ସାହୁ ଅନ୍ୟତମ ଅତିଥି, ଉଦ୍ୟୋଗପତି ଶୁଭେନ୍ଦୁ କୁମାର ସାହୁ ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇ ବରିଷ୍ଠମାନେ ସମାଜର ଅମୂଲ୍ୟ ସମ୍ପଦ ଏବଂ ସେମାନଙ୍କର ପରାମର୍ଶକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ପ୍ରଦାନ କରିଥିଲେ।। ମଞ୍ଚର ସଂଯୋଜକ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମଞ୍ଚର ସଭ୍ୟମାନଙ୍କ ମଧ୍ୟରେ ଭାଇଚାରା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ।

# ମା’ ପାଟଖଣ୍ଡା ଠାକୁରାଣୀ ଯାତ୍ରା ୨୦ ଦିନରେ, ଆଜି ବିଶ୍ରାମ

**ବାଲିଗୁଡା,୨୫।୫(ସଞ୍ଜୟ କୁମାର ପାଣିଗ୍ରାହୀ)**

ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା’ ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ରବିବାର ୨୦ ଦିନରେ ପହଞ୍ଚିଛି। ମା’ ନଗର ପରିଭ୍ରମଣ ୧୫ ଦିନରେ ପହଞ୍ଚିଛି। ଗାନ୍ଧୀ ଛକ ସ୍ଥିତ ମା’ ବରାଳ ଦେବୀ ମନ୍ଦିର ଅସ୍ଥାୟୀ ମଣ୍ଡପରେ ମା’ପାଟଖଣ୍ଡାଙ୍କ ସମେତ କନକ ଦୁର୍ଗା, ଡେଙ୍ଗସିଲ, ବରାଳଦେବୀ, ମହାମାୟୀ ଓ ମା’ ଦକ୍ଷିଣ କାଳୀଙ୍କ ସକାଳ ଓ ସନ୍ଧ୍ୟା ଆଳତୀ ସମୟରେ ଶତାଧିକ ଭକ୍ତଙ୍କ ସମାଗମ ହେଉଛି। ପଞ୍ଚ ଦେବୀ ସହ ମା’ଦକ୍ଷିଣ କାଳୀଙ୍କୁ ଦର୍ଶନ କରିବାକୁ ଅଞ୍ଚଳର ପ୍ରତ୍ୟେକ ପରିବାରର ଦୂର ଦୁରାନ୍ତରେ ଥିବା ବନ୍ଧୁ ବାନ୍ଧବଙ୍କ ସୁଅ ଛୁଟିବାରେ ଲାଗିଲାଣି। ମାସର ଶେଷ ରବିବାର ଯୋଗୁ ବାଲିଗୁଡା ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରହିଛି, ଅନ୍ୟ ଦିନ ଅପେକ୍ଷା ଆଜି ପ୍ରବଳ ଗହଳି ହୋଇଥିଲା। ବସଷ୍ଟାଣ୍ଡ ସଂଘ ତରଫରୁ ଘୋଳ ଦହି ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ରବିବାର ବସଷ୍ଟାଣ୍ଡ ପୂଜା କମିଟି ଅଞ୍ଚଳକୁ ମା’ ପରିଭ୍ରମଣରେ ଆସିଥିଲେ। ସନ୍ଧ୍ୟା ଆଳତୀ ପରେ ଏକ ବିରାଟ ପଟୁଆରରେ କଲିକତାର ଅଘୋରୀ ନୃତ୍ୟ, ପୁରୀର ଶିବ ତାଣ୍ଡବ ଓ ସଂକୀର୍ତ୍ତନ ମଣ୍ଡଳୀ ସହ ବିଭିନ୍ନ ବାଜା ବାଜଣା, ନୃତ୍ୟ ଗୀତରେ ଅସ୍ଥାୟୀ ପୀଠଠାରୁ ମା’ ବାହାରି ଗାନ୍ଧୀ ଛକ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ, ରେଭିନ୍ୟୁ ବଙ୍ଗଳା, ଜଗନ୍ନାଥ ମନ୍ଦିର, ତ୍ରିବେଦୀ ପାର୍କ ଛକ, ବଜାର ଛକ, ପାଟଖଣ୍ଡା ମନ୍ଦିର ଓ ମାର୍କେଟ, ହାଟପଦା ମାର୍କେଟ, ପାଟଖଣ୍ଡା ସାହି ଛକ ଦେଇ ବସଷ୍ଟାଣ୍ଡର ପ୍ରବେଶ ଦ୍ୱାରରେ ପ୍ରବେଶ କରି ଅସ୍ଥାୟୀ ପୂଜା ମଣ୍ଡପକୁ ମା’ ମାନଙ୍କୁ ପାଛୋଟି ନେଇଥିଲେ। ଉକ୍ତ ପୂଜା ମଣ୍ଡପରେ ପହଞ୍ଚିବା ପରେ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସୋମବାର ସାବିତ୍ରୀ ବ୍ରତ ପାଇଁ ବିଶ୍ରାମ ଦିବସ ରହିଥିବା ବେଳେ ମଙ୍ଗଳବାର ମା’ କନକ ଦୁର୍ଗାଙ୍କ ନିଜସ୍ୱ ସାହି ନୂଆସାହିକୁ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି।



ମହାମାୟୀ ଓ ମା’ ଦକ୍ଷିଣ କାଳୀଙ୍କ ସକାଳ ଓ ସନ୍ଧ୍ୟା ଆଳତୀ ସମୟରେ ଶତାଧିକ ଭକ୍ତଙ୍କ ସମାଗମ।

## ସାପ କାମୁଡ଼ାରେ ନାବାଳିକାଙ୍କ ମୃତ୍ୟୁ, ଜଣେ ଗୁରୁତର

**ଭଞ୍ଜନଗର,୨୫।୫(ବାବୁଲା ପ୍ରଧାନ)**

ଭଞ୍ଜନଗର ଥାନା ଅଞ୍ଚଳରେ ଶନିବାର ରାତିରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବେଳେ ଓ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ନାରିଙ୍ଗିପଲ୍ଲୀ ଗ୍ରାମର ନଟିଆ ପ୍ରଧାନଙ୍କ ଝିଅ ତେଜସ୍ୱିନୀ ପ୍ରଧାନ(୯)। ରାତିରେ ପରିବାର ଲୋକଙ୍କ ସହ ସହ ତେଜସ୍ୱନୀ ଶୋଇଥିବା ବେଳେ ତାଙ୍କୁ କୌଣସି ଏକ ସାପ କାମୁଡ଼ିଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ତେଜସ୍ୱନୀଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହକୁ ଜବତ କରି ରବିବାର ବ୍ୟବଚ୍ଛେଦ ଭଞ୍ଜନଗର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ସେହିଭଳି ବେରୁଆବାଡି ଗ୍ରାମର ସୁଜାତା ନାୟକ ସାପ କାମୁଡ଼ାରେ ଗୁରୁତର ହୋଇଥିଲେ। ଗୁରୁତର ଅସ୍ଥାରେ ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଇଛି।

## ପୁରସ୍କୃତ ହେଲେ ବ୍ଲକର ୪ ମାଟ୍ରିକ୍ ଟପ୍ପର ଛାତ୍ରୀଛାତ୍ର

ଶେରଗଡ଼,୨୫।୫(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ଆଞ୍ଚଳିକ ସାମ୍ବାଦିକ ସଂଘର ଏକ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଭାପତି ସୂର୍ଯ୍ୟ ନାରାୟଣ ଦାଶ ସଭାପତିତ୍ୱ କରିଥିଲେ। ପ୍ରଥମେ ସଂଘର ତିନି ମାସର କାର୍ଯ୍ୟ ଧାରା ଉପରେ ଆଲୋଚନା ହୋଇଥିଲା। ଶେରଗଡ଼ ବିଡ଼ିଓ ପଦବୀ ଖାଲି ଓ ବ୍ଲକ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ ଉପରେ ଉପୁଜୁଥିବା ସମାସ୍ୟାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ ସମାସ୍ୟା ସମାଧାନ କରିବାକୁ ସଭ୍ୟମାନେ ମତାମତ ଦେଇଥିଲେ। ଆଗକୁ ଚାଷ ଚାଷୀ ସମାସ୍ୟା ପ୍ରତି ଗୁରୁତ୍ୱ ଦେଇ ଖବର ପ୍ରକାଶ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ମାଟ୍ରିକ୍ ପରୀକ୍ଷାରେ ଟପ୍ପର ହୋଇଥିବା ୪ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ରାହ୍ମଣଛାଇ ଉଚ୍ଚ ବିଦ୍ୟାଳୟର ମେଘା ବେହେରା, ଅଲାରିଗଡ ଉଚ୍ଚ ବିଦ୍ୟାଳୟର ସୋନମ ସ୍ୱାଇଁ, ଡେଙ୍ଗାପଦର ଉଚ୍ଚ ବିଦ୍ୟାଳୟର ଦାସ ସତ୍ୟ ନାରାୟଣ ସୀତାରାମ ଓ ପିତଳ ବାଳିକା ଉଚ୍ଚ ବିଦ୍ୟାଳୟର ସାଇସ୍ମିତା ପାତ୍ର ସମ୍ମାନିତ ହୋଇଥିଲେ। ଏହି ସମୟରେ ସିଆରସିସି ପ୍ରସନ୍ନ ସାବତ, ଆଶିଷ ସେଠୀ , ବିନୋଦ ସେନାପତି ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଦେବୀ ପ୍ରସାଦ ଦାଶ, ଗୌରହରି ସାବତ, ନିରଞ୍ଜନ ମହାପାତ୍ର ଓ ଅଖିଳ ପଟ୍ଟନାୟକ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**OFFICE OF THE PRINCIPAL, NUVAPADA SRI BALAJI MAHAVIDYALAYA, NUVAPADA, GANJAM**

**QUOTATION CALL NOTICE**

**NO: 119/NSBM (DG)/25 Dated : 20.05.2025**

Sealed quotations are invited from eligible reputed intending registered firms/suppliers/ authorized dealers having valid GST registration, PAN and TIN no for supply/Upgrading IT Infrastructure- 13 Desktop and above-6, UPS-6, MFM Printer-2,LED TV (65 inch)-1, Wireless Mice & Camera with MIC for Virtual Meeting & Internet Facility to the college. The Quotation paper and other details should reach the Principal by speed post on or before 12.06.2025 as per the specific Terms and Conditions mentioned vide Govt of Odisha Department of Higher Education office letter 12655 Dated: 05.03.2025. The Quotation will be opened before the purchase Committee at 11.30 A.M. on 18.06.2025. The authority reserves the right to cancel the quotations without assigning any reason thereof. Visit Nuvapada Sri Balaji Mahavidyalaya, Nuvapada website: www.nsbmahavidyalaya.edu.in for further details.

**Sd./- Principal**
**N.S.B. Mahavidyalaya, Nuvapada, Ganjam**

# ରଟିଙ୍ଗିଆ ରାସ୍ତା ଶୋଚନୀୟ, ବଢ଼ୁଛି ଅସନ୍ତୋଷ

**ଜି.ଉଦୟଗିରି,୨୫।୫(ଚିନ୍ମୟ କୁମାର ସେଠୀ)**

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରଟିଙ୍ଗିଆ ଗ୍ରାମକୁ ଯିବା ପାଇଁ ଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଶ୍ରୀରାମପଦା ଠାରୁ ଗ୍ରେସିଙ୍ଗିଆ ପଞ୍ଚାୟତ କିରାମାହା ଗ୍ରାମ ଦେଇ ଧାଙ୍ଗଡ଼ାମାହା, ରଟିଙ୍ଗିଆ, ଝିମାଙ୍ଗିଆ, ମଗରଗୁଡ଼ା ସହ ବିଭିନ୍ନ ଗ୍ରାମ ଦେଇ ଗ୍ରେସିଙ୍ଗିଆକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ବିପର୍ଯ୍ୟସ୍ତ ରାସ୍ତା ପାଇଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗମନାଗମନ ସୁବିଧା ପାଇଁ ସରକାର ବହୁ କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ହେଉ କିମ୍ବା ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ କଷ୍ଟ ଭୋଗୁଛନ୍ତି ସାଧାରଣ ଜନତା।



ଦୀର୍ଘ ବର୍ଷ ହେବ ଏହି ରାସ୍ତାର କୌଣସି ମରାମତି କରାଯାଇ ନାହିଁ । ଖାଲଖମାରେ ପରିପୂର୍ଣ୍ଣ ଏହି ରାସ୍ତା ଦେଇ ଯାତାୟତ ନିମନ୍ତେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ ୨ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ସ୍କୁଲ, କଲେଜ, ଡାକ୍ତରଖାନା କିମ୍ବା ଅନ୍ୟ କୌଣସି କାମ ପାଇଁ ହେଉ ଗ୍ରାମବାସୀ ଜି.ଉଦୟଗିରି ସହରକୁ ଆସୁଛନ୍ତି । କିନ୍ତୁ ରାସ୍ତା ଖରାପ ଥିବା ଯୋଗୁ ସାଇକେଲ, ମଟର ସାଇକେଲ, ଅଟୋରେ ଯିବା ଆସିବାରେ ଅସୁବିଧା ହେଉଛି। ବିଶେଷ କରି ଗର୍ଭବତୀ ମହିଳା ମାନେ ଏହି ରାସ୍ତା ଦେଇ ଡାକ୍ତରଖାନା ଆସିବା କଷ୍ଟକର ହେଉଛି। ଅନେକ ସମୟରେ ଛୋଟ ମୋଟ ଦୁର୍ଘଟଣା ମଧ୍ୟ ଘଟୁଛି। ବାରମ୍ବାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ। ଆଗକୁ ବର୍ଷା ଋତୁ ଆସୁଥିବାରୁ ଜିଲା ପ୍ରଶାସନ ଜରୁରୀ କାଳୀନ ଭିତ୍ତିରେ ରାସ୍ତା ନିର୍ମାଣ ନିମନ୍ତେ ପଦକ୍ଷେପ ନେବା ପାଇଁ ରଟିଙ୍ଗିଆ ଓ ଗ୍ରେସିଙ୍ଗିଆ ପଞ୍ଚାୟତ ଜନସାଧାରଣ ଦାବି କରିଛନ୍ତି।

**ODISHA STATE AIDS CONTROL SOCIETY (OSACS)**
**Department of Health & Family Welfare, Govt. of Odisha**

**Tender / Bid No. 325/OSACS** **Date: 20.05.2025**
File No. : XV-Proc.- 13/2025

**NOTICE INVITING BID**

**FOR HIRING OF PETROL / DIESEL VEHICLES FOR OFFICIAL USE ON MONTHLY BASIS**

**No.E-106** : Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under **two bid systems** from the interested and eligible bidders for **Hiring of Petrol / Diesel Vehicles for Official Use on Monthly Basis**. The tender documents in prescribed formats should be submitted to the address as mentioned above through **Registered Post, Speed Post and Courier** only. For more details, please visit website of OSACS i.e. https://osacs.odisha.gov.in and download the tender documents. The Date of availability of Tender Document is **26.05.2025, 11.00 A.M.** & Closing Date & Time of Receiving of Sealed Tender **16.06.2025 upto 5.00 P.M.**

**OIPR-10009/11/0044/2526** **Sd./- Project Director**

**ସଂକ୍ଷେପରେ**

## କଳଭର୍ଟ ନିକଟରୁ ୪୧ କିଲୋ ଗଞ୍ଜେଇ ଜବତ



ମୋହନା, ୨୫।୫(ମନ୍ମଥ ମିଶ୍ର)

ଗଜପତି ଜିଲା ଚନ୍ଦ୍ରଗିରି ଫାଣ୍ଡି ପୋଲିସ ଗଞ୍ଜେଇ ଚୋରାଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ସୂଚନା ପାଇ ମୋହନା ଥାନା ଅଧିକାରୀ ବସନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଏକ ଟିମ ସୁଲୁବା ଗୁଆସାହି ଓ ବାଘମାରି ଗାଁ ରାସ୍ତାରେ ଚଡ଼ାଉ କରି ୪୧ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ତେବେ ଗଞ୍ଜେଇ ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ଗାଁ ରାସ୍ତା ମଝିରେ ଥିବା ଏକ କଳଭର୍ଟ ନିକଟରୁ ଏହି ଗଞ୍ଜେଇ ଚୋରାଚାଲାଣ ପାଇଁ ରଖା ଯାଇଥିଲା। ଜବତ ଗଞ୍ଜେଇକୁ ଓଜନ କରିବାରୁ ଏହା ୪୧ କିଲୋ ୪୦୦ ଗ୍ରାମ ହୋଇଥିଲା। ଏହାର ଆନୁମାନିକ ବଜାର ଦର ୪୦ ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ସେଠୀ କହିଛନ୍ତି।

# ଋଷିକୁଲ୍ୟା ନଦୀ ପାଣି ଏବେ ଲୁଣିଆ

ଛତ୍ରପୁର,୨୫।୫(ସନ୍ତୋଷ ପାଢ଼ୀ)

- ଅନୁଧ୍ୟାନ କରିଛନ୍ତି ବିଶେଷଜ୍ଞ ଟିମ୍
- ବାଲି ଖନନ ଯୋଗୁ ନଦୀଶଯ୍ୟାର ଭୂତଳ ପର୍ଯ୍ୟନ୍ତ ସମୁଦ୍ରର ଲୁଣି ପାଣି ମାଡ଼ୁଛି
- ପ୍ରଭାବିତ ହୋଇଛି ମେଗା ପାଇପ ଜଳ ପ୍ରକଳ୍ପ

ଗଞ୍ଜାମ ଜିଲାର ଜୀବନରେଖା କୁହାଯାଉଥିବା ଋଷିକୁଲ୍ୟା ନଦୀ ଏବେ ବିପଦରେ। ଏହି ନଦୀରୁ ବିଭିନ୍ନ ମେଗା ପାଇପ ଜଳ ପ୍ରକଳ୍ପ ମାଧ୍ୟମରେ ଲୋକଙ୍କୁ ଯୋଗାଣ ହେଉଥିବା ପାଣି ଲୁଣିଆ ଲାଗୁଥିବା ଲୋକେ ଅଭିଯୋଗ କରୁଛନ୍ତି। ସମୁଦ୍ର ଜୁଆର ମାଡ଼ି ନଦୀଶଯ୍ୟାର ଉପରଭାଗ ପାଣିକୁ ଲୁଣିଆ କରିଦେଉଛି। ମୁହାଣ ଅବରୋଧ ସମସ୍ୟା ଯୋଗୁ ଜଳ ଠିକ ରୂପେ ଶୀଘ୍ର ନିଷ୍କାସିତ ହୋଇପାରୁନି। ଫଳରେ ତାହା ଭୂତଳକୁ ଭେଦି ମାଟି ଗଭୀରରେ ଥିବା ପାଣିକୁ ମଧ୍ୟ ଲୁଣିଆ କରିଦେଉଥିବା ଜଣାପଡ଼ିଛି। ନିକଟରେ ନୂଆଦିଲ୍ଲୀର ଏସିଆନ ଡେଭଲପମେଣ୍ଟ ସଂସ୍ଥାର ୨ ଜଣ ବୈଜ୍ଞାନିକ ଗଞ୍ଜାମ ଜିଲାର ଉପକୂଳ ଅଞ୍ଚଳ ବୁଲି ଦେଖୁବା ସହ ଋଷିକୁଲ୍ୟା ନଦୀ ପାଣି ଲୁଣି ହେବା ଉପରେ ଏଭଳି ମନ୍ତବ୍ୟ ରଖିଥିବା ଜଳସେଚନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜିତ ପ୍ରଧାନ କହିଛନ୍ତି। ୨ ବୈଜ୍ଞାନିକଙ୍କ ରିପୋର୍ଟକୁ ଅପେକ୍ଷା କରାଯାଉଛି। ଏହା ଆସିବା ପରେ ସରକାରଙ୍କୁ ଅବଗତ କରାଯିବ। ନିକଟରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ଏବଂ ଛତ୍ରପୁର ବ୍ଲକର ଆର୍ଜିପଲ୍ଲୀ ଉପକୂଳ ଅବକ୍ଷୟ ଅନୁଧ୍ୟାନ ପାଇଁ ଜଳସେଚନ ବିଭାଗ ପକ୍ଷରୁ ଉକ୍ତ ଦୁଇ ବିଶେଷଜ୍ଞଙ୍କୁ ଡକାଯାଇଥିଲା। ମେଶିନ ଜରିଆରେ ବ୍ୟାପକ ବାଲି ଖନନ ଯୋଗୁ ନଦୀ ଶଯ୍ୟାର ତଳସ୍ତରରେ ଅର୍ଥାତ ଭୂତଳ ପର୍ଯ୍ୟନ୍ତ ସମୁଦ୍ରର ଲୁଣି ପାଣି ଲିକ୍ କରିଯାଉଛି। ମାଟି ତଳେ ମହଜୁଦ ଥିବା ପାଣି ସହ ସମୁଦ୍ର ଜୁଆର ପାଣି ମିଶିବା ପରେ ପାଣି ଲୁଣି ହୋଇ ପିଇବା ଅନୁପଯୋଗୀ ହୋଇପଡ଼ୁଥିବା ଉଭୟ ବୈଜ୍ଞାନିକଙ୍କ ଅନୁଧ୍ୟାନରୁ ଜଣାପଡ଼ିଛି। ତେବେ ପରିସ୍ଥିତି ଆଗାମୀ ଦିନରେ ଅଧିକ ସଙ୍ଗୀନ ହେବାର ଆଶଙ୍କା ଉପୁଜିଛି। ଏଭଳି ସ୍ଥିତି ୧୮୩ କୋଟି ଟଙ୍କାରେ ନିର୍ମିତ ମେଗା ପାନୀୟ ପ୍ରକଳ୍ପ ଫେଲ ମାରିବା ଆଶଙ୍କା ସୃଷ୍ଟି ହେଲାଣି। ପୁଣି ବର୍ଷା ହୋଇ ମଧୁର ଜଳ ଭର୍ତ୍ତି ହେଲେ ସମସ୍ୟା ସୁଧୁରିବ ନେଇ ଆଶା କରାଯାଉଛି। ଗଞ୍ଜାମ ବ୍ଲକର ମଲାଡ଼ ପଞ୍ଚାୟତ ଅନ୍ତର୍ଗତ ବରଦା ନିକଟରୁ ଏବଂ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ ନିକଟରୁ ଋଷିକୁଲ୍ୟା ନଦୀରେ ନିର୍ମିତ ପ୍ରକଳ୍ପର ଉଦ୍ଦେଶ୍ୟ ୱେଲରୁ ପାଇପ ଯୋଗେ ଜଳଯୋଗାଣ ହେଉଛି। ଗଞ୍ଜାମ ବ୍ଲକର ୬୦ଟି ଗାଁ, କୃଷ୍ଣପ୍ରସାଦ ବ୍ଲକର ୯୨ଟି ଗାଁର ମୋଟ ୨ ଲକ୍ଷ ୮୩ ହଜାର ଲୋକଙ୍କୁ ଏହି ପ୍ରକଳ୍ପରୁ ବୈଦିକ ଏମଏଡି ପିଇବା ପାଣି ଯୋଗାଣ ହେଉଛି। ଗଞ୍ଜାମ ବ୍ଲକ ଜାଙ୍ଗିଡପୁର ପଞ୍ଚାୟତର ୩ଟି ଗାଁର ଶତାଧିକ ଗ୍ରାମବାସୀ ପାଇପରେ ଆସୁଥିବା ଲୁଣି ପାଣି ପିଉଛନ୍ତି। ଏନେଇ ଗଞ୍ଜାମ ବିଡ଼ିଓଙ୍କୁ ଦୃଷ୍ଟି ଆକର୍ଷଣ କରିବା ସହ ସ୍ଥାନୀୟ ଲୋକେ ଏହାର ସମାଧାନ ପାଇଁ ଦାବିପତ୍ର ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ବନ ବିଭାଗ ଉପକୂଳ ଅବକ୍ଷୟ ନେଇ ଦେଶ ଏବଂ ବିଦେଶର ବିଶେଷଜ୍ଞଙ୍କୁ ନେଇ ଦିଲ୍ଲୀର ଏକ ସଂସ୍ଥାକୁ ସର୍ଭେ ପାଇଁ ନିୟୋଜିତ କରିଥିଲା। ସେମାନେ ଉପକୂଳ ଅଞ୍ଚଳ ବୁଲି ସର୍ଭେ କରି ସମୁଦ୍ର ତଟ କ୍ଷୟକ୍ଷତି ଏବଂ ତାର ନିରାକରଣ ନେଇ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ତେବେ ଉକ୍ତ ରିପୋର୍ଟ ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା।

# ୩୫ ଲକ୍ଷ ଠକେଇ, ବିଏମ୍‌ସିର ପୂର୍ବତନ ନିର୍ବାହୀଯନ୍ତ୍ରୀ ଗିରଫ

ବ୍ରହ୍ମପୁର,୨୫।୫(ସୁବାସ ଚନ୍ଦ୍ର ପାଢ଼ୀ)



ଗିରଫ ପି. ଶ୍ୟାମବାବୁ ପାତ୍ର।

ପ୍ଲଟ ବିକ୍ରି ନାଁରେ ଏକାଧିକ ଲୋକଙ୍କଠାରୁ ୩୫ ଲକ୍ଷ ଟଙ୍କା ଠକେଇ କରିଥିବା ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ପୂର୍ବତନ ନିର୍ବାହୀ ଯନ୍ତ୍ରୀ ପି. ଶ୍ୟାମବାବୁ ପାତ୍ର(୫୮)ଙ୍କୁ ଟାଉନ ଥାନା ପୋଲିସ ରବିବାର ଗିରଫ କରିଛି। ଭୁବନେଶ୍ୱର ଖଣ୍ଡଗିରିରେ ରହୁଥିବା ନୟାଗଡ଼ ରାଜାବଗିଚାର ମୂଳବାସିନ୍ଦା ଶ୍ୟାମବାବୁ ୨୦୧୭ରୁ ୨୦୧୯ ଯାଏ ବ୍ରହ୍ମପୁର ମହାନଗର ନିଗମରେ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ୨୦୧୯ରେ ସେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ବ୍ରହ୍ମପୁରରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଏଠାରେ ପ୍ଲଟ ବ୍ୟବସାୟ ମଧ୍ୟ କରୁଥିଲେ। ୨୦୧୬ରେ ଗାନ୍ଧୀନଗର ଅଞ୍ଚଳର ରଶ୍ମିତା ସାହୁ ଲୋଚାପଡା ଅଞ୍ଚଳରେ ୬ଟି ପ୍ଲଟ କିଣିବାକୁ ପାତ୍ରଙ୍କ ସହ ଯୋଗାଯୋଗ କରିଥିଲେ। ଏଥିପାଇଁ ମୋଟ ୭୧ ଲକ୍ଷ ଟଙ୍କା ନେଣଦେଣ ପାଇଁ ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ପ୍ଲଟ କିଣିବା ପାଇଁ ରଶ୍ମିତା ଅଗ୍ରିମ ୨୫ ଲକ୍ଷ ଟଙ୍କା ବିଭିନ୍ନ ପର୍ଯ୍ୟାୟରେ ଦେଇଥିଲେ। ହେଲେ ଅନେକ ମାସ ପରେ ମଧ୍ୟ ପାତ୍ର ପ୍ଲଟ ରଶ୍ମିତାଙ୍କ ନାମରେ ପଞ୍ଜୀକରଣ କରାଇ ନ ଥିଲେ। ରଶ୍ମିତା ଓ ତାଙ୍କ ସ୍ୱାମୀ ସୁମନ୍ତ ଏ ବିଷୟରେ ତାଙ୍କୁ ପଚାରିବାରୁ ସେ ଉଭୟଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଦମ୍ପତି ଏ ବିଷୟରେ ଥାନାରେ ଅଭିଯୋଗ କରିବେ ବୋଲି କହିବା ପରେ ୨୦୨୧ରେ ଯନ୍ତ୍ରୀ ପାତ୍ର ୧୫ ଲକ୍ଷ ଟଙ୍କା ଫେରାଇ ଦେଇଥିଲେ। ଅଗ୍ରିମ ଟଙ୍କାରୁ ଆଉ ୧୦ ଲକ୍ଷ ଫେରସ୍ତ କରିବାର ନାଁ ଧରି ନ ଥିଲେ। ରଶ୍ମିତା ଓ ତାଙ୍କ ସ୍ୱାମୀ ବାରମ୍ବାର ଟଙ୍କା ମାଗିବାକୁ ଯିବାରୁ ପାତ୍ର ପୁଣି ଧମକ ଦେଇଥିଲେ। ଏହାକୁ ନେଇ ରଶ୍ମିତାଙ୍କ ସ୍ୱାମୀ ସୁମନ୍ତ ଟାଉନ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଅଷ୍ଟ୍ରେଲିଆରେ ରହୁଥିବା ବ୍ରହ୍ମପୁରର ସନ୍ତୋଷ କୁମାର ମୁନିଙ୍କୁ ଗୋଷାଣୀ ନୂଆଗାଁ ଅଞ୍ଚଳରେ ଏକ ପ୍ଲଟ ଦେବାକୁ କହି ପାତ୍ର ୨୫ ଲକ୍ଷ ଟଙ୍କା ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପ୍ଲଟ ପଞ୍ଜୀକରଣ କରାଇ ନ ଥିଲେ କିମ୍ବା ଟଙ୍କା ଫେରସ୍ତ କରି ନ ଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ସନ୍ତୋଷ ମଧ୍ୟ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଉଭୟଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ପାତ୍ରଙ୍କ ନାଁରେ ୨ଟି ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିଲା। ପାତ୍ର ଉଭୟଙ୍କଠାରୁ ଟଙ୍କା ନେଇ ପ୍ଲଟ ବିକ୍ରି କରି ନ ଥିବା ସ୍ପଷ୍ଟ ହେବା ପରେ ରବିବାର ତାଙ୍କୁ ଗିରଫ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. କହିଛନ୍ତି। ଯଦି ଆଉ କେହି ଏପରି ଠକେଇର ଶିକାର ହୋଇଛନ୍ତି, ସେମାନେ ନିକଟସ୍ଥ ଥାନାରେ ଅଭିଯୋଗ କରିବାକୁ ଏସ୍‌ପି ଜଣାଇଛନ୍ତି।

## ଏସ୍‌ବିଆଇ ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ସିଜିଏମ୍‌ଙ୍କ ଦୃଷ୍ଟି ଆକର୍ଷଣ

ବ୍ରହ୍ମପୁର,୨୫।୫(ସ୍ମୃତି ରଞ୍ଜନ ମହାଲିକ)

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ହିନ୍ଦ ମଜଦୁର ସଭା ପକ୍ଷରୁ ରବିବାର ଏସବିଆଇ ସିଜିଏମଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଆଉଟସୋର୍ସିଂ କର୍ମଚାରୀମାନେ ଗତ ଜାନୁଆରୀରୁ ମେ ମାସ ଯାଏଁ ସେମାନଙ୍କ ସ୍ୱଳ୍ପ ପାରିଶ୍ରମିକ ପାଇନଥିବା ସଂଘର ଉପସଭାପତି ତଥା ଏସବିଆଇ ଆଉଟସୋର୍ସିଂ କର୍ମଚାରୀ ସଂଘର ଉପଦେଷ୍ଟା ରବି ରଥ ଲିଖିତ ଭାବେ ସିଜିଏମଙ୍କୁ ଜଣାଇଛନ୍ତି। ନିଯୁକ୍ତିଦାତାଙ୍କ ଦାୟିତ୍ୱହୀନତା ଯୋଗୁଁ କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସେ ଅଭିଯୋଗ କରିଛନ୍ତି। ଏଥିସହ କର୍ମଚାରୀଙ୍କ ଇପିଏଫ କଟା ଯାଉ ନାହିଁ। କର୍ମଚାରୀମାନେ ସକାଳ ୯ ରୁ ରାତି ୯ଟା ଯାଏଁ ୧୨ ଘଣ୍ଟା ପରିଶ୍ରମ କରୁଛନ୍ତି। ମାସକର ୬ ଦିନ ଛୁଟିରେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ପ୍ରାପ୍ୟ ମିଳୁନାହିଁ। ବାର୍ଷିକ ବୋନସ ମଧ୍ୟ ପାଉନାହାନ୍ତି। ଶ୍ରମ ଆଇନ ଅନୁସାରେ ସେମାନଙ୍କୁ ଅତିରିକ୍ତ ଭତ୍ତା ମିଳୁ ନାହଁ। ଏ ସମ୍ପର୍କରେ କେନ୍ଦ୍ରୀୟ ଶ୍ରମ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନା ମଧ୍ୟ ହୋଇଥିଲା। ଶ୍ରମ କମିଶନରଙ୍କ ଉପସ୍ଥିତିରେ ବ୍ୟାଙ୍କ କର୍ମଚାରୀ ଏବଂ ସଂଗଠନର କର୍ମକର୍ତ୍ତାମାନଙ୍କ ମିଳିତ ଉପସ୍ଥିତିରେ ଏହାର ସମାଧାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏ ଯାଏଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଉପସଭାପତି ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ କର୍ମଚାରୀଙ୍କ ପାରିଶ୍ରମିକ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଦୃଷ୍ଟି ଦେବେ ଦେବା ପାଇଁ ସେ ଦାବି କରିଛନ୍ତି।

# ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନରେ କ୍ୟାରିୟର କାଉନ୍‌ସେଲିଂ



କାଉନସେଲିଂରେ ଯୋଗଦେଇଥିବା ଅଭିଭାବକ ଓ ଛାତ୍ରୀଛାତ୍ର।

ବ୍ରହ୍ମପୁର,୨୫।୫(ଅଶୋକ କୁମାର ସାହୁ)

ବ୍ରହ୍ମପୁର ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠାନର ନିର୍ଦ୍ଦେଶକ ସୁଧୀର ରାଉତଙ୍କ ଅଧ୍ୟକ୍ଷତାରେ ୧୦ମ ପାସ ପିଲାଙ୍କ ପାଇଁ ଏକ କ୍ୟାରିୟର କାଉନସେଲିଂ ରବିବାର ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ମୁଖ୍ୟତଃ ଦୁଇଟି ବିଷୟ ଉପରେ ଆଲୋକପାତ କରାଯାଇଥିଲା। ପ୍ରଥମତଃ ପିଲାମାନେ ୧୦ମ ପାସ୍ ପରେ କେଉଁ ବିଷୟ ଓ କେଉଁ ପଦ୍ଧତିରେ ଅଧ୍ୟୟନ କରିବାକୁ ଚାହୁଁଛନ୍ତି ସେଥିନେଇ ଆଲୋଚନା ହୋଇଥିଲା। ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ମେଡିକାଲ ଓ ଇଂଜିନିୟରିଂ ପଢ଼ା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଅନୁଷ୍ଠାନ ବିଷୟରେ ଅବଗତ କରାଯାଇଥିଲା। ଏଥି ସହିତ ବିଭିନ୍ନ ପାଠ୍ୟକ୍ରମ ଯଥା ଆଇଜର, ନାଇଜର, ନର୍ସିଂରେ ସ୍ନାତକ, କୃଷି ବିଜ୍ଞାନ, ପ୍ରାଣୀ ଧନ ବିଜ୍ଞାନ, ଏକୀଭୂତ ଆଇନ ସ୍ନାତକ, ଚାର୍ଟାର୍ଡ ଆକାଉଣ୍ଟେନ୍ସି, ଜାତୀୟ ପ୍ରତିରକ୍ଷା ସଂସ୍ଥାନ(ଏନଡିଏ) ପ୍ରଶାସନିକ ସେବା ପ୍ରସ୍ତୁତି ଇତ୍ୟାଦି ବିଭିନ୍ନ ବିଷୟରେ ଅବଗତ କରାଯାଇଥିଲା। ଏଥିପାଇଁ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ମଧ୍ୟ ଅଭିଭାବକଙ୍କ ପ୍ରଶ୍ନର ଉତ୍ତରରେ ଜଣାଯାଇଥିଲା। ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଥିଲା ଯେ ଏହି ବର୍ଷର ନିଟ୍ ପ୍ରବେଶିକାରେ ପ୍ରଶ୍ନ ପତ୍ର କଠିନ ଥିବାରୁ ପିଲା ଆଶଙ୍କା ଭିତରେ ରହିଛନ୍ତି। ପ୍ରବେଶିକା ପରିକ୍ଷାରେ ଆପେକ୍ଷିକ ମାର୍କ ହିଁ ଧରାଯାଏ ଓ ତାକୁ ନେଇ ର୍‍ୟାଙ୍କ ଦିଆଯାଏ। ପରୀକ୍ଷା ସହଜ ହେଲେ ସମସ୍ତଙ୍କ ପାଇଁ ସହଜ ହୁଏ ଓ କଟ ଅଫ ମାର୍କ ଅଧିକ ରହେ। କଷ୍ଟ ହେଲେ ସଭିଙ୍କ ପାଇଁ କଷ୍ଟ ହୁଏ ଓ କଟ ଅଫ ମାର୍କ କମେ। କୋଭିଡ ପରଠାରୁ ଅଧିକ ୨୦ ମିନିଟ ସମୟ ଓ ଅଧିକ ୨୦ଟି ବିକଳ୍ପ ଅଧିକ ପ୍ରଶ୍ନ ସହ ଅତି ସହଜ ପ୍ରଶ୍ନ ପଡ଼ି ଆସିଥିବା ଯୋଗୁଁ ଅଧିକ ମାର୍କ ରଖିବା ସହଜ ହୋଇ ଯାଇଥିଲା ଓ କଟ ଅଫ ବେଶୀ ବଢ଼ିଯାଇଥିଲା। ଏହି ବର୍ଷ କଟ ଅଫ ମାର୍କ ଓଡ଼ିଶାରେ ୫୦୦ ତଳକୁ ମଧ୍ୟ ଯିବାର ସମ୍ଭାବନା ସୃଷ୍ଟି କରିଛି। ତେଣୁ ପିଲାମାନେ ଆତଙ୍କିତ ହେବା ଆବଶ୍ୟକ ନାହିଁ ବୋଲି ମତ ଦିଆଯିବା ସହ ଅନ୍ୟାନ୍ୟ ବିଷୟରେ ଅନୁଷ୍ଠାନର ନିର୍ଦ୍ଦେଶକ ଓ ଅଭିଜ୍ଞ ଶିକ୍ଷକମାନେ ଉତ୍ତର ରଖିଥିଲେ।

## ମାସାନ୍ତ ସୃଜନ ସାହିତ୍ୟ ଆସର

ଫୁଲବାଣୀ,୨୫।୫ (ରାକେଶ କୁମାର ରାଉତ)

ସାହିତ୍ୟ ଅନୁଷ୍ଠାନ ଜିଲା ଲେଖକ ସାମ୍ମୁଖ୍ୟର ମାସାନ୍ତ ରବି ବାସରୀୟ ସୃଜନ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସଭାପତି ରବୀନ୍ଦ୍ରନାଥ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପସ୍ଥିତ ସାହିତ୍ୟିକମାନେ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଯୁବପିଢ଼ିଙ୍କୁ ଅଧିକରୁ ଅଧିକ ସୁଯୋଗ ତଥା ପ୍ରୋତ୍ସାହିତ କରିବା ପାଇଁ ବକ୍ତାମାନେ ମତ ରଖିଥିଲେ। ଯୁବ କବୟିତ୍ରୀ ଶ୍ୱେତାଲିନ ବେହେରାଙ୍କ ସଂଯୋଜନାରେ କବି ନବ କିଶୋର ରଥ, ବନବିହାରୀ ନନ୍ଦ, ଦୁର୍ଯ୍ୟୋଧନ ପ୍ରଧାନ, କୈଳାସ ଚନ୍ଦ୍ର ଧଳ, ରବିନ୍ଦ୍ରନାଥ ମିଶ୍ର, ଅସିତ ନନ୍ଦ, ଡ. ପୁର୍ନେନ୍ଦୁ ତ୍ରିପାଠୀ, ନିରୁପମା ମଣ୍ଡଳ ପ୍ରମୁଖ କବିତା ପାଠ କରିଥିଲେ। ଡ. ଚିତ୍ତରଞ୍ଜନ ମିଶ୍ର କବିତା ସମୀକ୍ଷା କରିଥିଲେ। କୋଷାଧ୍ୟକ୍ଷ କୁନ୍ଦନ ସିଂ, ଉପସଭାପତି ବିଜୟ କୁମାର ମହାନ୍ତି, ସଂଗଠନ ସମ୍ପାଦକ କୈଳାସ ଚନ୍ଦ୍ର ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନଳିହାଡ଼ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ



ପ୍ରଧାନମନ୍ତ୍ରୀଙ୍କ ମନ୍‌କୀବାତ କାର୍ଯ୍ୟକ୍ରମ ଲୋକେ ଦେଖୁଛନ୍ତି।

ବ୍ରହ୍ମପୁର, ୨୫।୫ (ସୁବାସ ଚନ୍ଦ୍ର ପାଢ଼ୀ)

ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ରୋହିଗାଁ ପଞ୍ଚାୟତର ନଳିହାଡ ଗ୍ରାମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କୀ ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ଆଭାସି ମାଧ୍ୟମରେ ଯୋଡି ହୋଇ ତାଙ୍କ ମନର କଥା କହିଥିଲେ। ସେ କହିଲେ ଯେ, ଭାରତ କ୍ରୀଡା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ଅଭୂତପୂର୍ବ ସଫଳତା ହାସଲ କରିବାକୁ ଯାଉଛି। ହର୍ଷବର୍ଦ୍ଧନ ସାହୁ ନାମକ ଓଡ଼ିଶାର ଜଣେ ୯ମ ଶ୍ରେଣୀ ଛାତ୍ର ଖେଲୋ ଇଣ୍ଡିଆରେ ରେକର୍ଡ କରିଛନ୍ତି। ଏହା ଦେଶ ପାଇଁ ଗୌରବର ବିଷୟ। ଉକ୍ତ କାର୍ଯ୍ୟକ୍ରମ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନା ଓ ବିଜେପି ସକ୍ରିୟ କର୍ମୀ ସନାତନ ସଂଗ୍ରାମ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ପ୍ରକାରେ ପ୍ରତି ମାସ ଶେଷ ରବିବାରରେ ମନ କୀ ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ରବିବାର ନଳିହାଡ ଗ୍ରାମ କୋଠଘରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନିଜ ମନର କଥା କର୍ମୀମାନଙ୍କୁ ଶୁଣାଇଥିଲେ। ବିଜେପି ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ପ୍ରଧାନମନ୍ତ୍ରୀ ମୋଦି ଜୋର୍ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଲଳିତ ମୋହନ ବିଷୋୟୀ, ୭୬ ନମ୍ବର ବୁଥ୍ ସଭାପତି ଲିଲି ସଂଗ୍ରାମ ସିଂ, ଯୁବ ନେତା ଫକୀର ଚରଣ ବେହେରା, ସୀମାଞ୍ଚଳ ଦାସ, ପବିତ୍ର ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ଉଦୟ ଲେଙ୍କା, ସବିତା ବିଷୋୟୀ, ଜୟ ବିଷୋୟୀଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ବିକ୍ଷିପ୍ତା ସାହିତ୍ୟାନୁଷ୍ଠାନର ସମ୍ବର୍ଦ୍ଧନା ଉତ୍ସବ

ବ୍ରହ୍ମପୁର,୨୫।୫(ସ୍ମୃତି ରଞ୍ଜନ ମହାଲିକ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବିକ୍ଷିପ୍ତା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଆବାହନୀ ସଂଗୀତ ଲୋକାର୍ପଣ ଓ ସମ୍ବର୍ଦ୍ଧନା ଉତ୍ସବ ରବିବାର ଶଶୀ ଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଶ୍ୟାମା ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନ ଓ ସୁପ୍ରଜିତ ସାହୁଙ୍କ ଉଦଘୋଷଣାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଆବାହନୀ ସଂଗୀତ ବିକ୍ଷିପ୍ତା ଆମର ଗର୍ବ ବିକ୍ଷିପ୍ତା ଆମରି ସ୍ୱାଭିମାନ ଲୋକାର୍ପିତ ହୋଇଥିଲା। ଉଦଘାଟକ ଭାବେ ସୁରେଶ ଚନ୍ଦ୍ର ରଥ, ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଡ ଭଗବାନ ସାହୁ, ମୁଖ୍ୟବକ୍ତା ଭାବେ କୃତ୍ତିବାସ ବିଶ୍ୱାଳ ଓ ସମ୍ମାନନୀୟ ଅତିଥି ଭାବେ ଡ. ମନୋରମା ଦାଶ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ସଭାପତି ଗୌରୀପତି ଦାଶ ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ଇଂ ଯାମିନୀକାନ୍ତ ଦାଶ ସ୍ୱତନ୍ତ୍ର ଅତିଥି, ସମ୍ମାନନୀୟ ଅତିଥି ରୂପେ ବରିଷ୍ଠ କବି ସୁଶାନ୍ତ ଦାଶ, ମିହିର ରଞ୍ଜନ ତ୍ରିପାଠୀ, ନୀଳକଣ୍ଠ ସାହୁ, ଡ. ସଞ୍ଜୟ କୁମାର ପଣ୍ଡା, ଇଂ. ଭରତ ଚରଣ ବେହେରା ଓ ଇଂ. ଆଶୁତୋଷ ପାତ୍ର ଯୋଗଦେଇଥିଲେ। କବିତା ପାଠୋତ୍ସବରେ ଇଂ. ପ୍ରସନ୍ନ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ରୂପେ ସାହିତ୍ୟିକ ଡ ଲକ୍ଷ୍ମୀ ନାରାୟଣ ଦାଶ, ପ୍ରଫୁଲ୍ଲ କୁମାର ତ୍ରିପାଠୀ,ଅମୂଲ୍ୟ କୁମାର ଦାଶ, ବିଜୟ ମିଶ୍ର ଓ ସାହିତ୍ୟିକା ବନ୍ଦନା ପଣ୍ଡା ଯୋଗ ଦେଇଥିଲେ। ଯୁବକବି ସୁପ୍ରଜିତ ସାହୁ, ପ୍ରଭାତୀ ମଞ୍ଜରୀ ବେହେରା, ବୈଷ୍ଣବ ଚରଣ ଦାଶ, ସୁଚେତା ପାଣିଗ୍ରାହୀ, ପଦ୍ମିନୀ ମିଶ୍ର, ନିହାରିକା ସାହୁ ଓ ସୌଦାମିନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବହୁ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂଗୀତ ନିର୍ଦ୍ଦେଶକ ଋତୁରାଜ ବସନ୍ତଙ୍କ ସଂଗୀତ ନିର୍ଦ୍ଦେଶନାରେ ବିକ୍ଷିପ୍ତା ଅନୁଷ୍ଠାନର ଆବାହନୀ ସଂଗୀତକୁ ଅତିଥିମାନେ ପ୍ରଶଂସା କରିଥିଲେ।

## ଜନ ଆନ୍ଦୋଳନ କରିବ ସିପିଆଇ

ବ୍ରହ୍ମପୁର,୨୫।୫(ସ୍ମୃତି ରଞ୍ଜନ ମହାଲିକ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଆଞ୍ଚଳିକ ସମ୍ମିଳନୀ ରବିବାର ପାର୍କ ସାହି ସ୍ଥିତ ପାର୍ଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବରିଷ୍ଠ କମ୍ୟୁନିଷ୍ଟ ନେତା ମହମ୍ମଦ ଉସ୍ମମାନ ଲାଲ ପତାକା ଉତ୍ତୋଳନ କରିଥିଲେ। କାଳୀକିଙ୍କର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀକୁ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଉଦଘାଟନ କରିଥିଲେ। ସଂଗଠନକୁ ସୁଦୃଢ କରି କମ୍ୟୁନିଷ୍ଟ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ସଂପାଦକ ଆହ୍ୱାନ ଦେଇଥିଲେ। ସହ ସମ୍ପାଦକ ପ୍ରଦୀପ ସେଠି ପାର୍ଟିର ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଆଞ୍ଚଳିକ କମିଟିର ସମ୍ପାଦକ କାମଦେବ ନାହାକ ରାଜନୈତିକ ଓ ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ। ବିଘ୍ନେଶ ସାହୁ, ପ୍ରଫୁଲ୍ଲ ଜେନା, ପ୍ରତିମା ଦେବୀ ଗାଗାରିନି ନାୟକ, ଶରତ ପାତ୍ର, ରୋହିତ ବିଷୋୟୀ, ରବୀନ୍ଦ୍ର ନାୟକ, ସନ୍ତୋଷ ନୟାଜ, ମହେନ୍ଦ୍ର ପାତ୍ର, ପ୍ରଭାତ ବେହେରା, ପ୍ରତିମା ବିଷୋୟୀ ଓ ପ୍ରଭାତୀ ଦେବୀ ଆଲୋଚନାରେ ଅଂଶ ଗହଣ କରିଥିଲେ। ଆମ୍ବପୁଆ ଓ ନରେନ୍ଦ୍ରପୁର ରେଳ ଓଭରବ୍ରିଜ ନିର୍ମାଣ, ସହରର ରାସ୍ତା ଘାଟ ଓ ପରିମଳ ବ୍ୟବସ୍ଥାର ଉନ୍ନତି କରଣ, ସହର ତଳି ଗ୍ରାମାଞ୍ଚଳର ଜନ ସମସ୍ୟାକୁ ନେଇ ବ୍ରହ୍ମପୁର ମହାନଗର ନିଗମ କୁକୁଡାଖଣ୍ଡି ଓ ରଙ୍ଗଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜନ ଆନ୍ଦୋଳନ ପାଇଁ ସମ୍ମିଳନୀରେ ନିଷ୍ପତ୍ତି ହୋଇଥିଲା। ଆଗାମୀ ଦିନ ପାଇଁ ୧୫ ଜଣିଆ ଆଞ୍ଚଳିକ ପରିଷଦ ସମ୍ପାଦକ ଭାବେ କାମଦେବ ନାହାକ, ସହ ସମ୍ପାଦକ ରୂପେ ପ୍ରଫୁଲ୍ଲ ଜେନା ଓ ପ୍ରତିମା ଦେବୀ ନିର୍ବାଚିତ ହୋଇଥିଲେ।

## ପୂଜ୍ୟପୂଜା ସମିତି ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ତିରୋଧାନ ଦିବସ ପାଳିତ



ସଭାରେ ଉପସ୍ଥିତ ସଂଘ ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୨୫।୫(ସ୍ମୃତି ରଞ୍ଜନ ମହାଲିକ)

ପୂଜ୍ୟ ପୂଜା ସମିତି ପକ୍ଷରୁ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଆଜି ୫୧ତମ ତିରୋଧାନ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତି ସଭା ବିଜିପୁର କମ୍ୟୁନିଟି ହଲଠାରେ ଅନୁଷ୍ଠିତ ହୋଇଥିଲା। ସଭାରେ ସମିତି ସମ୍ପାଦକ ଏସ. ଶାମ୍ବାଶିବା ରାଓ ଅଧ୍ୟକ୍ଷତା କରିଥିଲେ। ମହାରାଜା ଥିଲେ ତ୍ୟାଗୀ ଓ ପ୍ରଜାପ୍ରିୟ ଶାସକ। ତାଙ୍କର ଅଦମ୍ୟ ସାଙ୍ଗଠନିକ ନିଷ୍ଠା, ଅକ୍ଳାନ୍ତ ଶ୍ରମ ଫଳରେ ଓଡ଼ିଶା ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ରୂପେ ମାନ୍ୟତା ପାଇଥିଲା ବୋଲି ଉପସ୍ଥିତ ବକ୍ତା କହିଥିଲେ। ସଭାପତି ଆର. ସତ୍ୟ ନାରାୟଣ ରାଓ,ବିଜୟ ଚନ୍ଦ୍ର ବିଶୋଇ, ସମାଜିକ କର୍ମୀ ସୁରେନ୍ଦ୍ର ନାଥ ପଣ୍ଡା,ଅଶୋକ ଦଳାଇ, ଏମ.ଏସ ମଲ୍ଲିକ, ମହମ୍ମଦ ଆସଲାମ ଓ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଇବନ୍ଧ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ସୋରଡ଼ା,୨୫।୫(ରଜନୀ ମହାପାତ୍ର)



ଏକାଠି ହୋଇଥିବା ୱାର୍ଡ ସଦସ୍ୟାସଦସ୍ୟ।

ସୋରଡ଼ା ବ୍ଲକ ରାଇବନ୍ଧ ସରପଞ୍ଚଙ୍କ ବିରୋଧରେ ପଞ୍ଚାୟତର ୧୧ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୮ ଜଣ ଅନାସ୍ଥା ଆଣିଛନ୍ତି। ଏ ସମ୍ପର୍କରେ ସେମାନେ ଭଞ୍ଜନଗର ଉପଜିଲାପାଳ ଓ ସୋରଡ଼ା ବିଡ଼ିଓଙ୍କୁ ଅଭିଯୋଗ କରିଛନ୍ତି। ରାଇବନ୍ଧ ପଞ୍ଚାୟତ ରାଇବନ୍ଧ, ସୁରାଖାଦେଇପୁର, ସିଙ୍ଗିପୁର, ପାତ୍ରପୁର, ପାଟପୁର, ଚାଉଳଖାଇ, ସରନଉତି, ଅରଖଡିହ, ଗମ୍ଭାରୀଝୋଲିକୁ ନେଇ ଗଠିତ। ପଞ୍ଚାୟତରେ ମୋଟ ୧୧ଟି ୱାର୍ଡ। ୨୦୨୨ରେ ଏଠାରେ ବିଜେଡି ସମର୍ଥିତ ସୋମି ମଲ୍ଲିକ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ତେବେ ୱାର୍ଡ ମେମ୍ବରମାନଙ୍କ ଅଭିଯୋଗ ଯେ, ସରପଞ୍ଚ କୌଣସି ଉନ୍ନତୀମୂଳକ କାମ କରୁନାହାନ୍ତି। ସରକାରୀ ଯୋଜନା ପଞ୍ଚାୟତରେ ଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନି। ଉନ୍ନତୀମୂଳକ କାର୍ଯ୍ୟକ୍ରମ ପାଇଁ ୬୫ ଲକ୍ଷ ଟଙ୍କା ଥିଲେ ମଧ୍ୟ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନି। ଏ ସମ୍ପର୍କରେ ସରପଞ୍ଚଙ୍କୁ ଅନେକ ଥର ଅଭିଯୋଗ କରିଲେ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି। ଏପରିକି ଭତ୍ତା ବଣ୍ଟନ ବେଳେ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ହେଉନାହାନ୍ତି। ତେଣୁ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି ବୋଲି ୱାର୍ଡ ମେମ୍ବରମାନେ ଅଭିଯୋଗ କରିଛନ୍ତି। ଅନାସ୍ଥା ଅଭିଯୋଗ ପରେ ଭଞ୍ଜନଗର ଉପଜିଲାପାଳ ଉମା ଶଙ୍କର ବେହେରା ଏ ସମ୍ପର୍କରେ ପଦକ୍ଷେପ ନିଆଯିବ ଏବଂ ଆଇନ ଅନୁସାରେ କାର୍ଯ୍ୟ କରାଯିବ ବୋଲି କହିଛନ୍ତି। ଏପଟେ ସୋରଡ଼ା ବିଡ଼ିଓ ତନ୍ମୟ ପାତ୍ର ଲିଖିତ ଅନାସ୍ଥା ଅଭିଯୋଗ ରଖିବା ସହ ଉପରସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ତଦନ୍ତ କରାଯିବ ବୋଲି କହିଛନ୍ତି। ୱାର୍ଡ ମେମ୍ବର ଦିଲୀପ ପ୍ରଧାନ, କୃଷ୍ଣ ଚନ୍ଦ୍ର ନାୟକ, ମିନତି କୁମାରୀ ସ୍ୱାଇଁ, ରବୀନ୍ଦ୍ର ଗୌଡ଼, ତାରିଣୀ ନାୟକ ଓ ସୁନିତା ନାୟକ ପ୍ରମୁଖ ପୂର୍ବତନ ମଣ୍ଡଳ ସଭାପତି ବୁଲୁ ସ୍ୱାଇଁଙ୍କ ନେତୃତ୍ୱରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣିଛନ୍ତି।

**ସଂକ୍ଷେପରେ**

## ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମି କମ୍ପାନୀକୁ ଦେବା ଷଡ଼ଯନ୍ତ୍ର ବନ୍ଦ ଦାବି

**ବ୍ରହ୍ମପୁର,୨୫।୫(ସ୍ମୃତି ରଞ୍ଜନ ମହାଲିକ)**

ଅନୁସୂଚିତ ଜାତି,ଜନଜାତିଙ୍କ ଜମି କମ୍ପାନୀକୁ ଦେବା ଷଡଯନ୍ତ୍ର ବନ୍ଦ କରିବା ପାଇଁ ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା ଦାବି କରିଛନ୍ତି। ସେ କହିଛନ୍ତି ଯେ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ନିଜ ସନ୍ତାନଙ୍କ ବିବାହ, ସ୍ୱାସ୍ଥ୍ୟ ଚିକିତ୍ସା ଓ ପିଲାଙ୍କ ଉଚ୍ଚ ଶିକ୍ଷା ଜରୁରୀ ଆବଶ୍ୟକତା କରିଥାନ୍ତି। କିନ୍ତୁ ସରକାରଙ୍କୁ ସେମାନେ ଜମି ବିକ୍ରି କରିବେ ଓ ୨ରୁ ୩ ବର୍ଷ ମଧ୍ୟରେ ସରକାରଙ୍କ ଠାରୁ ସେହି ଜମି ମୁକୁଳାଇପାରିବେ ବୋଲି ସରକାର ଘୋଷଣା କରିଛନ୍ତି। ଯଦି ସମୟ ଅନୁସାରେ ସେହି ଲୋକ ନିଜ ଜମିକୁ ମୁକୁଳାଇବେ ନାହିଁ, ତେବେ ନିଲାମ ମାଧ୍ୟମରେ ସେହି ବର୍ଗର ଲୋକଙ୍କୁ ବିକ୍ରି କରିଦିଆଯିବ। ଏହି ଯୋଜନା ଦ୍ୱାରା ଆର୍ଥିକ ସ୍ୱଚ୍ଛଳ ନ ଥିବା ନିରୀହ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଟି ସବୁଦିନ ପାଇଁ ତାଙ୍କ ନିଜ ଜମିରୁ ବେଦଖଲ ହେବ। କମ୍ପାନୀ ମାଲିକଙ୍କୁ ତଥା ଜମି ମାଫିଆଙ୍କୁ ସରକାର ଏହି ନୂତନ ଯୋଜନା ମାଧ୍ୟମରେ ଜମି ଗୁଡିକ ହସ୍ତାନ୍ତର କରିବେ । ବର୍ତ୍ତମାନର ଦରଦାମ ବୃଦ୍ଧିର ସଙ୍କଟ ବେଳେ ନିରୀହ ଲୋକଟିର ଜରୁରୀ ଆବଶ୍ୟକତା ମେଣ୍ଟାଇବାପାଇଁ ନିଜର ଜମି ବିକ୍ରି କରିସାରିବା ପରେ ୨ ବର୍ଷରେ ସେ ପୁଣି ନିଜ ଜମି ସରକାରଙ୍କ ଠାରୁ ମୁକୁଳାଇବା ଆଦୌ ସମ୍ଭବପର ନୁହଁ ବୋଲି ମଞ୍ଚର ଆବାହକ ଅଭିଯୋଗ କରିଛନ୍ତି।

## ବିଜେଡିର ଅଭିଯୋଗ ପରେ ଭାଜପାର ପାଲଟା ଅଭିଯୋଗ

**ପାତ୍ରପୁର,୨୫।୫(ଉମା ଚରଣ ନେପାକ)**

ପାତ୍ରପୁର ପଞ୍ଚାୟତ ସମିତି ବୈଠକରେ ଭାଜପା ବିଜେଡ଼ି ସମର୍ଥିତ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ହଟ୍ଟଗୋଳ ପରେ ବିଜେଡି ସମର୍ଥିତ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ। ବିଜେଡିର ସମସ୍ତ ପ୍ରତିନିଧି ସମ୍ମିଳନୀ କକ୍ଷରୁ ବାହାରି ଆସିବା ପରେ ବ୍ଲକ ପରିସରରେ କେଶରୀପଡ଼ା ପଞ୍ଚାୟତର ବିଜେଡ଼ି ସମିତିସଭ୍ୟାଙ୍କୁ ଜଣେ ଯୁବକ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଭାଜପା ଶନିବାର ରାତିରେ ବିଜେଡି ବିରୋଧରେ ପାଲଟା ଅଭିଯୋଗ କରି ଏତଲା ଦେଇଛି। ବ୍ଲକ ପରିସରରେ ଆଙ୍କୁଲି ପଞ୍ଚାୟତର ଭାଜପା ଆଦିବାସୀ ନେତ୍ରୀ ଲଳିତା ପ୍ରଧାନଙ୍କୁ ବାଦପୁର ସରପଞ୍ଚ ଶଶାଙ୍କ ପାଣିଗ୍ରାହୀ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରି ଧମକଚମକ ଦେଇଥିବା ଥାନାରେ ଭାଜପା ଅଭିଯୋଗ କରିଛି। ଉଭୟ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଥିବା ଜରଡା ଥାନା ଅଧିକାରୀ ଟୁନା ଶାସମଲ କହିଛନ୍ତି।

# ସରୁନି ଡିଭାଇଡର ନିର୍ମାଣ, ରାସ୍ତାରୁ ହଟୁନି ଟ୍ରାନ୍ସଫର୍ମର



ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର



ଅଧପନ୍ତରିଆ ହୋଇ ରହିଥିବା ଡିଭାଇଡର

**ବୁଗୁଡ଼ା,୨୫।୫(କାଳିଚରଣ ଦାଶ)**

ବୁଗୁଡ଼ା ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ରାସ୍ତାରେ ହୋଇଥିବା ଡିଭାଇଡର ବ୍ୟବସ୍ଥାର କାର୍ଯ୍ୟ ବର୍ଷ ବର୍ଷ ଧରି ଅଧପନ୍ତରିଆ ଭାବେ ପଡି ରହିଥିବାରୁ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଏନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି।

୨୦୧୪-୧୫ ଆର୍ଥିକ ବର୍ଷରେ ବୁଗୁଡ଼ା ସହର ଦେଇ ଯାଇଥିବା ୩୩ ନଂ. ରାଜ୍ୟ ରାଜପଥରେ ଡିଭାଇଡର ବ୍ୟବସ୍ଥା ହୋଇଥିଲା। ସେତେବେଳେ କେବଳ ମଦନ ମୋହନ ଛକଠାରୁ ବେତାର ସିଂ ଛକ ପର୍ଯ୍ୟନ୍ତ ଡିଭାଇଡର ନିର୍ମାଣ ହୋଇଥିଲା। ମଦନ ମୋହନ ଛକଠାରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ବ୍ୟବସ୍ଥା ପାଇଁ ପ୍ରସ୍ତାବ ଥିଲେ ହେଁ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହୋଇ ଶୀତଳ ଭଣ୍ଡାରରେ ପଡି ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ବଜାର ମଝିରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବଂ ରାସ୍ତାର ସଂକୀର୍ଣ୍ଣତା ଯୋଗୁ ଡିଭାଇଡର ନିର୍ମାଣ ହୋଇପାରୁ ନ ଥିବା କହୁଛନ୍ତି। ଏ ନେଇ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉଦାସୀନତା ଏବଂ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଷଡଯନ୍ତ୍ର ଦାୟୀ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ମୁଖ୍ୟ ସଡକ ପ୍ରଶସ୍ତିକରଣରେ ବାଧକ ସାଜିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉଚ୍ଛେଦ ସହ ଉପଯୁକ୍ତ ମାପ ଚୁପ କରି ଅସମ୍ପୂର୍ଣ୍ଣ ଡିଭାଇଡର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଦିଗରେ ମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଜନସାଧାରଣ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା




ପୋଲସରା ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

**ପୋଲସରା/ବୁଗୁଡ଼ା,୨୫।୫ (ସୁବ୍ରତ ବେହେରା/କାଳିଚରଣ ଦାଶ)**

ପାକିସ୍ତାନ ବିରୋଧରେ ଭାରତୀୟ ସେନାର ପରାକ୍ରମକୁ ପ୍ରଶଂସା ସହ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା ଚାଲିଛି। ରବିବାର ପୋଲସରା ସହରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବ ନେତା ଜଗନ୍ନାଥ ବାଢେଇଙ୍କ ସମେତ ବହୁ ଜନସାଧାରଣ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୋଲସରା ବ୍ଲକଠାରୁ ବାହାରି ଥିବା ଶୋଭାଯାତ୍ରା ସହର ପରିକ୍ରମା କରି ଏନ୍‌ଏସି କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲା। ସେଠାରେ ଏକ ସଭାରେ ଭାରତୀୟ ସେନାର ସମ୍ମାନାର୍ଥେ ଓ ଭାରତୀୟ ସେନାର ମନୋବଳ ବଢାଇବା ସହିତ ଅପରେସନ ସିନ୍ଦୂରରେ ଭାରତୀୟ ସେନା ମାନଙ୍କର ପରାକ୍ରମ ସମ୍ପର୍କରେ ମନ୍ତ୍ରୀ ଓ ଏମ୍‌ପି ଉଦବୋଧନ ଦେଇଥିଲେ। ଶୋଭାଯାତ୍ରାରେ ମଣ୍ଡଳ ସଭାପତି ରଘୁନାଥ ପଣ୍ଡା, ଦିପକ ପୋଲାଇ, ମହେଶ୍ୱର ପରିଡ଼ା, ସରପଞ୍ଚ ଭଗବାନ ସାହୁ, ମନୋରଞ୍ଜନ ଗୌଡ଼, ବସନ୍ତ କରଣ,ପ୍ରଶାନ୍ତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଖଟୁଆ, ଗୀତାଞ୍ଜଳି ନାୟକ,ପ୍ରତିମା ସାହୁ, କୃଷ୍ଣ ଚନ୍ଦ୍ର ଜେନା, ବସନ୍ତ ଜେନା, ଅଙ୍ଗନୱାଡ଼ି,ଆଶା,ସିଆର୍‌ପି, ଏମ ବି କେ, ଏନସି ସି ଓ ପୋଲସରା ଆଞ୍ଚଳିକ ମହିଳା କଲେଜ ଛାତ୍ରୀମାନେ ସାମିଲ ହୋଇଥିଲେ। ପୋଲସରା ଥାନାଧିକାରୀ କୌଶିକ ମାଝୀ ସୁରକ୍ଷା କଡ଼ାକଡ଼ି କରିଥିଲେ।

ସେହିପରି ବୁଗୁଡା ବ୍ଲକ କରଚୁଲି ପଞ୍ଚାୟତ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଯାଇଛି। କରଚୁଲିରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ କରଚୁଲି ମଣ୍ଡଳ ଭାଜପାର ପ୍ରଭାରୀ ଦିଲୀପ କୁମାର ପ୍ରଧାନ, ସମିତି ସଭ୍ୟ ଶ୍ରୀହର୍ଷ ପ୍ରଧାନ, ପୂର୍ବତନ ସରପଞ୍ଚ ଧୋବା ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଯୁବକ ଜାତୀୟ ପତାକା ଧରି ବାଇକରେ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲିଥିଲେ। ଏଥିରେ ଭାଜପାର କର୍ମୀ ଓ କର୍ମକର୍ତ୍ତାଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଡାକୁଆ ଓ ପଞ୍ଚାୟତ ବାସୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ତିନି ସୈନ୍ୟ ବାହିନୀର ବୀରତ୍ୱ ସଂପର୍କିତ ଏକ ସଭା ହୋଇଥିଲା। ସେହିପରି ବି କରଡାବାଡିରେ ମଧ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଥିଲା।

## ସେନା କର୍ମଚାରୀଙ୍କୁ ଆକ୍ରମଣ, ୨ ଭାଇ ଗିରଫ

**ଗୋପାଳପୁର,୨୫।୫ (ନବୀନ ରାଜ ଆଚାରୀ**

ଗୋପାଳପୁର ଥାନା ଅଞ୍ଚଳରେ ଜଣେ ସେନା କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ରବିବାର ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାନକୁଶସ୍ଥଳି ଗ୍ରାମର ସରୋଜ ମହାରଣା (୪୦) ଓ ତାଙ୍କ ଭାଇ ସନ୍ତୋଷ ମହାରଣା (୩୨)। ଅଭିଯୁକ୍ତଙ୍କ ଠାରୁ ୨ଟି ଲାଠି ଜବତ ହୋଇଛି। ସାନକୁସ୍ଥଳି ଗ୍ରାମର ରାମକାନ୍ତ ସାହୁ ସେନା ବାହିନୀରେ କାର୍ଯ୍ୟ କରନ୍ତି। ଗତ କିଛି ଦିନ ହେଲା ଛୁଟିରେ ଗ୍ରାମକୁ ଆସିଥିଲେ। ସେହି ଗ୍ରାମର ସରୋଜ ତାଙ୍କ ସ୍କୁଟିକୁ ରମାକାନ୍ତଙ୍କ ଘର ଆଗରେ ପାର୍କିଙ୍ଗ କରୁଥିଲେ। ଏଠାରେ ପାର୍କିଙ୍ଗ ନ କରିବା ପାଇଁ ସେ ସରୋଜଙ୍କୁ କହିଥିଲେ। ଶନିବାର ପୁଣି ସ୍କୁଟି ରଖିବାକୁ ନେଇ ସରୋଜ ଓ ରମାକାନ୍ତଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସରୋଜ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାପରେ ସାନ ଭାଇ ସରୋଜ ଓ ତାଙ୍କ ଭାଇ ସନ୍ତୋଷ ମିଶି ଲାଠିରେ ରମାକାନ୍ତଙ୍କୁ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲେ। ସାଙ୍ଗ ସଞ୍ଜୟ ଡାକୁଆ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତି କରିଥିଲେ। ରବିବାର ରମାକାନ୍ତ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୫୯/୨୫ ପ୍ରକାରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା।

# କୋଏମ୍ବାଟୁରରୁ ୨ ବର୍ଷ ପରେ ଅପହୃତା ନାବାଳିକା ଉଦ୍ଧାର

**ଦିଗପହଣ୍ଡି,୨୫।୫(ଅଶେଷ ନାଥ ମିଶ୍ର)**

**ଅଭିଯୁକ୍ତ ଜେଲ ଗଲେ**



ଗିରଫ ଅଭିଯୁକ୍ତ।

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅଧୀନ ଏକ ଗାଁରୁ ଅପହୃତ ହୋଇଥିବା ନାବାଳିକାଙ୍କୁ ୨ ବର୍ଷ ପରେ ପାଟପୁର ପୋଲିସ ତାମିଲନାଡୁର କୋଏମ୍ବାଟୁରରୁ ଉଦ୍ଧାର କରିଛି। ତାଙ୍କୁ ଅପହରଣ କରିଥିବା ଅଭିଯୁକ୍ତ ଜଗଦୀଶ ବୁଇଆଙ୍କୁ ପୋଲିସ ଗିରଫ କରି ପକ୍ସୋ କୋର୍ଟକୁ ଚାଲାଣ କରିଛି। ତାଙ୍କ ଘର ଯାଜପୁର ଜିଲା ସୁକିନ୍ଦା ଥାନା ପୁମ୍ପୁଡ଼ିଆ ଗ୍ରାମରେ। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଶୁଭଲକ୍ଷ୍ମୀ କଅଁର ଗିରଫ କରିଥିଲେ। ନଂ.୧୧୪/୨୩ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଜଗଦୀଶଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି। ମାମଲାର ବିବରଣୀରୁ ପ୍ରକାଶ, ନାବାଳିକା ଜଣକ ପରିବାର ସହ କୋଏମ୍ବାଟୁରରେ ରହୁଥିଲେ। ତାଙ୍କ ବାପା ସେଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ଜଗଦୀଶ ତାଙ୍କ ସହ ବନ୍ଧୁତା କରିଥିଲେ। କିଛିଦିନ ପରେ ନାବାଳିକା ଜଣକ ପରିବାର ସହ ଗାଁକୁ ଫେରିଥିଲେ। ଅଭିଯୁକ୍ତ ଜଣକ ପୀଡ଼ିତାଙ୍କ ଗାଁକୁ ଆସି ଗତ ୨୦୨୩ ମାର୍ଚ୍ଚ ୨ରେ କୌଶଳକ୍ରମେ ପୀଡ଼ିତାଙ୍କୁ ଅପହରଣ କରି ନେଇଥିଲେ। ଏନେଇ ପୀଡ଼ିତାଙ୍କ ବାପା ପାଟପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଜଣକ ବାରମ୍ବାର ଠିକଣା ବଦଳାଉଥିବାରୁ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବାରେ ସମର୍ଥ ହୋଇ ନ ଥିଲା। ପରେ ଜଗଦୀଶଙ୍କ ମୋବାଇଲ ଫୋନ ଟ୍ରାକିଂ କରିବାରୁ ସେ କୋଏମ୍ବାଟୁରରେ ଥିବା ଜଣାପଡିଥିଲା। ଆଇଆଇସି ଦୀପ୍ତି ରଞ୍ଜନ ବେହେରାଙ୍କ ନିର୍ଦ୍ଦେଶରେ ପୋଡ଼ାମାରି ଫାଣ୍ଡି ଅଧିକାରୀ ପରମେଶ୍ୱର ମଲ୍ଲିକ, କନଷ୍ଟେବଲ ସ୍ୱପ୍ନା ସେଠୀ, ହୋମଗାର୍ଡ ଶିବରଞ୍ଜନ ତ୍ରିପାଠୀ କୋଏମ୍ବାଟୁର ଯାଇ ସେଠାକାର ପୋଲିସ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଉଠାଇ ଆଣିଥିଲେ।

## ୭୧୪ ମହିଳାଙ୍କୁ ମନ୍ତ୍ରୀ ଦେଲେ ସାବିତ୍ରୀ ଖର୍ଚ୍ଚ



**ପୋଲସରା,୨୫।୫(ସୁବ୍ରତ ବେହେରା)**

ପୋଲସରା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ହେଉଥିବା ସାବିତ୍ରୀ ବ୍ରତ ପାଇଁ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମହିଳା ମା'ମାନଙ୍କୁ ସାବିତ୍ରୀ ଭାର ବାଣ୍ଟିଛନ୍ତି। ସେ ରବିବାର ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ୪୨୭ ଜଣଙ୍କୁ ୨୬୪ ଜଣ ସିଆରପିଙ୍କୁ, ୨୫ ଜଣ ଏମବିକେଙ୍କୁ, ୮ ଜଣ ବ୍ୟାଙ୍କ ମିତ୍ରଙ୍କୁ ଏବଂ ଏନ୍‌ଏସିର ୧୦ ଜଣ ସ୍ୱଚ୍ଛସାଥୀଙ୍କୁ ଖଣ୍ଡେ ଶାଢୀ ଓ ସାବିତ୍ରୀ ଖର୍ଚ୍ଚ ପାଇଁ ୧୦୦ ଟଙ୍କା ପ୍ରଦାନ କରିଥିଲେ।

## ସାନଭାଇ ଆକ୍ରମଣରେ ବଡ ଗୁରୁତର

**ହିଞ୍ଜିଳିକାଟୁ, ୨୫।୫(ଦ୍ୱିତୀକୃଷ୍ଣ ପଣ୍ଡା)**

ହିଞ୍ଜିଳି ଥାନା ଆଙ୍କୋରଡା ଗାଁରେ ରବିବାର ସନ୍ଧ୍ୟାରେ ପାରିବାରିକ କଳହକୁ କେନ୍ଦ୍ର କରି ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ସାନଭାଇର ଆକ୍ରମଣରେ ବଡଭାଇ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ହେଲେ ବିଜୟ କୁମାର ନାହାକ (୪୭)। ବିଜୟଙ୍କ ପୁତୁରା ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହେବା ପରେ ଘଟଣା ନେଇ ବିଜୟ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ଓଟିଇଟି ପରୀକ୍ଷା ପ୍ରତ୍ୟାହାର ଦାବି**



ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଭଞ୍ଜନଗର,୨୫।୫(ବାବୁଲା ପ୍ରଧାନ)**

ଓଟିଇଟି ପରୀକ୍ଷା ପ୍ରତ୍ୟାହାର ଦାବି ନେଇ ଭଞ୍ଜନଗର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ରବିବାର ମୁଖ୍ୟମନ୍ତ୍ରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାପୂର୍ବରୁ ଗତ ଶୁକ୍ରବାର ଭଞ୍ଜନଗର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରଥଙ୍କୁ ସଚିବଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଧାୟକଙ୍କୁ ଦାବିପତ୍ର ପ୍ରଦାନ ସମୟରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ତ୍ରିନାଥ ପଟ୍ଟନାୟକ, ସରୋଜ ଶତପଥୀ, ଗୋକୁଳ ମଲ୍ଲିକ, ଏ. ମନୋଜ କୁମାର, ଜଗଦୀଶ ନାୟକ, ମନୋଜ କୁମାର ବେହେରା, ନିର୍ମଳ କୁମାର ସ୍ୱାଇଁ, ଗୋପାଳ ଗୌଡ, ନାରାୟଣ ମହାପାତ୍ର, ସୁଜିତ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ପ୍ରଧାନ, ଅବିନାଶ ପଣ୍ଡା, ସୁଧାଂଶୁ ମହାପାତ୍ର, ଦେବୀ ପ୍ରସାଦ ଦାଶ, ଜିତେନ୍ଦ୍ର କୁମାର, ବେହେରା, ଶିଶିରକାନ୍ତ ପତି, ବିଭୂ ପ୍ରସାଦ ମହାପାତ୍ର, ଗଙ୍ଗାଧର ପଣ୍ଡା, ସନ୍ତୋଷ କୁମାର ରଥ,ବାବୁଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପଦୋନ୍ନତି ପାଇଁ ଓଟିଇଟି ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ତରଫରୁ ଗତ ୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାର ତୁରନ୍ତ ଉକ୍ତ ପରୀକ୍ଷା ବ୍ୟବସ୍ଥାକୁ ପ୍ରତ୍ୟାହାର କରନ୍ତୁ। ନଚେତ୍ ଆଗାମୀ ଦିନରେ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କେତେଜଣ ଶିକ୍ଷକ କହିଛନ୍ତି।

# ଅରୁଣସ୍ତମ୍ଭ ନିକଟରେ ରହିଥିଲା ତ୍ରିକାଳ ବନ୍ଦାପନା ମଣ୍ଡପ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

**ଐତିହ୍ୟର ଓଡ଼ିଶା**

- ପଥରଖଳାରେ ଖୋଲିଥିଲା ବଣିଆଶାଳ
- ନିର୍ମାଣ ହୋଇଥିଲା ସୁଆସମଲ୍ଲ ପଥର ବିଗ୍ରହ



ଆମେ ପୂର୍ବ ସଂଖ୍ୟାରେ ଆଲୋଚନା କରିଥିଲେ 'ଧ୍ୱଜ ପଦ୍ମ ପ୍ରସଙ୍ଗ'। ପୋଥିରେ ଏହି ଶବ୍ଦ 'ପଦ୍ମଧ୍ୱଜ' ଭାବରେ ମଧ୍ୟ ବର୍ଣ୍ଣିତ ହୋଇଛି। ଅଧା ଫୁଟିଥିବା ପଦ୍ମଫୁଲ ଶବ୍ଦ ମଧ୍ୟ 'ଖିଳପଦ୍ମ' ଶବ୍ଦରେ ବର୍ଣ୍ଣିତ ହୋଇଥିବାର ମନେହୁଏ। କାରଣ କଳସ ନିର୍ମାଣର ଶେଷ ପର୍ଯ୍ୟାୟରେ ମହାରାଣୀ କସ୍ତୁରିକାମୋହିନୀ ଦେବୀ କୋଣାର୍କ ଆସିଥିଲେ। ସେ ସମ୍ପୂର୍ଣ୍ଣ କଳସ ନିର୍ମାଣକୁ ଦେଖି ବିଭୋର ହୋଇ ଯାଇଥିଲେ। ସେଥିରେ ଅର୍ଥାତ୍ ଖିଳପଦ୍ମ (କଳସ)ରେ ସୁବର୍ଣ୍ଣ ବ୍ୟବହାର ହେଉ ବୋଲି ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ସୂତ୍ରଧର ଓ ନିର୍ମାଣଶିଳ୍ପୀ ଏଥିରେ ସହମତ ହୋଇ ନ ଥିଲେ।

ଖୁବ୍ ସତର୍କତାର ସହିତ ମହାରାଣୀଙ୍କୁ ବୁଝାଇବାକୁ ଚାହିଁଥିଲେ 'ମହାଶ୍ରମ' ଅନ୍ୟ ପ୍ରକାର ଆଦେଶ ଦେଇ ସାରିଛନ୍ତି। କେବଳ 'ମାଣିକ୍ୟ' ବ୍ୟବହାର ହେବ ବୋଲି ମହାଶ୍ରମଙ୍କ ଶେଷ ନିଷ୍ପତ୍ତି। ପଦ୍ମଧ୍ୱଜରେ 'ସୁବର୍ଣ୍ଣ' ଖଞ୍ଜାଯାଇପାରେ...। ମହାରାଣୀ ସମ୍ମତ ହେଲେ 'ରାଜବଣିଆ'ଙ୍କୁ ଡାକିବା ପାଇଁ ଜଣେ ପାଇକ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇଥିଲେ। କୋଣାର୍କ ପଥରଖଳା ମଝିରେ ଏକ 'ବଣିଆଶାଳ' ସେତେବେଳେ କରାଯାଇଥିଲା।

ମୁଖ୍ୟ ମନ୍ଦିରରେ କଳସ ବସିବା ପୂର୍ବରୁ ଦଧିନଉତି ନିର୍ମାଣ କାର୍ଯ୍ୟ ସାରିଥିଲେ ରାମ ମହାପାତ୍ର ଓ ଗଦା ମହାପାତ୍ର। ଦଧିନଉତିରେ ମଧ୍ୟ ଏକ ନାଳୀରନ୍ଧ୍ର କରାଯାଇଥିଲା। ସେଥିରେ ଦୁର୍ମୂଲ୍ୟ ଧାତୁ ରହିବ ବାସ୍ତୁଶାସ୍ତ୍ରର ବ୍ୟବସ୍ଥା ଅନୁଯାୟୀ।

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ତ୍ରୟୋଦଶୀଦିନ 'କଳସ' ଉଠିବ ଖପୁରି ଉପରକୁ। ଏହା ଥିଲା ମହାଶ୍ରମଙ୍କ ଆଦେଶ। କଳସରେ ନାଲି ପାଟକନା ଗୁଡ଼ାଇ ୨୨ଜଣ ପଥୁରିଆ କଳସକୁ ନେଇ ଖପୁରି ଉପରେ ପହଞ୍ଚାଇଥିଲେ। ସେମାନଙ୍କୁ ମଧ୍ୟ ନୂତନ ବସ୍ତ୍ର ପରିଧାନ କରି ନେବା ପାଇଁ ୨୨ ଖଣ୍ଡ ନାଲି ସିଲ୍‌କ ଧୋତି ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେକ କାର୍ଯ୍ୟବେଳେ ଶୁଭ ମୁହୂର୍ତ୍ତ ଯେମିତି ଦେଖାଯାଉଥିଲା, ପବିତ୍ରତା ଓ ବିଧି ବ୍ୟବସ୍ଥା ପ୍ରତି ଟିକିନିଖି ନଜର ରଖାଯାଉଥିଲା। ମହାପାତ୍ରଙ୍କୁ ନେଇ କଳସ ଖଞ୍ଜିବା ପାଇଁ ଶୀର୍ଷକୁ ଯାଇଥିଲେ। ଅନ୍ୟମାନେ ତଳେ ରହି ହରିବୋଲ ଡାକଦେଇ ଉତ୍ସାହିତ କରୁଥାନ୍ତି। ଦଶଜଣ ବାଜା (ଢୋଲ) ବାଲା ବାଜା ବଜାଉଥାନ୍ତି। କିନ୍ତୁ ଜ୍ୟେଷ୍ଠ ପୂର୍ଣ୍ଣିମା ଯାଇ ଆଷାଢ଼ ଦ୍ୱିତୀୟା ହେଲା କଳସ ଖଞ୍ଜା ହୋଇପାରିଲା ନାହିଁ। ତିନିଦିନ ଅକ୍ଲାନ୍ତ ପରିଶ୍ରମ ପରେ ଶିବେଇ ସାମନ୍ତରା ଏକ 'ଆକଟପତ୍ର' ପଠାଇ ନିଜ ଗାଁକୁ ପାଲିଙ୍କିରେ ବସି ଚାଲିଗଲେ। ଆକଟପତ୍ର କହିଲେ ଗୁପ୍ତପତ୍ର। ମୁଦା ଲଫାପାରେ ଏବେ ଯେମିତି ଦିଆଯାଉଛି। ଏହା ଲଫାପାଟେ ଭିତରେ ଦିଆଯାଉ ନ ଥିଲା କି କାଗଜରେ ଲେଖାଯାଉ ନ ଥିଲା। ତାଳପତ୍ରରେ ଲେଖାଯାଇ ବାଉଁଶ ଭିତରେ ପୂରାଇ ମୁଦ ଦିଆଯାଇ ପଠାଯାଉଥିଲା। ଏହି ମୁଦ ବାଉଁଶକୁ ଜଣେ ସୁରକ୍ଷା କର୍ମୀ (ଧରସିଂହ) ଘୋଡ଼ାରେ ଯାଇ ବିଡ଼ାନସୀ ଉଆସରେ ପହଞ୍ଚାଇଥିଲେ। ସେହିଦିନଠାରୁ ମୁଖ୍ୟ ମନ୍ଦିର କାର୍ଯ୍ୟ ବନ୍ଦ ରହିଥିଲା।

ପଥୁରିଆ ଶିଳ୍ପୀ ଅନ୍ୟ କାମରେ ବ୍ୟସ୍ତ ରହିଲେ। ରାୟସିଂହ ନିର୍ମାଣକାର୍ଯ୍ୟ ଚାଲିଥିଲା। ସୂତ୍ରଧର ପୂର୍ବରୁ ଦେଇଥିବା ଆଦେଶ ଅନୁସାରେ – ଘୋଡ଼ା ଉପରେ ବସି ସୁଆସମଲ୍ଲ ଯୁଦ୍ଧ କରୁଥିବା ଏକ ମୂର୍ତ୍ତିର ଶେଷ ସ୍ପର୍ଶ ଦିଆଗଲା। ବଡ଼ ଅଳସକନ୍ୟା ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଲା। ଏହାକୁ ନିଧି ମହାରଣା କରୁଥା'ନ୍ତି। ଅରୁଣସ୍ତମ୍ଭ ନିକଟରେ 'ତ୍ରିକାଳ ବନ୍ଦାପନା' ମଣ୍ଡପର କାର୍ଯ୍ୟ ଆରମ୍ଭ ହୋଇଥିଲା। ମଣ୍ଡପରେ ଲାଗିବା ପାଇଁ ୨୪୦ଟି ନୃତ୍ୟ କରୁଥିବା ନାରୀମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିଲା। ଚାରୋଟି ଧାଡ଼ି ଖମ୍ବ ମଣ୍ଡପରେ ଲାଗିବା ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିଲା। ଏହି ମଣ୍ଡପରେ ସନ୍ଧ୍ୟା, ସକାଳ ଓ ମଧ୍ୟାହ୍ନରେ ତିନିଥର ସୂର୍ଯ୍ୟଙ୍କୁ ବନ୍ଦାପନା କରାଯାଉଥିଲା।

ତେଣେ ମୂଳ ମନ୍ଦିର ଓ ମୁଖଶାଳା ପାଇଁ ମୂର୍ତ୍ତିନିର୍ମାଣ ଆଗେଇ ଚାଲିଥିଲା। ଚାରୋଟି ପ୍ରେମମୟ ମୂର୍ତ୍ତି ରାମ ମହାରଣା ନିର୍ମାଣ କରୁଥିବାବେଳେ ନାରାୟଣ ମହାରଣା ମୁଖଶାଳାରେ ଦଶଟି ବନ୍ଧ ମୂର୍ତ୍ତି ପ୍ରସ୍ତୁତ କରୁଥା'ନ୍ତି। ବିଶି ମହାରଣା ମଧ୍ୟ ମୁଖ୍ୟ ମନ୍ଦିର ପାଇଁ ବନ୍ଧ ମୂର୍ତ୍ତି ନିର୍ମାଣ କରିଥିଲେ। ଏକା ସମୟରେ ବନ୍ଦାପନା ମଣ୍ଡପର ପୀଢ଼, ମନ୍ଦିରର ପଶ୍ଚିମପଟୁ ବାଲି ଅପସାରଣ, ବିଜେ ପ୍ରତିମାଙ୍କ ପାଇଁ କାଠର ପାଲିଙ୍କି, ନାଟମୂର୍ତ୍ତି ଖୋଦେଇ କାର୍ଯ୍ୟ ଚାଲିଥିଲା। ବାଲି ଅପସାରଣ ପାଇଁ ହାତୀଙ୍କୁ ବ୍ୟବହାର କରାଯାଉଥିଲା।

ସେହିବର୍ଷ ଦଶହରା ବେଳକୁ ବନ୍ଦାପନା ମଣ୍ଡପରେ ଚାରୋଟି ସିଂହ ବସି ସାରିଥିଲେ। ବାସୁ ମହାରଣା ମଣ୍ଡପର ପଦ୍ମପିଣ୍ଡି ଓ ଅଁଳାଶ୍ରୀ ସମାପ୍ତ କରି ସୂତ୍ରଧରଙ୍କୁ ହସ୍ତାନ୍ତର କରିସାରିଥିଲେ। ଦଶହରାଦିନ କାମ ବନ୍ଦ ରହିଲା। ସମସ୍ତଙ୍କ ପାଇଁ ଭୋଜିର ଆୟୋଜନ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ଅଯୋଧ୍ୟାର ହନୁମାନଗଡ଼ି ମନ୍ଦିରରେ ରବିବାର ବିରାଟ କୋହଲି ଓ ଅନୁଷ୍କା ଶର୍ମା ।

# ସିଏମ୍ ଟ୍ରଫି ଲୋଗୋ, ଜର୍ସି ଉନ୍ମୋଚିତ

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହ କ୍ରମେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟବଲ୍ ଚାମ୍ପିୟନଶିପ୍ ଆୟୋଜନ କରାଯାଉଛି। ରବିବାର କଳିଙ୍ଗ ଷ୍ଟାଡ଼ିୟମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସିଏମ୍ ଟ୍ରଫିର ଲୋଗୋ, ଟ୍ରଫି, ଜର୍ସି ଓ ଆନ୍ଥେମ ଉନ୍ମୋଚନ କରିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ଓ କ୍ରୀଡ଼ା ପ୍ରତିଭାଙ୍କୁ ବିଶ୍ୱ ସ୍ତରରେ ପହଞ୍ଚାଇବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ଲକ୍ଷ୍ୟରେ ରାଜ୍ୟରେ ପ୍ରଥମ ଥର ପାଇଁ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟବଲ ଚାମ୍ପିୟନଶିପ୍ ଆୟୋଜନ କରାଯାଉଛି।

## ସିଏମ୍ ଟ୍ରଫି ଦ୍ୱାରା ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ: ସୂରଜ


ଜର୍ସି ଉନ୍ମୋଚନ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ସିଏମ୍ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ୧୬ରୁ ଏପ୍ରିଲ ୧୯ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଗୁଡ଼ିକରେ ଥିବା ବିଭିନ୍ନ ଫୁଟବଲ କ୍ଲବ ଅଂଶଗ୍ରହଣ କରିଥିଲେ। ସର୍ବମୋଟ୍ ୨୭୧ଟି ଫୁଟବଲ୍ କ୍ଲବ ଏବଂ ୫ ହଜାରରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ ଏଥିରେ ଭାଗ ନେଇଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ତଥା ଜୋନାଲ ସ୍ତରୀୟ ମୁକାବିଲା ଆସନ୍ତା ୨୮ରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବ। ଜିଲ୍ଲା ସ୍ତରରୁ ଚୟନିତ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଆୟୋଜନ କରାଯିବ। ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ହେବା ପରେ ସିଏମ୍-ଟ୍ରଫି ଫାଇନାଲ୍ ଅନୁଷ୍ଠିତ ହେବ। ଜିଲ୍ଲାରୁ ଜୋନାଲ୍ ଏବଂ ଜୋନାଲରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଉଥିବାରୁ ବାସ୍ତବରେ ତୃଣମୂଳ ସ୍ତରରୁ ଆସୁଥିବା କ୍ରୀଡ଼ାବିତମାନେ ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରିବା ସହ ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ବୋଲି କ୍ରୀଡ଼ାମନ୍ତ୍ରୀ ସୂରଜ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ଶ୍ରୀ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କି, ସ୍ନୋବୋର୍ଡ ଆସୋସିଏଶନ ଗଠନ ଉପରେ ରହିତାଦେଶ

**ନୂଆଦିଲ୍ଲୀ,୨୫।୫(ପି.ଟି.)**

ଭାରତୀୟ ସ୍କି ଓ ସ୍ନୋବୋର୍ଡ ମହାସଂଘର ପରିଚାଳନା ଦାୟିତ୍ୱରେ ଥିବା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଆଡ-ହକ କମିଟିକୁ ଦିଲ୍ଲୀ ହାଇକୋର୍ଟ ନୂଆ କ୍ରୀଡ଼ା ମହାସଂଘ ଗଠନ କରିବା ଦିଗରେ କୌଣସି ପଦକ୍ଷେପ ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍କି ଓ ସ୍ନୋବୋର୍ଡ ଇଣ୍ଡିଆ (ଏସ୍ଏସ୍ଆଇ) ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରି ବିଚାରପତି ସଚିନ ଦତ୍ତା କହିଛନ୍ତି ଯେ, ଆଡ-ହକ କମିଟି ନୂଆ ଜାତୀୟ ସ୍ପୋର୍ଟ୍ସ ଆସୋସିଏଶନ ଗଠନ କରିବାକୁ ଉଦ୍ୟମ କରୁଛି। ଏହା ଆଇଓଏ ଦ୍ୱାରା କମିଟିକୁ ଦିଆଯାଇଥିବା ଅଧିକାର ବାହାରେ। ଏଥିଯୋଗୁ ଜୁଲାଇ ୮ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରହିତାଦେଶ ଜାରି କରାଯାଇଛି।

ଆଡ୍ ହକ କମିଟି ପକ୍ଷରୁ ଗତ ୬ ତାରିଖରେ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଆସୋସିଏଶନକୁ ନୂଆ ନ୍ୟାଶନାଲ ସ୍ପୋର୍ଟ୍ସ ଆସୋସିଏଶନ (ଏନ୍ଏସ୍ଏ)ରେ ପଞ୍ଜୀକରଣ ଓ ନିର୍ବାଚନ ପାଇଁ ପ୍ରଥମ ସାଧାରଣ ବୈଠକ ଲାଗି ନୋଟିସ ଜାରି କରାଯାଇଥିଲା। ଏହି ନୋଟିସକୁ ବିରୋଧ କରି ଏସ୍ଏସ୍ଆଇ ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରାଯାଇଥିଲା। ଗତ ୨୩ ତାରିଖରେ କୋର୍ଟ ଆଇଓଏର ପକ୍ଷ ରଖୁଥିବା ଓକିଲଙ୍କୁ ନୂଆ ଆସୋସିଏଶନ ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ଆଇଓଏ କିମ୍ବା ଏହାର ଆଡ୍-ହକ କମିଟିକୁ ଅଧିକାର ଦିଆଯିବା ଲାଗି ଆଇଓଏ ସମ୍ବିଧାନରେ ନିୟମ ଅଛି କି ନାହିଁ, ଜାଣିବା ପାଇଁ ସମୟ ଦେଇଥିଲେ। ଏ ସଂକ୍ରାନ୍ତରେ ଆଇଓଏ ଓ କେନ୍ଦ୍ରଠାରୁ କୋର୍ଟ ଉତ୍ତର ମାଗିଥିଲେ।

ଏହି ମାମଲାରେ କେବଳ ଆଡ-ହକ କମିଟି ଗଠନ କରାଯାଇ ନାହିଁ। ଆଡ-ହକ୍ କମିଟି ଏକ ନୂଆ ଏନ୍ଏସ୍ଏ ଗଠନ କରିବାକୁ ଚେଷ୍ଟା କରୁଛି, ଯାହାକି ନିୟମ ବାହାରେ।

# ନୋରିସ ଜିତିଲେ ମୋନାକୋ ଗ୍ରାଁ ପ୍ରି

**ମୋନାକୋ, ୨୫।୫ (ଏପି)**

ଲାଣ୍ଡୋ ନୋରିସ ଏଠାରେ ରବିବାର ମୋନାକୋ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ବିଜେତା ହୋଇଛନ୍ତି। ଫଳରେ ଫର୍ମୁଲା ୱାନ ଷ୍ଟାଣ୍ଡିଂରେ ତାଙ୍କ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରିଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ହ୍ରାସ ପାଇଛି। ପ୍ରଥମ କର୍ନରେ ପୋଲ୍ ପୋଜିଶନରୁ ଆରମ୍ଭ କରିଥିବା ନୋରିସଙ୍କ ଚକାରେ ସାମାନ୍ୟ ସମସ୍ୟା ଦେଖା ଦେଇଥିଲା। ଏହା ସତ୍ତ୍ୱେ ଗତବର୍ଷର ବିଜେତା ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ରୋକିବାରେ ସେ ସମର୍ଥ ହୋଇଥିଲେ। ସିଜନ ଓପନିଂ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ପରେ ନୋରିସଙ୍କର ଏହା ହେଉଛି ପ୍ରଥମ ଗ୍ରାଁ ପ୍ରି ବିଜୟ। ଚଳିତ ମାସରେ ସେ ଯଦିଓ ଗୋଟିଏ ହେଲେ ସ୍ପ୍ରିଣ୍ଟ ରେସ୍ ଜିତିପାରି ନାହାନ୍ତି, ସେ ପିଆଷ୍ଟ୍ରିଙ୍କ ଅଗ୍ରଣୀ ବ୍ୟବଧାନ ୧୩ରୁ ୩କୁ ହ୍ରାସ କରିପାରିଛନ୍ତି। ରେସ୍‌ରେ ଲେକ୍‌ରେକ୍ ବିଳମ୍ବରେ ନୋରିସଙ୍କ ନିକଟବର୍ତ୍ତୀ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପିଆଷ୍ଟ୍ରି ତୃତୀୟ ଏବଂ ଗତଥରର ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୫ମରୁ ୧୦ମ ସ୍ଥାନରେ ରହିଥିବା ଡ୍ରାଇଭରମାନେ ଯଥାକ୍ରମେ ହେଲେ ଲୁଇସ୍ ହାମିଲଟନ (ଫେରାରି), ଇସାକ୍ ହାଜାର (ଆର୍‌ବି), ଏଷ୍ଟିବାନ ଓକନ (ହାସ୍), ଲିଆମ ଲସନ (ଆର୍‌ବି), ଆଲେକ୍ସ ଆଲବନ (ୱିଲିୟମ୍ସ) ଓ କାର୍ଲୋସ ସେଞ୍ଜ (ୱିଲିୟମ୍ସ)।

# ବ୍ରୋଞ୍ଜ ପରେ ଅନୁପମାଙ୍କୁ ରୌପ୍ୟ

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ଜୋର୍ଡାନରେ ଚାଲିଥିବା ୯ମ ଏସୀୟ ସିନିୟର ଜୁ ଜିତ୍ସୁ ପ୍ରତିଯୋଗିତାରେ ଓଡ଼ିଶାର ଅନୁପମା ସ୍ୱାଇଁ ଦ୍ୱିତୀୟ ପଦକ ହାସଲ କରିଛନ୍ତି। ପୂର୍ବରୁ ୫୨ କେଜି ମହିଳା ଫାଇଟିଂରେ ବ୍ରୋଞ୍ଜ ପଦକ ଜିତିଥିବା ଅନୁପମା ରବିବାର କଣ୍ଟାକ୍ଟ ଇଭେଣ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଚଳିତ ପ୍ରତିଯୋଗିତାରେ ଏହାଥିଲା ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ପଦକ। ଏହାକୁ ମିଶାଇ ଅନୁପମା ଏସୀୟ ପ୍ରତିଯୋଗିତାରେ କ୍ରମାଗତ ୬ଷ୍ଠ ପଦକ ହାସଲ କରିଛନ୍ତି। ଗତ ୪ଟି ଏସୀୟ ଜୁ ଜିତ୍ସୁ ପ୍ରତିଯୋଗିତାରେ କ୍ରମାଗତ ଭାବେ ପଦକ ବିଜୟୀ ଦେଶର ୧ ନମ୍ବର ଜୁ ଜିତ୍ସୁ ଖେଳାଳି ଅନୁପମା ଆଗକୁ ମହିଳା ୫୨ କେଜି ନି-ୱାଜା ଇଭେଣ୍ଟରେ ଅଂଶଗ୍ରହଣ କରିବେ।

# ଦ୍ୱିତୀୟ ରାଉଣ୍ଡରେ ସାବାଲେଙ୍କା, ଝେଙ୍ଗ

**ପ୍ୟାରିସ,୨୫।୫**

ଟେନିସ ସିଜନର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ରବିବାରଠାରୁ ଆରମ୍ଭ ହୋଇଯାଇଛି। ୱାର୍ଲ୍ଡ ନଂ-୧ ମହିଳା ସିଙ୍ଗଲ୍ସ ଖେଳାଳି ଆରିନା ସାବାଲେଙ୍କା ଓ ଅଷ୍ଟମ ସିଡ୍ କ୍ୱିନୱେନ ଝେଙ୍ଗ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ୱିମ୍ବଲଡନ ଚାମ୍ପିୟନ ପେଟ୍ରା କ୍ୱିଟୋଭା ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସାବାଲେଙ୍କା ୬-୧, ୬-୦ ସିଧାସଳଖ ସେଟରେ କାମିଲା ରଖିମୋଭାଙ୍କୁ ପରାସ୍ତ କରିଛନ୍ତି। ଚୀନର ଝେଙ୍ଗ ୬-୪, ୬-୩ ସେଟ୍‌ରେ ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭାଙ୍କୁ ହରାଇଛନ୍ତି। ୧୩ତମ ସିଡ୍ ଏଲିନା ଭିଟୋଲିନା ୬-୧, ୬-୧ ସେଟରେ ଜେନେପ ସନମେଜଙ୍କୁ ପରାସ୍ତ କରିଛନ୍ତି। ସେହିଭଳି କାନାଡାର ଟିନ ଏଜ ଖେଳାଳି ଭିକ୍ଟୋରିଆ ଏମ୍‌ବୋକୋ ୬-୧, ୭-୬(୭-୪) ସେଟରେ ଲୁଲୁ ସୁନଙ୍କୁ ହରାଇଛନ୍ତି। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଏହା ଏମ୍‌ବୋକୋଙ୍କ ପ୍ରଥମ ବିଜୟ। ୧୧ତମ ସିଡ୍ ଡାଏନା ସ୍ନାଇଡର ୭-୬(୭-୩), ୬-୨ ସେଟରେ ଆନାସ୍ତାସିଆ କନଷ୍ଟାଣ୍ଟିନୋଭନା ସୋବୋଲେଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଅନ୍ୟପକ୍ଷରେ ୩୫ ବର୍ଷୀୟା କ୍ୱିଟୋଭା ୬-୩, ୦-୬, ୪-୬ ସେଟରେ ଭିକ୍ଟୋରିଜା ଗଲୁବିକଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଭୁବନେଶ୍ୱର ସ୍କୁଲ୍ସ ଚେସ୍: ସତ୍ୟମ ବିଜେତା


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଆୟୋଜିତ ଭୁବନେଶ୍ୱର ସ୍କୁଲ୍ସ ଚେସ୍‌ରେ ସତ୍ୟମ ସ୍ୱରୂପ ସାହୁ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡରୁ ସେ ୪.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପ୍ରୀତମ ହୋତା, ଆରିଶ ନନ୍ଦ ଗୋସ୍ୱାମୀ, ନିରେକ ପରିଡ଼ା ଓ ସ୍ୱସ୍ତିକ ତ୍ରିପାଠୀ ୪ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଟାଟା ଷ୍ଟିଲ୍‌ର ସିନିୟର ଏରିଆ ମ୍ୟାନେଜର ସୁଶାନ୍ତ ରଥ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

# ଆର୍‌ସିବିରେ ଯୋଗଦେଲେ ହାଜେଲ୍‌ଉଡ୍

**ଲକ୍ଷ୍ନୌ, ୨୫।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପ୍ଲେ-ଅଫ୍ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ସହ ଯୋଗଦେଇଛନ୍ତି ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜୋଶ ହାଜେଲ୍‌ଉଡ୍। ଆର୍‌ସିବି ଏହାର ଫାଇନାଲ ଲିଗ୍ ମ୍ୟାଚ ଏଠାରେ ମଙ୍ଗଳବାର ଖେଳିବ। ଏହାର ଦୁଇଦିନ ପୂର୍ବରୁ ହାଜେଲଉଡ୍ ଦଳରେ ଆସି ଯୋଗଦେଇଛନ୍ତି। ଭାରତ-ପାକିସ୍ତାନ ସାମରିକ ବିବାଦ ଯୋଗୁ ଆଇପିଏଲ୍‌କୁ ସାମୟିକ ସ୍ଥଗିତ ରଖାଯାଇଥିଲା। ହାଜେଲ୍‌ଉଡ୍ ଏକ ସପ୍ତାହ ଛୁଟିରେ ନିଜ ଦେଶକୁ ଫେରିଯାଇଥିଲେ। ଏହି ଡାହାଣହାତୀ ପେସ୍ ବୋଲରଙ୍କ କାନ୍ଧରେ ମଧ୍ୟ ସମସ୍ୟା ଥିଲା। ଅଷ୍ଟ୍ରେଲିଆରେ ସେ ତାହାର ଆଶୁ ଚିକିତ୍ସା ମଧ୍ୟ କରାଇଥିଲେ। ଏହି ୩୪ବର୍ଷୀୟ ବୋଲର ବ୍ରିସ୍‌ବେନ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ପ୍ରସ୍ତୁତ ହେଉଥିବା ଅଷ୍ଟ୍ରେଲିଆ ଦଳ ସହିତ ଟ୍ରେନିଂ ନେଇଥିଲେ। କ୍ରିକେଟ ଅଷ୍ଟ୍ରେଲିଆର ମେଡିକାଲ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ଆର୍‌ସିବି କ୍ୟାମ୍ପ ମଧ୍ୟ ହାଜେଲଉଡ୍‌ଙ୍କ ଅଗ୍ରଗତି ଉପରେ ଲକ୍ଷ୍ୟ ରଖିଛି। ଚଳିତ ଆଇପିଏଲ୍‌ରେ ଏହି ଅଷ୍ଟ୍ରେଲୀୟ କ୍ରିକେଟର ଆର୍‌ସିବିର ଶ୍ରେଷ୍ଠ ବୋଲର ରହିଛନ୍ତି। ସେ ୧୦ମ୍ୟାଚରେ ୧୮ଉଇକେଟ ଅକ୍ତିଆର କରିଛନ୍ତି। ବର୍ତ୍ତମାନ ସେ ପ୍ରତିଯୋଗିତାରେ ୪ର୍ଥ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ପ୍ଲେ-ଅଫ୍‌ରେ ସ୍ଥାନ ସୁରକ୍ଷିତ କରିସାରିଥିବା ଆର୍‌ସିବି ମଙ୍ଗଳବାର ଏହାର ଅନ୍ତିମ ଆଇପିଏଲ ଲିଗ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଭେଟିବ। ଆର୍‌ସିବି ଏହାର ଗତ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦଠାରୁ ୪୨ ରନ୍‌ରେ ପରାଜିତ ହେବାପରେ ଟପ୍-୨ ଫିନିଶ ପାଇଁ ଏହାକୁ ଅନ୍ୟ ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ।


## Classified Everyday

0674-2580101, 9692975378


REAL ESTATE

**SALE**

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272




Newly open Jyoti SPA positively health benefits (Expert therapist). 8458067955. D-76914

**Relax, Refresh your body, Mind at Saikrupa Spa with best therapies. 7848011468.** D-568

### AFFIDAVIT

By virtue of an affidavit before Executive Magistrate, Bhubaneswar, I, Sujit Kumar Sahoo, aged 20yrs, S/o- Sanjaya Kumar Sahoo, Vill- Arakata, P.O.- Kapasi, P.S.- Niali, Dist.- Cuttack, PIN- 754004 have changed my name from “Sujit Sahoo” to “Sujit Kumar Sahoo”, and my date of birth is 11.03.2005 and also my father’s name is Sanjaya Kumar Sahoo. D-76462

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଓଡ଼ିଶାର କଳିଙ୍ଗ ୱାରିୟର୍ସ ଚାମ୍ପିୟନ

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ଗୁଆହାଟୀରେ ଅନୁଷ୍ଠିତ ଆସାମ ଚେସ୍ ପ୍ରିମିୟର ଲିଗ୍‌ରେ ଓଡ଼ିଶାଭିତ୍ତିକ ଦଳ କଳିଙ୍ଗ ୱାରିୟର୍ସ ଚାମ୍ପିୟନ ହୋଇଛି। ଅଲ୍ ଆସାମ ଚେସ୍ ଆସୋସିଏଶନ ଓ ଆସାମ ସରକାରଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ୨ ଦିନିଆ ପ୍ରତିଯୋଗିତାରେ କଳିଙ୍ଗ ୱାରିୟର୍ସ ୭ ରାଉଣ୍ଡରୁ ୫.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛି। ଆକ୍ରୋମ ରିହିନୋଜ ଚେକ୍‌ମେଟ୍ସ ୫ ପଏଣ୍ଟ ପାଇ

## ଆସାମ ଚେସ୍ ପ୍ରିମିୟର ଲିଗ୍

ଦ୍ୱିତୀୟ ଓ ରାଞ୍ଚି କ୍ୟାପିଟାଲ୍ସ ୪.୫ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ସାଭୟ ଚେକ୍‌ମେଟ୍ସ ୪, ନାଇଟ ମୁଭର୍ସ ୪, ଏଡୁ ହବ୍ ଚେକ୍‌ମେଟ୍ସ ୨, ବିଟିଆର ୱାରିୟର୍ସ ୧.୫ ଓ ୧.୫ ପଏଣ୍ଟ ପାଇ ପଛକୁ ପଛ ରହିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଦଳ ୭ ମ୍ୟାଚରୁ ୫ ବିଜୟ, ୧ ଡ୍ର ଓ ୧ ପରାଜୟ ସହ ଅଭିଯାନ ଶେଷ କରିଥିଲା। କଳିଙ୍ଗ ୱାରିୟର୍ସ ଦଳରେ ଗ୍ରାଣ୍ଡମାଷ୍ଟର ଅଙ୍କିତ ଆର. ରାଜପରା, ଅମିୟ ଗୁପ୍ତା, ହର୍ଷିତ ରଞ୍ଜନ ସାହୁ, ଅମ୍ଲାନ ମହନ୍ତ, ରାଜେଶ କୁମାର ନାୟକ, ମୃଣ୍ମୟ ରାଜଖୋୱା, ରିତିଶା ଏମ. ରାଜବଂଶୀ ସାମିଲ ଥିଲେ। ସୁବଳ ଭୌମିକ ଦଳର ମେଣ୍ଟର ଥିଲେ। ଅକ୍ସନ ସମୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ୧,୩୨,୦୦୦ ଟଙ୍କାରେ ଏହି ଦଳ କିଣିଥିଲା। ଟୁର୍ନାମେଣ୍ଟ ସମୟରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଅଭିଷେକ ଆଚାର୍ଯ୍ୟ ଏବଂ ଟ୍ରିପଲ ସି’ କ୍ଲବର ସମ୍ପାଦକ ବିରଞ୍ଚି ସାହୁ ପ୍ରମୁଖ ଆସାମରେ ଉପସ୍ଥିତ ଥିଲେ।



ଟ୍ରଫି ଗ୍ରହଣ ଅବସରରେ ଅତିଥିଙ୍କ ସହ ଚାମ୍ପିୟନ କଳିଙ୍ଗ ୱାରିୟର୍ସ ଦଳର ଖେଳାଳିମାନେ।

# ଖରାଦିନେ ଥଣ୍ଡା ରହିବାର ପାରମ୍ପରିକ ଉପାୟ



ନିକୁଞ୍ଜ ବିହାରୀ ସାହୁ

"ମାଟି ପାତ୍ର ଯେପରି ସୁରେଇ, ମାଠିଆ କିମ୍ବା ଘୁମରେ ଥିବା ପାଣି ପିଇବା ଉଚିତ। ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣିଠାରୁ ଥଣ୍ଡା, କାଲୁଆ ଓ ଆରାମଦାୟକ ହୋଇଥାଏ। ମାଟିପାତ୍ରର ଅସଂଖ୍ୟ କ୍ଷୁଦ୍ର ଛିଦ୍ର ଦେଇ ଜଳ ପଦାକୁ ଝରି ଆସେ, ଯାହା ସମୟକ୍ରମେ ପାତ୍ରରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ଚାଲିଯାଏ। ଏହି କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ହିଁ ପାତ୍ରରେ ଥିବା ଜଳ ଥଣ୍ଡା ଓ ସୁଶୀତଳ ରହିଥାଏ।"



ଋତୁଚକ୍ରର ପଟ ପରିବର୍ତ୍ତନରେ ଗ୍ରୀଷ୍ମ ଋତୁ ଆମ ପୁରପଲ୍ଲୀରେ ଏକ ଅନନ୍ୟ ଆଗମନୀ। ଧୂସର ଧରଣୀ, ଥୁଣ୍ଟା ବରଗଛ, ମଧ୍ୟାହ୍ନର ଅହେତୁକ ନୀରବତା, ଝିଙ୍କାରୀ କଣ୍ଠର କରୁଣ ବିଳାପ, ଗାଁ ତୋଟାର ସୁଶୀତଳ ଛାଇ, ପାଚିଲା ଆମ୍ବର ବାସ୍ନା, ଗାଁ ପୋଖରୀରେ ସାହି ପିଲାଙ୍କ ବୁଡ଼ାବୁଡ଼ି ଖେଳ, ସନ୍ଧ୍ୟାବେଳକୁ ନଦୀକୂଳର ମନଛୁଆଁ ପବନ ଓ ବିଳମ୍ବିତ ରାତ୍ରି ଯାଏ ଗାଁମୁଣ୍ଡ ଖୋଲା ସ୍ଥାନରେ ଲୋକଙ୍କ ଏକାଠି ମେଳ ଇତ୍ୟାଦି ଘଟଣାର ସ୍ମୃତି ଏବେବି ଆମ ଗ୍ରାମ୍ୟ ଜୀବନରେ ଉଜ୍ଜୀବିତ। ମାତ୍ର ଘୋର ପରିତାପର ବିଷୟ ଯେ, ପୂର୍ବର ସେ ମୃଦୁ ମଧୁର ଗ୍ରୀଷ୍ମଋତୁ ଏବେ ଆଉ ନାହିଁ। ଏବେ ଆରମ୍ଭ ହୋଇଛି ଏକ ଉତ୍ତପ୍ତ ଓ ଦାରୁଣ ଗ୍ରୀଷ୍ମଋତୁ। ପ୍ରାୟ ୪୫ ଡିଗ୍ରୀ ପାଖାପାଖିର ତାପମାତ୍ରା, ପ୍ରଚଣ୍ଡ ଗରମ, ଗୁଳୁଗୁଳି, ଅଂଶୁଘାତ ଓ ଝାଞ୍ଜି ପବନରେ ଅତିଷ୍ଠ ଆଜିର ସାଧାରଣ ଜନଜୀବନ। ଗରମରୁ ରକ୍ଷା ପାଇବା ପାଇଁ ଯେତେ ଯାହା କଲେ ସୁଦ୍ଧା ଫଳ ମିଳୁ ନାହିଁ। ଆମେ ଏଠାରେ ଆମ ଗାଁଗହଳିରେ ପ୍ରଚଳିତ ଖରାଦିନେ ଥଣ୍ଡା ରହିବାର କିଛି ସରଳ ଓ ପାରମ୍ପରିକ ପଦ୍ଧତି ଉପରେ ଆଲୋଚନା କରିବା :

⏭ ଖରାଦିନେ ମାଟି କାନ୍ଥ ଓ ନଡ଼ା ଛପର ଘରେ ବାସ କରିବା ଆରାମଦାୟକ। ମାଟି ଓ ନଡ଼ା ତାପର ଭଲ କୁପରିବାହୀ ପଦାର୍ଥ ହୋଇଥିବାରୁ ଏହାକୁ ଭେଦ କରି ବାହାରର ତାପ ସହଜରେ ଘର ଭିତରେ ପ୍ରବେଶ କରିପାରେ ନହିଁ। ସୁତରାଂ ଏଭଳି ଘର ଖରାଦିନେ ବେଶ୍ ଥଣ୍ଡା ଓ ଆରାମଦାୟକ ଜଣାପଡ଼େ। ଅନ୍ୟପକ୍ଷରେ ଟିଣ, ଆଜବେଷ୍ଟସ କିମ୍ବା କଂକ୍ରିଟରେ ତିଆରି କୋଠାଘର ତାପର ଭଲ ସୁପରିବାହୀ ପଦାର୍ଥ ହୋଇଥିବାରୁ ଏଭଳି ଘର ଖରାଦିନେ ଗରମ ଓ ଅସ୍ୱସ୍ତିକର ଜଣାପଡ଼େ।

⏭ ଘରର ମୁଖ୍ୟ ଛାତ ତଳେ ବାଉଁଶବତା, ମାଟି, କାଠପଟା କିମ୍ବା ଥର୍ମୋକଲ ଭଳି ପଦାର୍ଥରେ ଅନ୍ୟ ଏକ ଛାତ (ଆଟୁ) ନିର୍ମାଣ କରିବା ଉଚିତ। ଏହାଦ୍ୱାରା ଛାତ ଦେଇ ପ୍ରବେଶ କରୁଥିବା ତାପ ପ୍ରତିହତ ହୋଇ ଘରଟା ଟିକିଏ ଥଣ୍ଡା ଜଣାପଡ଼େ।

⏭ ଖରା ସାମାନ୍ୟ ଟାଣ ହେବା ମାତ୍ରେ ଘରର କବାଟ, ଝରକା ସବୁ ବନ୍ଦ କରିଦେବା ଉଚିତ। ଘରର ଫାଙ୍କ ସ୍ଥାନ ସବୁ ଅଖାରେ ବୁଜି ଦେବା ଆବଶ୍ୟକ। ଏହାଦ୍ୱାରା ବାହାରର ବିକିରିତ ତାପରଶ୍ମି ଘର ଭିତରକୁ ପ୍ରବେଶ କରିପାରେ ନାହିଁ। ଘର ଭିତରେ ବାୟୁ ସଞ୍ଚାଳନ ପାଇଁ ପଙ୍ଖା ଚଳେଇବା ଉଚିତ। ଖଟ, ଗଦି, ମଶିଣା, ବେଡ଼ସିଟ୍ ଆଦି ତାପର କୁପରିବାହୀ ବସ୍ତୁ ହୋଇଥିବାରୁ ଏସବୁ ସାମଗ୍ରୀ ବ୍ୟବହାର କଲେ ଶରୀରର ତାପ ସହଜରେ ବାହାରକୁ ସ୍ଥାନାନ୍ତରିତ ହୋଇପାରେ ନାହିଁ। ସୁତରାଂ ଖରାଦିନେ, ଏସବୁର ବ୍ୟବହାର ନ କରି ସିଧାସଳଖ ଭୂଇଁ ଉପରେ ଶୋଇଯିବା ଭଲ। ଏହାଦ୍ୱାରା ଶରୀରର ତାପ ଭୂଇଁକୁ ସ୍ଥାନାନ୍ତରିତ ହେବାରୁ ଥଣ୍ଡା ଓ ଆରାମ ଲଗେ।

⏭ ମାଟିପାତ୍ର ଯେପରି ସୁରେଇ, ମାଠିଆ କିମ୍ବା ଘୁମରେ ଥିବା ପାଣି ପିଇବା ଉଚିତ। ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣିଠାରୁ ଥଣ୍ଡା, କାଲୁଆ ଓ ଆରାମଦାୟକ ହୋଇଥାଏ। ମାଟିପାତ୍ରର ଅସଂଖ୍ୟ କ୍ଷୁଦ୍ର ଛିଦ୍ର ଦେଇ ଜଳ ପଦାକୁ ଝରି ଆସେ, ଯାହା ସମୟକ୍ରମେ ପାତ୍ରରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ଚାଲିଯାଏ। ଏହି କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ହିଁ ପାତ୍ରରେ ଥିବା ଜଳ ଥଣ୍ଡା ଓ ସୁଶୀତଳ ରହିଥାଏ। ଖରାଦିନେ ଫିଲ୍ଟରରୁ ପରିଷ୍କୃତ ପାଣି ନେଇ ମାଟି ପାତ୍ରରେ ଥଣ୍ଡା କରି ପିଇବା ଉଚିତ। ଖରାଦିନେ ଜଳୀୟ ଅଂଶଯୁକ୍ତ ଖାଦ୍ୟ ଯେପରି ପଖାଳଭାତ, କାକୁଡ଼ି, ତରଭୁଜ, ଦହିପାଣି, ତାଳସଜ ଇତ୍ୟାଦି ଖାଇବା ଦରକାର। ଏହାଦ୍ୱାରା ଶରୀରର ଜଳୀୟ ପରିମାଣ ବୃଦ୍ଧି ପାଇଥାଏ। ସମୟକ୍ରମେ ଏହି ଜଳୀୟ ଅଂଶ ଝାଳ ରୂପରେ ପଦାକୁ ନିଷ୍କ୍ରାନ୍ତ ହୁଏ। ଏହି ଝାଳର ବାଷ୍ପୀଭବନ ପ୍ରକ୍ରିୟା ଯୋଗୁ ହିଁ ଶୀତଳତା ସୃଷ୍ଟି ହୁଏ।

⏭ ଅଧିକ ଗରମ ଲାଗିଲେ ଦେହରେ ପାଣି ବୋଳି ହୋଇ ପଙ୍ଖା ପବନରେ ଦଣ୍ଡେ ବସିଯିବା ଉଚିତ। ଏହାଦ୍ୱାରା ଶରୀରରୁ ପାଣିର ଦ୍ରୁତ ବାଷ୍ପୀଭବନ ଘଟି ଅଧିକ ଶୀତଳତା ସୃଷ୍ଟି ହୁଏ। ଚିକ୍କଣ ଧଳା ରଙ୍ଗ ମଳିନ କଳାରଙ୍ଗ ତୁଳନାରେ କମ୍ ତାପ ଶୋଷଣ କରିଥାଏ। ସୁତରାଂ ଖରାଦିନେ ରଙ୍ଗ ବେରଙ୍ଗର ପୋଷାକ ପରିବର୍ତ୍ତେ ଧଳା ରଙ୍ଗର ପତଳା, ଚିକ୍କଣ ଓ ସଫା ପୋଷକ (ଯେପରି ଧୋତି) ପରିଧାନ କରିବା ଉଚିତ। ପୁନଶ୍ଚ, ଘର ଭିତରେ ପଶୁଥିବା ତାପରଶ୍ମିକୁ ପ୍ରତିହତ କରିବା ପାଇଁ ଘର ବାହାର ପଟ କାନ୍ଥରେ ଚିକ୍କଣ ଧଳା ରଙ୍ଗ (ଯେପରି ଏନାମେଲ ରଙ୍ଗ) ବୋଳିଦେବା ଉଚିତ।

⏭ ଖରାଦିନେ ମାତ୍ର ଗୋଟିଏ ଓଳି ରୋଷେଇ କରି ଶୀଘ୍ର ତାପର ଉତ୍ସ ନିଆଁକୁ ଲିଭେଇ ଦେବା ଉଚିତ। ସେହି ଭାତକୁ ପଖାଳ କରି ଦିନସାରା ଖାଇବା ଭଲ।

⏭ ଘର ଭିତରେ ପଶୁଥିବା ବିକିରିତ ତାପରଶ୍ମିକୁ ପ୍ରତିହତ କରିବା ନିମନ୍ତେ ଅଗଣାରେ ଓଦା ଅଖା କିମ୍ବା ବେଣାଚେରରେ ତିଆରି ମଶିଣା ଟାଙ୍ଗି ସେଥିରେ ସମୟ ସମୟରେ ପାଣି ସିଞ୍ଚନ କରିବା ଉଚିତ। ତାପ କୌଣସି ପଦାର୍ଥ ମଧ୍ୟରେ ତରଙ୍ଗ ରୂପରେ ସ୍ଥାନାନ୍ତରିତ ହୋଇଥାଏ। କଂକ୍ରିଟ ମଧ୍ୟରେ ଏହି ତରଙ୍ଗର ଗତି ବାସ୍ତବ ପକ୍ଷରେ ଅତି ମନ୍ଥର ହୋଇଥିବାରୁ ଦିନବେଳେ ଗୃହୀତ ତାପ କୋଠାଘରର କଂକ୍ରିଟ ଛାତ ଭେଦକରି ରାତି ସମୟରେ ଘର ଭିତରେ ପ୍ରବେଶ କରିଥାଏ। ଫଳରେ ରାତିବେଳେ ଏଭଳି ଘରେ ଶୀତଳତା ନିମନ୍ତେ ଯେତେ ଯାହା କଲେ ସୁଦ୍ଧା ଥଣ୍ଡା ମିଳେ ନାହିଁ। ଏଭଳି ଗରମରୁ ରକ୍ଷା ପାଇବା ପାଇଁ କେତେକ ରାତି ସମୟରେ ଘର ଭିତରେ ନ ଶୋଇ ପଦାରେ ଶୋଇଯିବାକୁ ପସନ୍ଦ କରିଥାଆନ୍ତି।

⏭ ଗଛ ବିକିରିତ ତାପରଶ୍ମିକୁ ଶୋଷି ନେଉଥିବାରୁ ଘର ଚାରିପଟେ ଛାୟାପ୍ରଦ, ଝଙ୍କାଳିଆ ଗଛ ଲଗାଇବା ଭଲ।

ଶୀତଳତା ଆହରଣ ନିମନ୍ତେ ଏହିସବୁ ଉପାୟ ନିଶ୍ଚିତ, ଶସ୍ତା, ସୁଲଭ ତଥା ପାରମ୍ପରିକ ଭାବେ ଆମର ଅତି ପ୍ରିୟ। ଏସବୁ ପଦ୍ଧତି ମଧ୍ୟ ବିଜ୍ଞାନସମ୍ମତ, ପରିବେଶପ୍ରିୟ ଓ ପ୍ରଦୂଷଣ ବିହୀନ। ଏବେ ଶୀତଳତା ସୃଷ୍ଟି ନିମନ୍ତେ ଫ୍ରିଜ୍, କୁଲର୍, ଏସି ଆଦି ଅନେକ କୃତ୍ରିମ ଉପକରଣ ଉପଲବ୍ଧ ହୋଇଥିଲେ ହେଁ ସେଥିରୁ ଆହରିତ ଶୀତଳତା ବାସ୍ତବପକ୍ଷରେ ଥଣ୍ଡା ସୃଷ୍ଟି କରେ ନାହିଁ। ଏସବୁ ଉପକରଣ କେବଳ ଗୋଟିଏ ଜାଗାରୁ ଥଣ୍ଡା କାଢ଼ି ନେଇ ଅନ୍ୟ ଜାଗାରେ ଜମା କରନ୍ତି। ଯେପରି, ଫ୍ରିଜ୍ ନିଜ ଭିତରୁ ଥଣ୍ଡା କାଢ଼ି ନେଇ ଘର ଭିତରେ ଜମା କରେ; ଫଳରେ ଘର ଭିତରଟା ଗରମ ଲାଗେ। ସୁତରାଂ ଏସବୁ ଉପକରଣରୁ ଚିରସ୍ଥାୟୀ ଥଣ୍ଡା ମିଳେ ନାହିଁ। ଏହି ପରିପ୍ରେକ୍ଷୀରେ ଶୀତଳତାର ସନ୍ଧାନ ଆମ ପାଇଁ ସତେ ଯେପରି ଅସରନ୍ତି ମୃଗତୃଷ୍ଣାର ଜଳ ପାଲଟିଯାଇଛି। ସୁତରାଂ ଆଗାମୀ ଦିନରେ ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ପାଇଁ ହେଲେ ଆମକୁ ବୋଧହୁଏ ଗାଁ ଗହଳିର ସେହି ପାରମ୍ପରିକ ପଦ୍ଧତିକୁ ପୁଣି ଫେରିଯିବାକୁ ପଡ଼ିବ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ଯକ୍ଷ୍ମା: କାରଣ, ଚିକିତ୍ସା



ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। ଜୀବାଣୁଟିର ନାଁ 'ମାଇକୋବ୍ୟାକ୍ଟେରିୟସ'। ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ରୋଗୀଙ୍କର ଛେପଖଙ୍କାରରେ ଏହି ଜୀବାଣୁ ରହିଥିଲେ ସେହି ରୋଗୀଠାରୁ ସଂକ୍ରମଣ ପ୍ରସାର ଲାଭ କରେ। ରୋଗଟି ବାୟୁବାହିତ। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡ଼େ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକେ ଏହି ରୋଗ ଭୋଗିଥାଆନ୍ତି। କିନ୍ତୁ ମହିଳାମାନଙ୍କ ତୁଳନାରେ ପୁରୁଷମାନେ ଉକ୍ତ ରୋଗଟି ପ୍ରତି ଅଧିକ ସମ୍ବେଦନଶୀଳ। ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥେସ୍କୋପ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପରୀକ୍ଷା କରିଥାଆନ୍ତି। ବେକରେ ଲସିକା ଗ୍ରନ୍ଥି ବଢ଼ିଛି କି ନାହିଁ ପରୀକ୍ଷା କରି ଦେଖନ୍ତି। ଚର୍ମ ତଳେ ଇଞ୍ଜେକଶନ ଦେଇ 'ମାଣ୍ଟ ପରୀକ୍ଷା' କରାଯାଏ। ଏହାବ୍ୟତୀତ ରକ୍ତ ପରୀକ୍ଷା, ଛାତିର ଏକ୍ସ-ରେ ବ୍ୟତୀତ ସ୍ଥଳବିଶେଷରେ ଫୁସ୍‌ଫୁସ୍‌ର ସିଟି ସ୍କାନ ଆବଶ୍ୟକ ପଡ଼ିଥାଏ। ତେବେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ। ଔଷଧ ଖାଇବାରେ ଅନିୟମିତା ହେବା, ଚିକିତ୍ସିତ ହେଲା ବେଳେ ଟିକିଏ ସୁସ୍ଥ ଅନୁଭବ କଲେ ଚିକିତ୍ସା ଅଧାରୁ ଔଷଧ ବନ୍ଦ କରିଦେବା ଆଦୌ ଠିକ୍ ନୁହେଁ। ଏବେ ଡାଇରେକ୍ଟଲି ଅବଜର୍ଭଡ ଥେରାପି ବା 'ଡଟ୍' (DOT) ପଦ୍ଧତିରେ ଚିକିତ୍ସା କରି ସୁଫଳ ମିଳୁଛି।

## ଖାଇବାକୁ ପ୍ରଭାବିତ କରେ ନିଦ୍ରାହୀନତା



ଖାଇବା ଓ ଶୋଇବା ଉଭୟେ ପରସ୍ପରର ପରିପୂରକ। ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଓ ଠିକ୍ ସମୟରେ ଆବଶ୍ୟକ ପରିମାଣର ଶୋଇବା ଆମ ସ୍ୱାସ୍ଥ୍ୟ ପାଇଁ ନିହାତି ଜରୁରୀ। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଯେଉଁମାନଙ୍କ ଠାରେ ଶୋଇବାରେ ଅନିୟମିତତା ଦେଖାଯାଏ, ତାହାର ପ୍ରଭାବ ସେମାନଙ୍କ ଖାଇବା ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହଛି। ଉକ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ରାତିରେ କମ୍ ଶୋଇବା ଦ୍ୱାରା ଏହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନଙ୍କର ଖାଇବା ପ୍ରତି ରୁଚି କମିଯାଇଥାଏ। ତେଣୁ ଜଣେ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଦରକାର। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ ଏବଂ ଖାଇବା ପ୍ରତି ଆଗ୍ରହ ସୃଷ୍ଟି ହୁଏ। କେବଳ ସେତିକି ନୁହେଁ, ବେଳେବେଳେ ରାତିରେ ଶୋଇବାରେ ଅନିୟମିତତା ଲାଗି ରହିଲେ ତାହା ମେଦବହୁଳତାର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଥିପ୍ରତି ସତର୍କ ରହିବା ନିହାତି ଜରୁରୀ।

## ମାନସିକତାକୁ ସକାରାତ୍ମକ ରଖିବାର ସରଳ ଉପାୟ



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ରକ୍ତଦାନ ସମୟରେ...

ରକ୍ତଦାନ ଏକ ମହତ କାମ। ଏହାଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ପକ୍ଷରୁ ଏଭଳି ମହତ କାମ ପାଇଁ ହାତ ବଢ଼ାଇ ଥାଆନ୍ତି। ସେମାନଙ୍କ ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ବ୍ୟକ୍ତି ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ, ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝି ନିଅନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

➤ ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



➤ ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।

➤ ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ପାଚନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏହାବ୍ୟତୀତ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶ ରକ୍ଷା କରିଥାଏ।

➤ ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ମଧ ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।

➤ ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ସେମାନଙ୍କଠାରେ ସକାରାତ୍ମକ ଭାବନା ବୃଦ୍ଧି ପାଇଥାଏ।

## ଦୃଷ୍ଟିଶକ୍ତିକୁ ପ୍ରଖର କରେ ଗାଜର

ଗାଜରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ବିଟା-କାରୋଟିନ୍ ନାମକ ଏକ ତତ୍ତ୍ୱ ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଗାଜରରେ ଭିଟାମିନ୍-ସି ଭରି ରହିଛି। ଏହା ମଧ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହାକୁ ନିୟମିତ ଖାଇଲେ ତାହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ଏହାବ୍ୟତୀତ ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖେ। ପଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଏଥିରେ ଅଧିକ ଥିବାରୁ ଏହା ଅସ୍ଥି ଏବଂ ମଜ୍ଜାକୁ ମଜଭୁତ କରିଥାଏ। ତା' ସହ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ କେତେକାଂଶରେ ସାହାଯ୍ୟ କରେ। ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ। ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

# ଚିର ସ୍ମରଣୀୟ ଜ୍ୟୋତିର୍ବିଜ୍ଞାନୀ ଜୟନ୍ତ ନାର୍ଲିକର



ଇଂ ମାୟାଧର ସ୍ୱାଇଁ


ଭାରତର ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଏବଂ ଜନପ୍ରିୟ ବିଜ୍ଞାନ ଲେଖକ ଜୟନ୍ତ ବିଷ୍ଣୁ ନାର୍ଲିକର ଚଳିତ ମାସ ୨୦ ତାରିଖରେ ପୁଣେ ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ମହାରାଷ୍ଟ୍ରର କୋହ୍ଲାପୁରଠାରେ ୧୯୩୮ ଜୁଲାଇ ୧୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ବିଷ୍ଣୁ ବାସୁଦେବ ନାର୍ଲିକର ଜଣେ ବିଶିଷ୍ଟ ଗଣିତଜ୍ଞ ଥିଲେ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ଥିଲେ।

ନାର୍ଲିକର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଏମ୍‌ଏସ୍‌ଏସି ଡିଗ୍ରୀ କରି ଉଚ୍ଚ ଗବେଷଣା ପାଇଁ ୧୯୫୭ ମସିହାରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଗଲେ। ସେଠାରେ ସେ ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଫ୍ରେଡ୍ ହୋଏଲଙ୍କ ଅଧୀନରେ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ ଉପରେ ଗବେଷଣା କରି ପି.ଏଚ୍.ଡି. ଡିଗ୍ରୀ ପାଇଥିଲେ। ହୋଏଲଙ୍କ ସହିତ ମିଶି ଜ୍ୟୋତିର୍ବିଜ୍ଞାନରେ ଅନେକ ପ୍ରକଳ୍ପରେ କାର୍ଯ୍ୟ କରିଥିଲେ। ସେମାନେ ୧୯୬୪ ମସିହାରେ 'ହୋଏଲ-ନାର୍ଲିକର ମାଧ୍ୟାକର୍ଷଣ ତତ୍ତ୍ୱ' ପ୍ରକାଶ କରିଥିଲେ, ଯାହା ଆଇନଷ୍ଟାଇନ୍‌ଙ୍କ ସାଧାରଣ ଆପେକ୍ଷିକତା ତତ୍ତ୍ୱରେ ଉନ୍ନତି ଆଣିଥିଲା।

ନାର୍ଲିକର ୧୯୬୩ରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ତାତ୍ତ୍ୱିକ ପଦାର୍ଥ ବିଜ୍ଞାନରେ ଅଧ୍ୟାପକ ଭାବରେ ଯୋଗ ଦେଲେ। ୧୯୭୨ ମସିହାରେ ଭାରତ ପ୍ରତ୍ୟାବର୍ତ୍ତନ କରି ସେ ବମ୍ବେ ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନରେ ପ୍ରଫେସର ଭାବରେ ଯୋଗ ଦେଲେ। ସେ ୧୯୭୩ ରୁ ୧୯୭୫ ମସିହା ପର୍ଯ୍ୟନ୍ତ ଜବାହାରଲାଲ ନେହେରୁ ଫେଲୋସିପ୍ ପାଇଥିଲେ ଏବଂ ୧୯୭୯-୮୧ ମସିହାରେ ଜାତୀୟ ଅଧ୍ୟାପକ ଭାବେ ମନୋନୀତ ହୋଇଥିଲେ। ୧୯୮୮ ମସିହାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପୁନେ ଠାରେ 'ଆନ୍ତଃବିଶ୍ୱବିଦ୍ୟାଳୟ ଜ୍ୟୋତିର୍ବିଜ୍ଞାନ ଓ ଜ୍ୟୋତି ପଦାର୍ଥ ବିଜ୍ଞାନ କେନ୍ଦ୍ର' ସ୍ଥାପନ କରିବା ପରେ ନାର୍ଲିକର ଏହାର ପ୍ରଥମ ନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ। ତାଙ୍କ ନେତୃତ୍ୱରେ ଏହି କେନ୍ଦ୍ର ପୃଥିବୀରେ ଜ୍ୟୋତିର୍ବିଜ୍ଞାନୀ ଓ ଜ୍ୟୋତି ପଦାର୍ଥ ବିଜ୍ଞାନ ଶିକ୍ଷା ଓ ଗବେଷଣା ପାଇଁ ଖ୍ୟାତି ଅର୍ଜନ କରିଥିଲେ। ସେ ୨୦୦୩ ମସିହାରେ ସେଠାରୁ ଅବସର ନେଇଥିଲେ।

ଭାରତ ଫେରି ନାର୍ଲିକର ବ୍ରହ୍ମାଣ୍ଡ ବିଜ୍ଞାନ ଉପରେ ଗବେଷଣା ଜାରି ରଖିଥିଲେ। ସେ କ୍ୱାସାର ଏବଂ କୃଷ୍ଣଗର୍ତ୍ତ ଉପରେ ଗବେଷଣା କରିଥିଲେ। ସେ ୧୯୯୪ରୁ ୧୯୯୭ ମସିହା ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନୀ ସଂଘର ବ୍ରହ୍ମାଣ୍ଡ ବିଜ୍ଞାନ ଆୟୋଗର ସଭାପତି ଥିଲେ। ସେ ଗୁରତ୍ୱାକର୍ଷଣ, ମାଚ୍‌ଙ୍କ ନିୟମ, କ୍ୱାଣ୍ଟମ ବ୍ରହ୍ମାଣ୍ଡ ବିଜ୍ଞାନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ।

ଭୂପୃଷ୍ଠରୁ ୪୧ କିମି ଉଚ୍ଚ ବାୟୁମଣ୍ଡଳରେ ଅଣୁଜୀବର ସନ୍ଧାନ ପାଇଁ ୧୯୯୯ ରୁ ୨୦୦୩ ମସିହା ପର୍ଯ୍ୟନ୍ତ ଏକ ଅନ୍ତର୍ଜାତୀୟ ଗବେଷକ ଦଳ ଗଠନ କରାଯାଇଥିଲା। ନାର୍ଲିକର ଏହାର ନେତୃତ୍ୱ ନେଇଥିଲେ। ସଂଗ୍ରହ କରାଯାଇଥିବା ନମୁନା ଅଧ୍ୟୟନରୁ



ଜୟନ୍ତ ବିଷ୍ଣୁ ନାର୍ଲିକର

ସେଥିରେ ଜୀବନ୍ତ କୋଷିକା ଓ ବ୍ୟାକ୍ଟେରିଆ ଥିବା ଜଣାପଡ଼ିଲା। ଏଥିରୁ ବିଶ୍ୱାସ କରାଯାଏ ଯେ ବାହ୍ୟଜଗତରୁ ପୃଥିବୀକୁ ଅଣୁଜୀବ ଆସିଥାଇପାରନ୍ତି।

ନାର୍ଲିକର ଜଣେ ଜନପ୍ରିୟ ବିଜ୍ଞାନ ଲେଖକ ଥିଲେ। ଇଂଲିଶ୍, ହିନ୍ଦୀ ଓ ମରାଠୀ ଭାଷାରେ ସେ କେତୋଟି ଜନପ୍ରିୟ ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି। ବିଜ୍ଞାନକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ଜଟିଳ ବିଜ୍ଞାନ ତତ୍ତ୍ୱଗୁଡ଼ିକୁ ବିଭିନ୍ନ ପତ୍ରପତ୍ରିକା ଓ ଟେଲିଭିଜନ ମାଧ୍ୟମରେ ପ୍ରକାଶ କରିଛନ୍ତି। ନିଜର ବ୍ୟସ୍ତ କର୍ମମୟ ଜୀବନ ଗବେଷଣା ଭିତରେ ମଧ୍ୟ ସେ ଛୋଟ ଛୋଟ ପିଲାମାନଙ୍କ ପ୍ରଶ୍ନର ଉତ୍ତର ପ୍ରାୟ ପ୍ରତିଦିନ ଦେଉଥିଲେ। ସେ ଦୂରଦର୍ଶନ ପାଇଁ 'ବ୍ରହ୍ମାଣ୍ଡ' ଏବଂ 'ଧୂମକେତୁ' ନାମକ ଦୁଇଟି ଉନ୍ନତମାନର ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ବିଜ୍ଞାନକୁ ଜନପ୍ରିୟ କରିଥିବା ହେତୁ ତାଙ୍କୁ ୧୯୯୬ ମସିହାରେ ୟୁନେସ୍କୋ ପ୍ରଦତ୍ତ କଳିଙ୍ଗ ପୁରସ୍କାର ପ୍ରଦାନ କରାଯାଇଥିଲା।

ନାର୍ଲିକର ପାଇଥିବା ପ୍ରମୁଖ ପୁରସ୍କାରଗୁଡ଼ିକ ମଧ୍ୟରେ ରହିଛି- ସ୍ମିଥ ପୁରସ୍କାର, ଆଦାମ ପୁରସ୍କାର, ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର, ଏମ୍.ପି. ବିରଳା ପୁରସ୍କାର ଏବଂ ଇନ୍ଦିରା ଗାନ୍ଧୀ ପୁରସ୍କାର। ସେ ଭାରତୀୟ ବିଜ୍ଞାନ ଏକାଡେମୀ, ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ, ଏବଂ କେମ୍ବ୍ରିଜ ଫିଲୋସୋଫିକାଲ ସୋସାଇଟିର ସଦସ୍ୟ ଭାବରେ ନିର୍ବାଚିତ ହେଉଥିଲେ। ଭାରତ ସରକାର ତାଙ୍କୁ ୧୯୬୫ରେ ପଦ୍ମଭୂଷଣ ଏବଂ ୨୦୦୪ରେ ପଦ୍ମବିଭୂଷଣ ଉପାଧିରେ ସମ୍ମାନିତ କରିଥିଲେ। ୨୦୧୪ରେ ତାଙ୍କ ଆତ୍ମଜୀବନୀ ପୁସ୍ତକ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା।

ନାର୍ଲିକରଙ୍କ ପତ୍ନୀ ମଙ୍ଗଳା ନାର୍ଲିକର ମଧ ଜଣେ ଗଣିତଜ୍ଞ ଥିଲେ। ତାଙ୍କର ତିନି ଝିଅଙ୍କ ମଧ୍ୟରେ ବଡ଼ ଝିଅ ଗୀତା କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଜୀବବିଜ୍ଞାନରେ ଗବେଷକ ଥିବା ବେଳେ ଅନ୍ୟ ଦୁଇ ଝିଅ ଗିରିଜା ଏବଂ ଲୀଳାବତୀ କମ୍ପ୍ୟୁଟର ବିଜ୍ଞାନରେ କାର୍ଯ୍ୟ କରୁଛନ୍ତି।

-୭୦, ଲକ୍ଷ୍ମୀବିହାର,
ଫେଜ୍ ୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୨୬/୨୦୨୫ Bhubaneswar, Monday, May 26/ 2025

# ଚେନ୍ନାଇର ବଡ଼ ବିଜୟ କ୍ଲାସେନଙ୍କ ବିସ୍ଫୋରକ ଶତକ



ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଡେୱାଲ୍ଡ ବ୍ରେଭିସ।

**ଅହମଦାବାଦ,୨୫।୫**

ଡେୱାଲ୍ଡ ବ୍ରେଭିସ ଓ ଡେଭନ କନୱେଙ୍କ ଅର୍ଦ୍ଧଶତକ ବଳରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୮୩ ରନର ବଡ଼ ବ୍ୟବଧାନରେ ଗୁଜରାଟ ଟାଇଟନ୍ସ (ଜିଟି)କୁ ପରାସ୍ତ କରିଛି। ଏହି ବିଜୟ ସହ ସିଏସ୍‌କେ ତା'ର ଅଭିଯାନ ଶେଷ କରିଛି। ଅନ୍ୟପକ୍ଷରେ ଗୁଜରାଟ ଲାଗି ଏହା ସର୍ବବୃହତ୍ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇକୁ ଆୟୁଷ ମାହାତ୍ରେ ଓ ଡେଭନ କନୱେଙ୍କ ଓପନିଂ ଯୋଡ଼ି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ୩.୪ ଓଭରରେ ୪୪ ରନ ଯୋଡ଼ିଥିଲେ। ମାହାତ୍ରେ ୧୭ ବଲରେ ୩ ଲେଖାଏ ଚୌକା ଓ ଛକା ସହିତ ୩୪ ରନ କରି ଆଉଟ୍ ହୋଇଥିଲେ। ଅନ୍ୟତମ ଓପନର କନୱେ ଓ ଉର୍ଭିଲ ପଟେଲ ଦ୍ୱିତୀୟ ଉଇକେଟରେ ୬୩ ରନ ଯୋଡ଼ିଥିଲେ। ଉର୍ଭିଲ ୧୯ ବଲରେ ୪ ଚୌକା ଓ ୨ ଛକା ସହିତ ୩୭ ଏବଂ କନୱେ ୩୫ ବଲରେ ୬ ଚୌକା ଓ ୨ ଛକା ସହିତ ୫୨ ରନ କରି ପାଭିଲିଅନ ଫେରିଥିଲେ। ଶିବମ ଦୁବେ ୮ ବଲରେ ୨ ଛକା ସହାୟତାରେ ୧୭ ରନ୍ କରିଥିଲେ। ଶେଷ ଆଡ଼କୁ ବ୍ରେଭିସ ୨୩ ବଲରେ ୪ ଚୌକା ଓ ୫ ଛକା ସହିତ ବିସ୍ଫୋରକ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତାଙ୍କୁ ରବୀନ୍ଦ୍ର ଜାଡେଜା (୨୧ ରନ, ୧ ଲେଖାଏ ଚୌକା ଓ ଛକା) ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ। ଫଳରେ ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୩୦ ରନ କରିଥିଲା। ଚଳିତ ଆଇପିଏଲ୍‌ର ସିଏସ୍‌କେର ଏହା ସର୍ବାଧିକ ଦଳଗତ ସ୍କୋର ଥିଲା। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଗୁଜରାଟ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟର ଉଦ୍ଧାର କରିପାରି ନ ଥିଲେ। ଫଳରେ ଦଳ ୧୮.୩ ଓଭରରେ ୧୪୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ସର୍ବାଧିକ ୪୧ (୬ ଚୌକା), ଆର୍ଶଦ ଖାନ ୨୦(୩ ଛକା) ଓ ଶାହରୁଖ ଖାନ ୧୯ (୨ ଛକା) ରନ କରିଥିଲେ। ସିଏସ୍‌କେ ପାଇଁ ଅଂଶୁଲ କାମ୍ବୋଜ ଓ ନୁର ଅହମଦ ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ୨ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୩୦/୫ (ଡେୱାଲ୍ଡ ବ୍ରେଭିସ-୫୭, ଡେଭନ କନୱେ-୫୨, ଉର୍ଭିଲ ପଟେଲ-୩୭, ଆୟୁଷ ମାହାତ୍ରେ-୩୪, ପ୍ରସିଦ୍ଧ କ୍ରିଷ୍ଣା-୨/୨୨, ଶାହରୁଖ ଖାନ-୧/୧୩)। ଗୁଜରାଟ ଟାଇଟନ୍ସ: ୧୮.୩ ଓଭରରେ ୧୪୭/ଅଲଆଉଟ୍ (ସାଇ ସୁଦର୍ଶନ-୪୧, ଆର୍ଶଦ ଖାନ-୨୦, ଅଂଶୁଲ କାମ୍ବୋଜ-୩/୧୩, ନୁର ଅହମଦ-୩/୨୧, ରବୀନ୍ଦ୍ର ଜାଡେଜା-୨/୧୭)।



ଶଟ୍ ଖେଳିବା ଅବସରରେ ହେନ୍‌ରିଚ୍ କ୍ଲାସେନ।

**ନୂଆଦିଲ୍ଲୀ,୨୫।୫**

ଚଳିତ ଆଇପିଏଲ୍‌ରେ ରବିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଓ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ପରସ୍ପରକୁ ଭେଟିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ହେନରିଚ୍ କ୍ଲାସେନଙ୍କ ବିସ୍ଫୋରକ ଶତକ ବଳରେ ପ୍ରତିପକ୍ଷ କୋଲକାତା ଆଗରେ ୨୭୯ ରନର ବିଶାଳ ଟାର୍ଗେଟ ଧାର୍ଯ୍ୟ କରିଛି।

ଟସ୍ ଜିତି ହାଇଦ୍ରାବାଦ୍ ଅଧିନାୟକ ପ୍ୟାଟ କୁମନ୍ସ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ନିଷ୍ପତ୍ତିକୁ ଟ୍ରାଭିସ ହେଡ ଓ ଅଭିଷେକ ଶର୍ମାଙ୍କ ଓପନିଂ ଯୋଡ଼ି ସଠିକ୍ ପ୍ରମାଣ କରିଥିଲେ। ଦୁହେଁ ମାତ୍ର ୬.୫ ଓଭରରେ ୯୨ ରନ କରିଥିଲେ। ଅଭିଷେକ ୧୬ ବଲରେ ୪ ଚୌକା ଓ ୨ ଛକା ସହିତ ୩୨ ରନ କରି ଆଉଟ୍ ହୋଇଥିଲେ। ହେଡ ଓ କ୍ଲାସେନ ଦ୍ୱିତୀୟ ଉଇକେଟ ଲାଗି ଦଳୀୟ ସ୍କୋରରେ ୩୫ ବଲରେ ୮୩ ରନ ଯୋଡ଼ିଥିଲେ। ହେଡ ୪୦ ବଲରେ ୬ ଲେଖାଏ ଚୌକା ଓ ଛକା ସହିତ ୭୬ ରନ କରି ପାଭିଲିଅନ ଫେରିଥିଲେ। ଦୁଇ ଓପନରଙ୍କୁ ସୁନୀଲ ନାରିନ ଆଉଟ୍ କରିଥିଲେ। ଏହାପରେ କ୍ଲାସେନ ଓ ଇଶାନ କିଶନ ତୃତୀୟ ଉଇକେଟରେ ୮୩ ରନ ଯୋଡ଼ିଥିଲେ। କିଶନ ୨୯ (୪ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। କ୍ଲାସେନ ୩୭ ବଲରେ ଶତକ ପୂରଣ କରିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ଦ୍ୱିତୀୟ ଶତକ ଥିଲା। ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା କ୍ଲାସେନ ୩୯ ବଲରେ ୧୦୫ ରନର ପାଳି ଖେଳିଥିଲେ। ତାଙ୍କ ଇନିଂସରେ ୭ ଚୌକା ଓ ୯ ଛକା ସାମିଲ ଥିଲା। ଫଳରେ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୭୮ ରନ କରିଥିଲା। ଏହା ଆଇପିଏଲ୍ ଇତିହାସର ତୃତୀୟ ସର୍ବାଧିକ ଦଳଗତ ସ୍କୋର।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୨୭୮/୩ (ହେନରିଚ୍ କ୍ଲାସେନ-୧୦୫*, ଟ୍ରାଭିସ ହେଡ-୭୬, ଅଭିଷେକ ଶର୍ମା-୩୨, ଇଶାନ କିଶନ-୨୯, ସୁନୀଲ ନାରିନ-୨/୪୨, ବୈଭବ ଆରୋରା-୧/୩୯)।

## ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ)**

**ପଞ୍ଜାବ**

**ବନାମ ମୁମ୍ବାଇ**

**ସ୍ଥାନ: ଜୟପୁର**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ପଞ୍ଜାବ କିଙ୍ଗ୍ସ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୫ | ୭ | ୧ | ୧୧ | -୦.୭୩୭ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୦ | ୮ | -୦.୬୪୭ |



FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BERHAMPUR: ARYA TVS: 9777440614, 9937081356; PHULBANI: SAI SREE TVS: 8860747708. Authorised Dealers: BEGUNIAPADA:9692843638, PURUSHOTTAMPUR:9337662970, ASKA:9861046837, CHIKITI:9348210610 PARLAKHEMUNDI:8895876466, POLOSARA:9861838393, CHATRAPUR:9556570263, RAMBHA:9438054346 DIGAPAHANDI:9348210610, HINJILIKATU:9937296473, SHERAGADA:9938077720, GUNUPUR:9437338450 MAHENDRAGADA:9937411800, BUGUDA:8800228619, JAGANNATHPRASAD:9938654979 SURADA:8328983625, BALIGUDA:9337278590, G. UDAYAGIRI:9437181297.
dentsu/dha ber/03/25

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ